

ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-102 ◆WEDNESDAY ◆8 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୨ ◆ବୁଧବାର ◆୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଜିଠୁ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟରେ ପେମେଣ୍ଟ




### ଦେବାକୁ ପଡ଼ିବନି ପିନ୍

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସହଜ ଓ ସୁରକ୍ଷିତ କରିବା ପାଇଁ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାର କ୍ଷେତ୍ରରେ ଆସନ୍ତାକାଲିଠାରୁ ଲାଗୁ ହେବାକୁ ଯାଉଛି ନୂଆ ନିୟମ। ଏହି ନିୟମ ଅନୁଯାୟୀ, ଏଣିକି ୟୁପିଆଇରେ ଅର୍ଥ ନେଣଦେଣ କରୁଥିବା ୟୁଜର୍ସଙ୍କୁ ପେମେଣ୍ଟ କରିବା ପାଇଁ ଆଉ ପିନ୍ ଦେବାକୁ ପଡ଼ିବନାହିଁ। ଏହା ବଦଳରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ବା ଟିପଚିହ୍ନ ଦ୍ୱାରା ପେମେଣ୍ଟ କରିହେବ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜାରି କରିଥିବା ମାର୍ଗଦର୍ଶିକା ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି, ଯେଉଁଥିରେ ପେମେଣ୍ଟ ପାଇଁ ବିକଳ୍ପ ଅଥେଣ୍ଟିକେସନ ବା ଭେରିଫାଏ କଥା କୁହାଯାଇଥିଲା।

ଏହି ନୂତନ ପଦ୍ଧତି ୟୁପିଆଇ ପେମେଣ୍ଟକୁ ଅଧିକ ସୁବିଧାଜନକ, ସୁରକ୍ଷିତ ଏବଂ ବ୍ୟବହାରକାରୀ-ଅନୁକୂଳ କରିବ। ନୂତନ ବୈଶିଷ୍ଟ୍ୟଗୁଡ଼ିକ ୟୁପିଆଇ ପେମେଣ୍ଟ କରିବା ପାଇଁ ପିନ୍‌ର ଆବଶ୍ୟକତାକୁ ଇଚ୍ଛାଧୀନ କରିବ। ଏକ ରିପୋର୍ଟ ଅନୁସାରେ, ନୂଆ ସୁବିଧା ଦ୍ୱାରା ପେମେଣ୍ଟର ଅଥେଣ୍ଟିକେସନ ଭାରତ ସରକାରଙ୍କ ଆଧାର ସିଷ୍ଟମରେ ଥିବା ବାୟୋମେଟ୍ରିକ୍ସ ▶ପୃଷ୍ଠା-୭

## ବସ୍ ଉପରେ ଧସିଲା ପାହାଡ଼; ୧୮ ମୃତ, ଫସିଛନ୍ତି ୧୦



■ ବିଳାସପୁର, ୭।୧୦ (ଏଜେନ୍ସି): ହିମାଚଳ ପ୍ରଦେଶ ବିଳାସପୁର ଜିଲ୍ଲାର ଭାଲୁଘାଟ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ଧରଣର ଭୂସ୍ଖଳନରେ ଏକ ଘରୋଇ ବସ୍ ପୋତି ହୋଇଯାଇଛି। ଦୁର୍ଘଟଣାରେ ୧୮ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ୧୦ରୁ ଅଧିକ ଯାତ୍ରୀ ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ୨ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବସ୍‌ରେ ପ୍ରାୟ ୩୦ ଜଣ ଯାତ୍ରା କରୁଥିଲେ। ବସ୍‌ଟି ହରିୟାଣା ରୋହତକରୁ ବିଳାସପୁର ନିକଟସ୍ଥ ଘୁମରାୱନକୁ ଯାଉଥିବ ସମୟରେ ଏହା ଉପରେ ପାହାଡ ଧସି ଯାଇଥିଲା। ସୂଚନା ପାଇବା ପରେ ଏସ୍‌ଡିଆରଏଫ ଏବଂ ପୁଲିସ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଆଜି ପ୍ରବଳ ବର୍ଷା ଯୋଗୁଁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି।

# ସୀମା ଟପିଲାଣି ଅରାଜକତା

## ରାଜ୍ୟରେ ରେକର୍ଡ ଭାଙ୍ଗୁଛି ହତ୍ୟା, ଦୁଷ୍କର୍ମ

■ ଭୁବନେଶ୍ୱର, ୭ ।୧୦ (ସମିସ): ରାଜ୍ୟରେ ବିଗିଡ଼ି ଗଲାଣି ଆଇନଶୃଙ୍ଖଳା। ପୁଲିସକୁ ଅପରାଧୀଙ୍କ ଖାତିର ନାହିଁ। ଦିନ ଦିପହରେ ଅଣ୍ଟାରେ ବନ୍ଧୁକ ଖୋସି ଅପରାଧୀ ରାଜୁତି କରୁଛନ୍ତି। ଯେଉଁଠି ଯାହାକୁ ପାରିଲେ ମଉକା ପାଇ ଗୁଳି କରୁଛନ୍ତି। ପ୍ରତିଦିନ ରାଜ୍ୟର ସବୁ ଅଞ୍ଚଳରୁ ହତ୍ୟା, ରାହାଜାନୀ, ସାମ୍ପ୍ରଦାୟିକ ଗଣ୍ଡଗୋଳ ଘଟଣା ସାମନାକୁ ଆସିବାରେ ଲାଗିଛି। ଗତ ୧୫ ମାସ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ ଆଦି

### କଥା କଥାକେ ଫୁଟୁଛି ଗୁଳି, ବୁଲୁଛି ଖଣ୍ଡା

### ଦିନକୁ ହାରାହାରି ୧୫ ଦୁଷ୍କର୍ମ, ୪ ହତ୍ୟା

ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବ ଭଙ୍ଗ ହୋଇଛି। ପାଞ୍ଚଟି ସ୍ଥାନରେ କର୍ଫ୍ୟୁ ଲାଗିଛି। ଗତ ୩ ଦଶନ୍ଧିରେ ସମ୍ଭବତଃ ପ୍ରଥମଥର ପାଇଁ ଭାଇଚାରାର ସହର କୁହାଯାଉଥିବା କଟକ ସହରବାସୀ ପୁଣିଥରେ କର୍ଫ୍ୟୁର ସମ୍ମୁଖୀନ ହୋଇଛନ୍ତି।

ମୋଟାମୋଟି ଭାବରେ ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ କି ସରକାରଙ୍କ ଅଙ୍କୁଶ ନାହିଁ। କଟକ ଭସାଣିକୁ ନେଇ ଗଣ୍ଡଗୋଳ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବେଳେ ବ୍ରହ୍ମପୁରରେ ଶାସକ ଦଳର ଜଣେ ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଏହା ପ୍ରଶ୍ନ ଉଠାଇଛି। କଟକ ଘଟଣା ପରେ ପୁଲିସ



ଗୁଇନ୍ଦା ବ୍ୟବସ୍ଥା ନିଷ୍କ୍ରିୟ ହୋଇଥିବା ଭଳି ଲାଗୁଛି। ବ୍ରହ୍ମପୁରରେ ଆଇନଜୀବୀଙ୍କ ହତ୍ୟା ଘଟଣା ଅରାଜକତା ଉପରେ ମୋହର ମାରିଛି। ଦୁଷ୍କର୍ମ, ଗଣଦୁଷ୍କର୍ମରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବା ଓଡ଼ିଶା ଏବେ ହତ୍ୟାରେ ନୂଆ ରେକର୍ଡ଼ କରିବାକୁ ଯାଉଛି। ଗତ କେଇଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୯ଟି ହତ୍ୟାକାଣ୍ଡ ପଞ୍ଜୀକୃତ ହୋଇଥିଲେ ହେଁ ଏହି ମାମଲାରେ ମାତ୍ର ୧୫ ଜଣଙ୍କୁ ପୁଲିସ ଗିରଫ କରିବାକୁ ସମର୍ଥ ହୋଇଛି।

ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ରାଜ୍ୟରେ ୩୦୫୪ଟି ବଳାତ୍କାର ଓ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଛି। ସେହିପରି ୩୫୬ ▶ପୃଷ୍ଠା-୭

## କ୍ଷୋଭ ପ୍ରକାଶ କଲେ ନବୀନ



### ଆଇନଶୃଙ୍ଖଳା ଦୃଢ଼ ରଖିବାରେ ସରକାର ସମ୍ପୂର୍ଣ୍ଣ ବିଫଳ

### ଉତ୍ସବ ମଧ୍ୟରେ ରାଜ୍ୟରେ ସୃଷ୍ଟି ହୋଇଛି ଭୟର ବାତାବରଣ

### ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ତତ୍ପର ହେବା ଜରୁରୀ

■ ଭୁବନେଶ୍ୱର, ୭।୧୦ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ପ୍ରତିଦିନି ରାଜ୍ୟର କୋଣଅନୁକୋଣରେ ଅଘଟଣ ଘଟୁଛି। ମହିଳା ହିଂସା, ଦୁଷ୍କର୍ମ ପରି ଘଟଣାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ ହୋଇଥିବା ବେଳେ ଦଙ୍ଗା, ହତ୍ୟାକାଣ୍ଡ ପରି ଅପରାଧକୁ ନେଇ ମଧ୍ୟ ରାଜ୍ୟବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ରାଜ୍ୟରେ ଏପରି ସଂଗିନ ସ୍ଥିତିକୁ ନେଇ କ୍ଷୋଭ ଏବଂ ଚିନ୍ତା ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ ରଖିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି; ଯାହା ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରୁଛି ବୋଲି ▶ପୃଷ୍ଠା-୭

### ବିହାରରେ ଏସ୍‌ଆଇଆର୍ ବିଭ୍ରାନ୍ତି

## ତଥ୍ୟ ମାଗିଲେ ସୁପ୍ରିମକୋର୍ଟ



### ନାମ କଟିଥିବା ୩.୬୬ ଲକ୍ଷ ଭୋଟର ଓ ନୂଆ ମତଦାତାଙ୍କ ସୂଚନା ଦେବେ କମିସନ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ବିହାରରେ ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୩ ଲକ୍ଷ ୬୬ ହଜାର ଭୋଟରମାନଙ୍କ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ୯ ତାରିଖ ସୁଦ୍ଧା ଏସଂପର୍କରେ ବିସ୍ତୃତ ତଥ୍ୟ ଦାଖଲ କରିବା ନିମନ୍ତେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଚୂଡ଼ାନ୍ତ ଭୋଟର ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ା ଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ କୁହାଯାଇଛି। ଚୂଡାନ୍ତ ତାଲିକାରେ ୨୧ ଲକ୍ଷ ଭୋଟରଙ୍କ ନାମ ଯୋଡ଼ାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର ଏବଂ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା କହିଛନ୍ତି କୋର୍ଟ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ବିହାର ଏସ୍‌ଆଇଆର୍ ମାମଲାର ଶୁଣାଣି କରିବା ସମୟରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କ ସଂପର୍କରେ ଯାହା ବି ତଥ୍ୟ ରହିଛି, ତାହା ଦେବାକୁ ପଡ଼ିବ। ଏଥିପାଇଁ କମିସନଙ୍କୁ ଆଉ ଦୁଇ ଦିନର ସମୟ ଦିଆଯାଇଛି। ଆସନ୍ତା ୯ ତାରିଖରେ କମିସନ ଏହି ତଥ୍ୟ ଦେବେ। ସେହିଭଳି ମାନ୍ୟବର ଖଣ୍ଡପୀଠ ଉଦବେଗ ଜଣାଇଥିଲେ ଯେ ଚୂଡ଼ାନ୍ତ ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ତାହାକୁ ନେଇ ବିଭ୍ରାନ୍ତି ରହିଛି। ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ନାମ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ)ରୁ ବାଦ୍ ପଡ଼ିଥିଲା କି? ଖଣ୍ଡପୀଠଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ କହିଥିଲେ ଯେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର। ▶ପୃଷ୍ଠା-୭

### ପୀତବାସ ପଣ୍ଡା ହତ୍ୟା ଘଟଣା

## ପୁଲିସ ସ୍କାନରରେ ଶେଷ ୪ ଫୋନ୍‌କଲ୍

■ ବ୍ରହ୍ମପୁର, ୭ ।୧୦ (ସମିସ): ଶାସକ ଦଳର ଜଣେ ଆଗଧାଡ଼ିର ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି କରିଛି। ଗତକାଲି ପବିତ୍ର କୁମାର ପୂର୍ଣ୍ଣିମା ରାତିରେ ବ୍ରହ୍ମପୁରର ସହରର ବୈଦ୍ୟନାଥପୁର ଥାନା ବୈକୁଣ୍ଠନଗର ସ୍ଥିତ ଘରଠାରୁ ମାତ୍ର ୫୦ ମିଟର ଦୂରରେ ବିଚ୍ ରାସ୍ତାରେ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିଲେ ଦୁର୍ବୃତ୍ତ। ଗୁଳିମାଡ଼ ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। କିନ୍ତୁ ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ହାତ ଖାଲି ରହିଛି।

### ଗୁଳିକାଣ୍ଡ ପଛରେ ବୃତ୍ତିଗତ, ରାଜନୈତିକ, ବ୍ୟକ୍ତିଗତ ଶତ୍ରୁତା ନା ସୂଚନା ଅଧିକାର ଆକ୍ରୋଶ

ସୋମବାର ରାତି ୯ଟା ୪୨ରେ ଗୋଟିଏ ଗ୍ଲାମର ବାଇକ୍‌ରେ ଦୁଇଜଣ ଯୁବକ ଗେଟ୍‌ବଜାର ଛକରୁ ପୀତବାସ ପଣ୍ଡାଙ୍କ ଘର ଗଳି ପର୍ଯ୍ୟନ୍ତ ଚକ୍କର ମାରିଥିଲେ। ଏହାପରେ ଯୋଜନା ମୁତାବକ ହତ୍ୟା କରିଥିଲେ। ଗୁଳିମାଡ଼ ପୂର୍ବରୁ ଅର୍ଥାତ ସୋମବାର ଆଇନଜୀବୀ ପୀତବାସ ପଣ୍ଡା କାହା କାହା ସହିତ ଫୋନ୍‌ରେ କଥା ହୋଇଥିଲେ ସେନେଇ ପୁଲିସ ଯାଞ୍ଚ କରୁଛି। ଘଟଣାର ▶ପୃଷ୍ଠା-୭

## ରାଜ୍ୟରେ ଆଇନଜୀବୀଙ୍କ କଲମ ଛାଡ଼ ଆଜି

### ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିସିଆଇର ଚିଠି

■ କଟକ,୭। ୧୦ (ସମିସ): ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣାକୁ ରାଜ୍ୟ ବାର୍ କାଉନସିଲ୍ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟରେ ଆଇନଜୀବୀମାନେ ସମ୍ପୂର୍ଣ୍ଣ କଲମଛାଡ଼ କରିବେ। ବାର୍ କାଉନସିଲର ଆଜି ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ, ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା ▶ପୃଷ୍ଠା-୭

### ଚାକିରି ବେପାର; ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଆଉ ଦୁଇ ଅଟକ

## କ୍ରାଇମବ୍ରାଞ୍ଚ୍‌ର କାତ ପାଉନି



### ଘୋଟାଲାରେ ଓପିଆର୍‌ବି କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ

### କାହା ମଧ୍ୟସ୍ଥତାରେ ହୋଇଥିଲା ସିଲିକନ୍ ଓ ପଞ୍ଚସଫ୍ଟ ବୁଝାମଣା

■ ଭୁବନେଶ୍ୱର, ୭ ।୧୦ (ସମିସ): ପୁଲିସ ଏସ୍‌ଆଇ ଚାକିରି ବେପାରକୁ ନେଇ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ହୁଲସ୍ଥୁଲ ହେଉଛି। ମଧ୍ୟପ୍ରଦେଶର ବ୍ୟାପମ୍ ଓ ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଜାଲିଆତିଠାରୁ ଓଡ଼ିଶା ପୁଲିସ ଚାକିରି ବିକ୍ରି ଅଧିକ ଭୟଙ୍କର ବୋଲି କୁହାଯାଉଛି। ଗତ ୩୦ ତାରିଖ ରାତିରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ୩ ଦଲାଲ ଗିରଫ ହେବା ପରେ ଆଉ ୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଧରିଛି। ମାତ୍ର କୌଣସି ସୂତ୍ରରୁ କିଛି ଠୋସ୍ ଖବର ଓ ପ୍ରମାଣ କ୍ରାଇମବ୍ରାଞ୍ଚ ଯୋଗାଡ଼ କରିବାରେ ସକ୍ଷମ ହୋଇ ନ ଥିବା କୁହାଯାଉଛି। ପରୀକ୍ଷାର୍ଥୀଙ୍କ ବ୍ୟତୀତ ଏଯାଏ ୬ ଜଣ ଲୋକଙ୍କୁ କ୍ରାଇମବ୍ରାଞ୍ଚ ଧରିଛି ଓ ସେମାନଙ୍କୁ ଜେରା ଚଳାଇଛି। ମାତ୍ର ଷଡ଼ଯନ୍ତ୍ରର ପଶାପାଲିରେ ଏହି ସୈନିକମାନଙ୍କଠାରୁ ବିଶେଷ କିଛି ତଥ୍ୟ ମିଳି ପାରୁ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ ଅନେକ ବଡବଡ଼ିଆଙ୍କ ଭୂମିକା ଥିବା ଜଳଜଳ ଦିଶୁଛି। ପଞ୍ଚ ସଫ୍ଟର ଶଙ୍କର ପୃଷ୍ଟି, ମଧ୍ୟସ୍ଥି ମୁନା ମହାନ୍ତି ସହ ସିଲିକନ୍ ଟେକ୍‌ଲାବ୍‌ର ସମ୍ପୃକ୍ତି ଏକପ୍ରକାର ସ୍ପଷ୍ଟ ହୋଇଛି। ମାତ୍ର ତଦନ୍ତ ଆଗକୁ ବଢ଼ିପାରୁ ନାହିଁ। କେଉଁ ପରିସ୍ଥିତିରେ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା ଠିକା ନେଇଥିବା ଆଇଟିଆଇ ଲିମିଟେଡ୍ ଓଡ଼ିଶାର ସିଲିକନ୍ ଟେକ୍‌ଲାବକୁ ପରୀକ୍ଷା ଦାୟିତ୍ୱ ଦେଲା ତାହା ଏଯାଏ ଅସ୍ପଷ୍ଟ। ଅନୁରୂପ ଭାବରେ ସିଲିକନ୍ ଟେକ୍‌ଲାବ୍ କାହିଁକି ଓ କେଉଁ ଉଦ୍ଦେଶ୍ୟରେ କୁଖ୍ୟାତ ଶଙ୍କରର ଅଖ୍ୟାତ ସଂସ୍ଥା ପଞ୍ଚ ସଫ୍ଟକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କଲା ତାହା ମଧ୍ୟ ରହସ୍ୟମୟ। ଓପିଆର୍‌ବି କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିବା ଅନେକ ଦିଗକୁ ଇଙ୍ଗିତ କରିଛି। ହୁଏତ ଓପିଆର୍‌ବି କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ଜ୍ଞାତସାରରେ ଏହି ସବଲେଟ୍ ▶ପୃଷ୍ଠା-୭

## ହଟିଲା କର୍ଫ୍ୟୁ; ଚାଲିଲା କଟକ

### ସ୍ୱାଭାବିକ ହେଲା ଇଣ୍ଟର୍‌ନେଟ୍ ସେବା



■ କଟକ, ୭ ।୧୦ (ସମିସ): ଦୁର୍ଗାମେଢ଼ ଭସାଣ ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ ଜନିତ ଅଶାନ୍ତି ଯୋଗୁଁ ଲାଗୁ ହୋଇଥିବା ୩୬ ଘଣ୍ଟାର କର୍ଫ୍ୟୁ ଉଠିବା ପରେ ମଙ୍ଗଳବାର ସନ୍ଧ୍ୟାରୁ ଅତି ସନ୍ତର୍ପଣରେ ଚାଲିବା ଆରମ୍ଭ କରିଛି କଟକ। ଦୁଇ ଦିନର ବନ୍ଦୀ ଜୀବନ ପରେ ସହରବାସୀ ଘରୁ ବାହାରିଛନ୍ତି। ସହରର ସ୍ଥିତି ଧୀରେଧୀରେ ସ୍ୱାଭାବିକ ହୋଇ ଶାନ୍ତି ଫେରୁଛି। ଅନ୍ୟପକ୍ଷରେ ଶୋଭାଯାତ୍ରା ଗଣ୍ଡଗୋଳ ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୯ ଜଣଙ୍କୁ ଗିରଫ କରିଛି। ବନ୍ଦ ରହିଥିବା ଇଣ୍ଟର୍‌ନେଟ୍ ସେବା ସ୍ୱାଭାବିକ ହୋଇଛି।

### ପାଟ୍ରୋଲିଂ କଡ଼ାକଡ଼ି; ଗିରଫ ହେଲେଣି ୯

### ସୋସିଆଲ୍ ମିଡିଆ ଉପରେ ତୀକ୍ଷ୍ଣ ନଜର

କର୍ଫ୍ୟୁ ହଟିବା ପରେ ଛତ୍ରବଜାର, ମାଲଗୋଦାମ ସମେତ ସାରା ସହରରେ ଭିଡ଼ ପରିଲକ୍ଷିତ ହୋଇଛି। ପୁଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଦୋକାନଗୁଡ଼ିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଛି। ଦରଘାବଜାର ଥାନା ସମେତ ସହରର ସମ୍ବେଦନଶୀଳ ସ୍ଥାନକୁ ପୁଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ▶ପୃଷ୍ଠା-୭

## ଘାସିରାମ କଂଗ୍ରେସର ନୂଆପଡ଼ା ପ୍ରାର୍ଥୀ



■ ଭୁବନେଶ୍ୱର, ୭।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ତାରିଖ ଘୋଷଣା ହେବାର ଗୋଟିଏ ଦିନ ପରେ କଂଗ୍ରେସ ଦଳ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ଭାବେ ଲଢ଼ି ପ୍ରାୟ ୫୧ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ଦଳ ଏଠାରୁ ପ୍ରାର୍ଥୀ କରିଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଅନୁମୋଦନ ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ଘାସିରାମଙ୍କ ▶ପୃଷ୍ଠା-୭

### ଚିନ୍ତା ବଢ଼ାଉଛି ଆର୍ଥିକ ପରିଚାଳନା

## ସରକାରଙ୍କ ସିନ୍ଦୁକରେ ବଜେଟ ବରାଦ

### ୫ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୨୭ ପ୍ରତିଶତ ଆବଣ୍ଟିତ ଅର୍ଥ

■ ଭୁବନେଶ୍ୱର, ୭।୧୦ (ସମିସ): ଏକ ସମୟରେ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ସୁନାମ ଅର୍ଜନ କରିଥିଲା। କେନ୍ଦ୍ର ସରକାର ଏଥିପାଇଁ ଓଡ଼ିଶାକୁ ବାରମ୍ବାର ପ୍ରଶଂସା କରିଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ରାଜ୍ୟର ଆର୍ଥିକ ପରିଚାଳନା କ୍ରମଶଃ ଲଗାମହୀନ ହେବାରେ ଲାଗିଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚ ଏବଂ ଯୋଜନା କାର୍ଯ୍ୟାନ୍ୱୟନରେ କ୍ରମାଗତ ଭାବେ ନିରୁତ୍ସାହଜନକ ପ୍ରଦର୍ଶନ ଜାରି ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ

### ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି ୧୨ଟି ବିଭାଗ

### ୨ ବିଭାଗ ଖର୍ଚ୍ଚ କରି ପାରିନାହାନ୍ତି ୨ ପ୍ରତିଶତ ଅର୍ଥ



ଅର୍ଥ ଖର୍ଚ୍ଚ କରାଯାଇ ପାରିଛି। ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୯୦ ହଜାର କୋଟିର ବଜେଟ ବିଭିନ୍ନ ବିଭାଗକୁ ଆବଣ୍ଟନ କରାଯାଇଥିବା ବେଳେ ସରକାରଙ୍କ ୪୪ଟି ବିଭାଗ ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ବିଡ଼ମ୍ବନା ହେଉଛି କେବଳ ଦରମା, ପେନସନ ଆଦି ଅଣଯୋଜନା ବ୍ୟୟରେ ଏହାର ଏକ ବଡ଼ ଅଂଶ ବ୍ୟୟ ହୋଇଛି। ଭିତ୍ତିଭୂମି ବିକାଶ, ବିଭିନ୍ନ ଯୋଜନା ପାଇଁ ଅର୍ଥ ଆବଣ୍ଟନ ସତ୍ତ୍ୱେ ବଜେଟ ଅର୍ଥ ଖର୍ଚ୍ଚରେ ମନ୍ଥରତା ରାଜ୍ୟ ସରକାରଙ୍କ ବିତ୍ତୀୟ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ ୪୪ଟି ବିଭାଗ ମଧ୍ୟରୁ ୧୨ଟି ବିଭାଗ ନିଜ ଆବଣ୍ଟିତ ଅର୍ଥର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ସର୍ବନିମ୍ନ ୧.୯୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରି ୪୪ଟି ବିଭାଗ ମଧ୍ୟରେ ସବୁଠୁ ତଳ ସ୍ଥାନରେ ରହିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧.୯୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। କ୍ରୀଡ଼ା ଓ ଯୁବସେବା ବିଭାଗ ୫.୭ ପ୍ରତିଶତ ଏବଂ ଶକ୍ତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭



# ପଦାର୍ଥ ବିଜ୍ଞାନରେ ତିନି ଆମେରିକୀୟଙ୍କୁ ନୋବେଲ

**ଷ୍ଟକହୋମ, ୭।୧୦ (ଏଜେନ୍ସି):** ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ଆମେରିକାର ତିନି ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଛି। ବୈଜ୍ଞାନିକ ଜନ୍ କ୍ଲାର୍କ, ମିସେଲ ଏଚ. ଡେଭୋରେଟ ଏବଂ ଜନ୍ ଏମ. ମାର୍ଟିନିସଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ସ୍ୱିଡେନର 'ରୟାଲ ସ୍ୱିଡିସ ଏକାଡେମି ଅଫ୍ ସାଇନ୍ସ' ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଲେକ୍ଟ୍ରିକ ସର୍କିଟରେ ମାକ୍ରୋସ୍କୋପିକ କ୍ୱାଣ୍ଟମ ଟନଲିଂ ଏବଂ ଏନର୍ଜି କ୍ୱାଣ୍ଟିସେସନ (ଶକ୍ତିର ସ୍ତର)ର ସନ୍ଧାନ ପାଇଁ ତିନି ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। କ୍ୱାଣ୍ଟନ ଟନେଲିଂ ପ୍ରକ୍ରିୟାରେ କୌଣସି କଣିକା ବ୍ୟାରିୟର ତଥା ବାଧାକୁ ଲଙ୍ଘିବା ପରିବର୍ତ୍ତେ, ତାହାର ଆଖପାଖ ଦେଇ ବାହାରି ଯାଇଥାନ୍ତି। କିନ୍ତୁ ସାଧାରଣ ଫିଜିକ୍ସ ହିସାବରେ ଏହା ଅସମ୍ଭବ। ସାଧାରଣ ଜୀବନରେ ଏହାର ଅନେକ ଉଦାହରଣ ରହିଛି। ସାଧାରଣତଃ ଏକ ବଲ୍ କାନ୍ଥରେ ମାଡ଼ ହୋଇ ଫେରି ଆସିଥାଏ। କିନ୍ତୁ କ୍ୱାଣ୍ଟମ ଦୁନିଆରେ କ୍ଷୁଦ୍ର କଣିକା ଗୁଡିକ ବେଳେବେଳେ କାନ୍ଥ ପାର ହୋଇ ଅନ୍ୟ ପାର୍ଶ୍ୱକୁ ଚାଲି ଯାଆନ୍ତି। ଏହାକୁ କ୍ୱାଣ୍ଟମ ଟନଲିଂ କୁହାଯାଇଥାଏ।

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ମାନବିକ ସ୍ତରରେ ମଧ୍ୟ କ୍ୱାଣ୍ଟମର ପ୍ରଭାବ ପଡିପାରେ ବୋଲି ଏହି ବୈଜ୍ଞାନିକମାନେ ସାବ୍ୟସ୍ତ କରିଥିଲେ। ପରମାଣୁ ଏବଂ ଅଣୁ ସ୍ତରରେ ସୀମିତ ଥିବା କ୍ୱାଣ୍ଟମ ପ୍ରଭାବକୁ ବିପୁଳ ପରିମାଣରେ ଦେଖିହେବ କି ବୋଲି ଫିଜିକ୍ସରେ ଏକ ପ୍ରଶ୍ନ ହୋଇ ରହିଥିଲା। ୧୯୮୪ ଏବଂ ୧୯୮୫ରେ କ୍ଲାର୍କ, ଡେଭୋରେଟ ଏବଂ ମାର୍ଟିନିସ୍ କାଲିଫର୍ଣ୍ଣିଆ ୟୁନିଭର୍ସିଟିରେ ଏହା ଉପରେ ସ୍ୱତନ୍ତ୍ର ପରୀକ୍ଷଣ କରିଥିଲେ। ସେମାନେ ଦୁଇଟି ସୁପର କଣ୍ଡକ୍ଟରରୁ ଏକ ବିଦ୍ୟୁତ ସର୍କିଟ ନିର୍ମାଣ କରିଥିଲେ। ଏହି ଦୁଇ ସୁପର କଣ୍ଡକ୍ଟର ମଧ୍ୟରେ ଏକ ପତଳା ଆସ୍ତରଣ ଥିଲା। ଏହା ବିଦ୍ୟୁତ ପ୍ରବାହକୁ ରୋକି ଦେଉଥିଲା। ଏହା ସତ୍ତ୍ୱେ ବୈଜ୍ଞାନିକ ଦେଖିବାକୁ ପାଇଥିଲେ ଯେ ସର୍କିଟରେ ଥିବା ସବୁ ଚାର୍ଜ କରାଯାଇଥିବା କଣିକା ଗୁଡିକ ଏକାଠି ମିଶି ଗୋଟିଏ କଣିକା ପରି ବ୍ୟବହାର କରୁଛନ୍ତି। ଏହି କଣିକା ଗୁଡିକ ପତଳା ଆସ୍ତରଣକୁ ଲଙ୍ଘି ଅପରପାର୍ଶ୍ୱକୁ ଯାଇପାରନ୍ତି।

ଏହା କ୍ୱାଣ୍ଟମ ଟନଲିଂର ପ୍ରମାଣ ଥିଲା। ଏଥିରେ ବଡ଼ ସିଷ୍ଟମରେ କ୍ୱାଣ୍ଟମ ଟନେଲିଂକୁ କେମିତି ନିୟନ୍ତ୍ରଣ ଏବଂ ବୁଝି ହେବ ତାହା ଶିକ୍ଷା କରିଥିଲେ। ଏହି ଉଦ୍ଭାବନା କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଥିଲା। ଭବିଷ୍ୟତରେ ଏହା ମାଧ୍ୟମରେ କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳର ବିକାଶ ଦିଗରେ ସହାୟତା ମିଳିବ। ସେମିକଣ୍ଡକ୍ଟର, କମ୍ପ୍ୟୁଟର ଏବଂ ମାଇକ୍ରୋ ଚିପ୍ସଗୁଡିକରେ କ୍ୱାଣ୍ଟମ ଟେକ୍ନୋଲଜି ବ୍ୟବହାର ହେଉଛି। ଏହା ଦ୍ୱାରା ଚିକିତ୍ସା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ମଧ୍ୟ ଲାଭ ମିଳିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ କମ୍ପ୍ୟୁଟରେ ବ୍ୟବହୃତ ଟ୍ରାନ୍ସିଷ୍ଟର କ୍ୱାଣ୍ଟମ ଟେକ୍ନୋଲୋଜିର ବଳିଷ୍ଠ ଉଦାହରଣ। ଏହି ନୋବେଲ ବିଜେତାଙ୍କ ଉଦ୍ଭାବନା ଦ୍ୱାରା ଭବିଷ୍ୟତରେ ସୁପର ସିକ୍ୟୋର କୋଡ (କ୍ୱାଣ୍ଟମ କିପ୍ଟୋଗ୍ରାଫି), ହାଇ ସ୍ପିଡ କମ୍ପ୍ୟୁଟର( କ୍ୱାଣ୍ଟମ କମ୍ପ୍ୟୁଟର) ଏବଂ ସୁପର ଆକ୍ୟୁରେଟ ସେନ୍ସର (କ୍ୱାଣ୍ଟମ ସେନ୍ସର) ଭଳି ସାମଗ୍ରୀ ନିର୍ମାଣ ସରଳ ହୋଇଯିବ।

# ଥମୁନି କଫ୍ ସିରପ୍ ଜନିତ ମୃତ୍ୟୁ

## ଦୁଇ ରାଜ୍ୟରେ ନେଲାଣି ୨୩ ଶିଶୁଙ୍କ ଜୀବନ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଜୀବନ ବଞ୍ଚାଇବାକୁ ଉଦ୍ଦିଷ୍ଟ କଫ ସିରପ ଏବେ ଜୀବନ ନେଉଛି। ଔଷଧ ପ୍ରସ୍ତୁତକାରୀ କମ୍ପାନୀଙ୍କ ପାଇଁ ନିରୀହ ଶିଶୁଙ୍କ ଜୀବନ ଯାଉଛି। ଅଧିକ ରାସାୟନିକ ମିଶାଇ ଏହି କମ୍ପାନୀଗୁଡିକ ଜୀବନ ବଦଳରେ ମୃତ୍ୟୁ ବିକୁଛନ୍ତି। ଏହି ବିଷାକ୍ତ କଫ ସିରପ ପିଇ ଏ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶ ଏବଂ ରାଜସ୍ଥାନରେ ୨୩ ଶିଶୁଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୧୯ ଶିଶୁ ଏବଂ ରାଜସ୍ଥାନର ୪ ଶିଶୁ ସାମିଲ ଅଛନ୍ତି। ଏହି ମାମଲା ସାମ୍ନାକୁ ଆସିବା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ, କେରଳ, ତାମିଲନାଡୁ ଏବଂ ପଞ୍ଜାବ ସରକାର ଏହି କଫ ସିରପର ବିକ୍ରି ଏବଂ ବ୍ୟବହାର ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ଆବେଦନ ମଧ୍ୟ ଦାଏର କରାଯାଇଛି। ସିବିଆଇ ତଦନ୍ତ ଏବଂ ସାରା ଦେଶରେ ଔଷଧର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଦାବି କରାଯାଇଛି। ଓକିଲ ବିଶାଳ ତିୱାରୀଙ୍କ ଦ୍ୱାରା ଦାଖଲ ଏହି ଆବେଦନରେ ରାଷ୍ଟ୍ରୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ ନିର୍ଦ୍ଦେଶ ଏବଂ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅନୁଧ୍ୟାନରେ ତଦନ୍ତ କରାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ ତାମିଲନାଡୁର 'ଡ୍ରଗ୍ସ କଣ୍ଟ୍ରୋଲ ଡିପାର୍ଟମେଣ୍ଟ' ସିରପ ପ୍ରସ୍ତୁତକାରୀ କମ୍ପାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। କାଞ୍ଚିପୁରମ ସ୍ଥିତ କମ୍ପାନୀ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଏହି କୋଲଡ୍ରିଫ କଫ ସିରପ ପ୍ରସ୍ତୁତ କରୁଛି। ପାଞ୍ଚ ଦିନ ମଧ୍ୟରେ ଜବାବ ଦେବା ପାଇଁ କମ୍ପାନୀକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଔଷଧରେ ପ୍ରସ୍ତୁତ କଞ୍ଚାମାଲର ବିଲ୍ ଏବଂ ଏହାର ଯାଞ୍ଚ ରିପୋର୍ଟ, ଔଷଧ ପ୍ୟାକିଂରେ ବ୍ୟବହୃତ ସାମଗ୍ରୀ ବିବରଣୀ, ଔଷଧରେ ବ୍ୟବହୃତ ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟର ବିଲ୍, ମାଷ୍ଟର ଫର୍ମୁଲା ସଟ୍ ଏବଂ ରାସାୟନିକ ବିବରଣୀ ମଗାଯାଇଛି। ସେହିପରି ଗୁଜରାଟର ଦୁଇ କମ୍ପାନୀ ରିଲାଇଫ ସିରପ ଏବଂ ରେସ୍ପିଫ୍ରେସ ଟିଆରର କଫ ସିରପ ନମୁନାରୁ ବିଷାକ୍ତ ଡାଇଏଥିଲିନ ଗ୍ଲାୟକୋଲ (ଡିଇଜି) ଏବଂ ଏଥିଲି ଗ୍ଲାୟକୋଲ (ଇଜି) ମାତ୍ରା ଅଧିକ ଥିବା ଜଣାପଡ଼ିଛି। ଛିନ୍ଦୱାଡାରୁ ନିଆଯାଇଥିବା ୧୯ ଔଷଧରୁ ନମୁନା ପରୀକ୍ଷଣରୁ ଏହା ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶରେ ଏହି ଦୁଇ ସିରପ ବିକ୍ରି ଏବଂ ମହଜୁଦ ଉପରେ କଟକଣା ଲଗାଇ ଦିଆଯାଇଛି। ଏହାର ତଦନ୍ତ ପାଇଁ ଗୁଜରାଟ ସରକାରଙ୍କୁ ମଧ୍ୟ ଚିଠି ଲେଖାଯାଇଛି।

- ୫ ରାଜ୍ୟରେ କୋଲ୍ଡ୍ରିଫ୍ କଫ ସିରଫ ନିଷିଦ୍ଧ
- ତାମିଲନାଡୁ ସରକାର ଧରିଲେ ୩୫୦ ତ୍ରୁଟି
- ଗୁଜରାଟର ଦୁଇ କମ୍ପାନୀର କଫ ସିରପରେ ବିଷ

ଏହା ପୂର୍ବରୁ ତାମିଲନାଡୁ ସରକାରଙ୍କ ଯାଞ୍ଚ କମିଟି କୋଲ୍ଡ୍ରିଫ ପ୍ରସ୍ତୁତକାରୀ ଶ୍ରୀସନ ଫାର୍ମାସ୍ୟୁଟିକାଲ୍ସର କାରଖାନାରେ ୩୫୦ରୁ ଅଧିକ ତ୍ରୁଟି ଧରିଛି। ଏହାକୁ କ୍ରିଟିକାଲ ଏବଂ ମେଜର ଶ୍ରେଣୀରେ ରଖାଯାଇଥିଲା। ରିପୋର୍ଟ ଅନୁଯାୟୀ ଏହି କମ୍ପାନୀରେ ଔଷଧ ପ୍ରସ୍ତୁତ କରିବା ପାଇଁ ଯୋଗ୍ୟ ଏବଂ ପ୍ରଶିକ୍ଷିତ କର୍ମଚାରୀ ନ ଥିଲେ। କାରଖାନାର ସ୍ଥିତି ବହୁତ ଖରାପ ଥିଲା। ସଫାସୁତୁରା କରାଯାଉ ନ ଥିଲା। ବାୟୁ ଚଳାଚଳର ସଠିକ ବ୍ୟବସ୍ଥା ମଧ୍ୟ ନ ଥିଲା। ଅନେକ ମେସିନ ଭାଙ୍ଗି ଯାଇ କଳଙ୍କି ଲାଗିଥିଲା। କାରଖାନାରେ ସୁରକ୍ଷା ପାଇଁ ଜରୁରୀ ଉପକରଣ ନ ଥିଲା। ଔଷଧ ପ୍ରସ୍ତୁତ ପାଇଁ ନିମ୍ନମାନର ଏବଂ ଅଣ-ଫାର୍ମା ମାନର ରାସାୟନିକ ବ୍ୟବହାର କରାଯାଇଥିଲା। କମ୍ପାନୀ ବିନା ବିଲ୍‌ରେ ୫୦ କେଜି ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟ କରିଥିଲା। ଔଷଧରୁ ଡିଇଜି ଭଳି ବିଷାକ୍ତ କେମିକାଲ ମିଳିଥିଲା। ତରଳ ଔଷଧକୁ ପ୍ଲାଷ୍ଟିକ ପାଇପରେ ସ୍ଥାନାନ୍ତର କରାଯାଉଥିଲା। ଏହା ଦ୍ୱାରା ଔଷଧ ଖରାପ ହୋଇପାରେ।



କାରଖାନାରେ ଔଷଧ ଛାଣିବାକୁ ମଧ୍ୟ କୌଣସି ବ୍ୟବସ୍ଥା ନ ଥିଲା। କାରଖାନାର ଅପରିଷ୍କାର ପାଣିକୁ ସିଧା ନାଳକୁ ଛଡ଼ା ଯାଉଥିଲା। ଏହା ମଧ୍ୟରେ କଫ ସିରପ ମୃତ୍ୟୁକୁ ନେଇ ମଧ୍ୟପ୍ରଦେଶ ସରକାରଙ୍କୁ ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାର ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ କଫ ସିରପ ପିଇବା ଯୋଗୁ କିଡନୀ ଫେଲ ହୋଇ ୧୯ ଶିଶୁଙ୍କ ମୃତ୍ୟୁ ହୋଇଛି। ପରାସିଆରେ ବିଧାୟକ ସୋହନ ବାଲ୍ମିକୀଙ୍କ ପ୍ରଥମ ଶିଶୁର ମୃତ୍ୟୁ ହେବା ପରେ ଜିଲ୍ଲାପାଳଙ୍କଠାରୁ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ଚିଠି ଲେଖିଥିଲେ। ବିକ୍ଷୋଭ କରିଥିବା ସତ୍ତ୍ୱେ ସରକାର ଚେଇଁ ନ ଥିଲେ। ଏହା ଦୁର୍ନୀତି ଏବଂ କମିଶନର ମାମଲା। ଏହି ମାମଲାର ନ୍ୟାୟିକ ତଦନ୍ତ ହେବା ଉଚିତ। ଛୋଟ ମୋଟ ଘଟଣାରେ ସରକାର ଲୋକଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଇ ଦେଉଛନ୍ତି। ଏହି ମାମଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳାଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଯିବ କି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି।

# ରାଏବରେଲିରେ ଯୁବକଙ୍କୁ ପିଟି ପିଟି ହତ୍ୟା

**ରାଏବରେଲି, ୭।୧୦ (ଏଜେନ୍ସି):** ଉତ୍ତର ପ୍ରଦେଶ ରାଏବରେଲିରେ ଈଶ୍ୱରଦାସପୁର ଗ୍ରାମରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ଏକ ଯୁବକଙ୍କୁ ପିଟି ପିଟି ଲୋକେ ହତ୍ୟା କରିଛନ୍ତି। ରେଳଧାରଣ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଯୁବକଙ୍କୁ ଅଧମରା କରି ଏଠାରେ ପକାଇ ଦିଆଯାଇଥିଲା। ତାଙ୍କ ଶରୀର ଏବଂ ଗୁପ୍ତାଙ୍ଗରେ କ୍ଷତ ଚିହ୍ନ ରହିଛି। ସାରା ଶରୀରରେ ନୀଳ ଏବଂ କଳା ଦାଗ ଦେଖାଯାଉଛି। ଗତ ୨ ତାରିଖରେ ପୀଡ଼ିତ ହରିଓମ୍ (୩୮)ଙ୍କ ହତ୍ୟା କରାଯାଇଥିଲା। ସୂଚନା ଅନୁଯାୟୀ ଗତ ୧ ତାରିଖରେ ରାତିରେ ପରବା ଗ୍ରାମର ବାସିନ୍ଦା ହରିଓମ ଈଶ୍ୱରଦାସପୁର ଯାଉଥିଲେ। ଏହି ସମୟରେ ତାଙ୍କୁ ୨୫ ଗ୍ରାମବାସୀ ଧରି ପକାଇ ଚୋର କହି ପିଟିବା ଆରମ୍ଭ କରିଥିଲେ। ମାତ୍ର ଚୋର ନୁହେଁ ବୋଲି କହିବା ସତ୍ତ୍ୱେ ଲୋକେ ତାକୁ ଛାଡ଼ି ନ ଥିଲେ। ଅନବରତ ଭାବେ ନୃଶଂସ ଭଳି ବେଲ୍ଟ, ବାଡି ମାଡ଼ ମାରିଥିଲେ। ଅର୍ଦ୍ଧନଗ୍ନ କରି ସାର୍ଟରେ ହାତ ବାନ୍ଧି ଦେଇଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚି ଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେଇ ପଳାଇ ଆସିଥିଲା। ଏହା ପରେ ଲୋକେ ଅଧମରା କରି ରେଳଧାରଣା କଡ଼ରେ ଫୋପାଡ଼ି ଚାଲି ଯାଇଥିଲେ। ଏହି ମାମଲାକୁ ନେଇ କଂଗ୍ରେସର ରାଏବରେଲି ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଦଳିତ ଯୁବକ ହରିଓମଙ୍କ ହତ୍ୟା କେବଳ ଜଣେ ମନୁଷ୍ୟର ନୁହେଁ, ବରଂ ମାନବିକତା, ସମ୍ବିଧାନ ଏବଂ ନ୍ୟାୟକୁ ମାରି ଦିଆଯାଇଛି। ଦେଶରେ ଘୃଣା, ହିଂସା ଏବଂ ଉପଦ୍ରବୀଙ୍କୁ ସରକାରୀ ସଂରକ୍ଷଣ ମିଳୁଛି। ସମ୍ବିଧାନର ସ୍ଥାନ ବୁଲ୍‌ଡୋଜର ଏବଂ ନ୍ୟାୟର ବଦଳରେ ଭୟ ସୃଷ୍ଟି ହେଉଛି। କିନ୍ତୁ ଏହି ଦେଶ ସମ୍ବିଧାନରେ ଚାଲିବ, ଉପଦ୍ରବୀଙ୍କ ଦ୍ୱାରା ନୁହେଁ। ଭାରତର ଭବିଷ୍ୟତ ସମାନତା ଏବଂ ମାନବିକତା ଉପରେ ତିଷ୍ଠିଛି। ଏହା ସହିତ ରାହୁଲ ହରିଓମଙ୍କ ପରିବାର ସହ ଫୋନ କରି କଥା ହୋଇଛନ୍ତି। ତାଙ୍କୁ ନ୍ୟାୟର ଆଶ୍ୱାସନା ଦେଇଛନ୍ତି।

# ୪୦ ହଜାର ଆଇଫୋନ୍ ଚୋରାଇ ପଠାଇ ଥିଲେ ଚୀନ୍

**ଲଣ୍ଡନ, ୭।୧୦ (ଏଜେନ୍ସି):** ବ୍ରିଟେନ ପୁଲିସ ଏକ ଅନ୍ତର୍ଜାତୀୟ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଏହାର ସଦସ୍ୟ ଦେଶରୁ ଆଇଫୋନ ଚୋରି କରି ବିଦେଶକୁ ଚାଲାଣ କରୁଥିଲେ। ବର୍ଷରେ ମଧ୍ୟରେ ଏହି ଅପରାଧି ଗୋଷ୍ଠୀ ୪୦ ହଜାରରୁ ଅଧିକ ଆଇଫୋନ ଚୋରି କରି ଚୀନ୍ ପଠାଇ ଥିଲେ। ଫୋନ୍ ଚୋରଙ୍କ ବିରୋଧରେ ଦେଶର ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ୧୮ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ଭାରତୀୟ ଏବଂ ଦୁଇ ଜଣ ଆଫଗାନ ନାଗରିକ ସାମିଲ ଅଛନ୍ତି। ଏହି ଚୋରଙ୍କ ନିକଟରୁ ୨ ହଜାରରୁ ଅଧିକ ଫୋନ ମଧ୍ୟ ଜବତ କରାଯାଇଛି। ଲଣ୍ଡନରୁ ଚୋରି କରିଥିବା ମୋଟ୍ ଫୋନ୍‌ର ୫୦ ପ୍ରତିଶତକୁ ବିଦେଶ ପଠାଇ ଥିଲେ ବୋଲି ପୁଲିସ ଦାବି କରିଛି।ଗତ ବର୍ଷ କ୍ରିସମାସରେ ପ୍ରଥମେ ଏହି ଘଟଣା ସାମ୍ନାକୁ ଆସିଥିଲା। ଆଇଫୋନ ଚୋରି ହେବାରୁ ଜଣେ ବ୍ୟକ୍ତି ମେଟ୍ରୋପଲିଟାନ ପୁଲିସକୁ ଅଭିଯୋଗ କରିଥିଲେ। ଯାଞ୍ଚ ପରେ ହିଥ୍ରୋ ବିମାନବନ୍ଦର ନିକଟରେ ଥିବା ଏକ ଗୋଦାମରୁ ଏହାର ଲୋକେସନ ମିଳିଥିଲା। ଏଠାରେ ଚଢ଼ଉ କରି ଏକ ଡବାରେ ଥିବା ୮୯୪ ଫୋନ ଜବତ କରିଥିଲା। ତଦନ୍ତ ପରିସର ବଢ଼ିବାରୁ ସମ୍ପୂର୍ଣ୍ଣ ର୍‌ୟାକେଟର ପର୍ଦ୍ଦାଫାସ ହୋଇଥିଲା। ଚୋରଙ୍କୁ ଆଇଫୋନ ପିଛା ୩୦୦ ପାଉଣ୍ଡ ମିଳୁଥିଲା। ଚୀନ୍‌ରେ ଏହାକୁ ୪ ହଜାର ପାଉଣ୍ଡରେ ବିକ୍ରି କରାଯାଉଥିଲା।

# ୬୦ କୋଟିର ଠକେଇ ମାମଲାରେ ଶିଳ୍ପାଙ୍କୁ ଜେରା କଲା ଇଓଡବ୍ଲ୍ୟୁ

**ମୁମ୍ବଇ, ୭।୧୦ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ମୁମ୍ବାଇର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜେରା କରିଛି। ୬୦ କୋଟି ଟଙ୍କାର ଠକେଇ ମାମଲାରେ ସୋମବାର ମୁମ୍ବଇ ସ୍ଥିତ ବାସଭବନରେ ଶିଳ୍ପାଙ୍କୁ ସାଢେ ଚାରି ଘଣ୍ଟା ପର୍ଯ୍ୟନ୍ତ ପଚରାଉଚୁରା କରାଯାଇଛି। ଏହି ମାମଲାରେ ଅଭିନେତ୍ରୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ କୁନ୍ଦ୍ରା ମଧ୍ୟ ଅଭିଯୁକ୍ତ ଅଛନ୍ତି। ଏହାକୁ ନେଇ ତାଙ୍କ ସହିତ ୫ ଜଣଙ୍କ ବୟାନ ରେକର୍ଡ କରାଗଲାଣି। ସୂଚନା ଅନୁଯାୟୀ ଗତ ଅଗଷ୍ଟରେ ଶିଳ୍ପା ଏବଂ ରାଜଙ୍କ ବିରୋଧରେ ୬୦ କୋଟିର ଠକେଇ ମାମଲା ରୁଜୁ କରିଥିଲେ। ଏଥିରେ ସେ କହିଥିଲେ ଯେ ଏଜେଣ୍ଟ ରାଜେଶ ଆର୍ଯ୍ୟାଙ୍କ ମାଧ୍ୟମରେ ସେ ଶିଳ୍ପା ଏବଂ କୁନ୍ଦ୍ରାଙ୍କୁ ଭେଟିଥିଲେ। ସେ ସମୟରେ ଉଭୟେ ବେଷ୍ଟ ଡିଲ୍ ଟିଭିର ନିର୍ଦ୍ଦେଶକ ଥିଲେ। ଶିଳ୍ପାଙ୍କ ପାଖରେ କମ୍ପାନୀର ୮୭ ପ୍ରତିଶତ ସେୟାର ଥିଲା। ଏକ ବୈଠକ ପରେ ଏହି ଦମ୍ପତିଙ୍କ କମ୍ପାନୀଙ୍କୁ ଦୀପକ ଋଣ ଦେବେ ବୋଲି ଧାର୍ଯ୍ୟ ହୋଇଥିଲା। ବାର୍ଷିକ ୧୨ ପ୍ରତିଶତ ସୁଧରେ ୭୫ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ଟିକସ ସମସ୍ୟାକୁ ଦେଖି ଏହାକୁ ନିବେଶ ଭାବେ ଦେଖାଇବା ପାଇଁ ଶିଳ୍ପା କୋଠାରିଙ୍କୁ ଅନୁରୋଧ କରିଥିଲେ। ପ୍ରତି ମାସରେ ରିଟର୍ଣ୍ଣ ଦେବେ ବୋଲି କହିଥିଲେ। ମାତ୍ର ୨୦୧୫ ଏବଂ ୨୦୧୬ରେ ଟଙ୍କା ପାଇବା ପରେ ଶିଳ୍ପା ଅର୍ଥ ଫେରାଇ ନ ଥିଲେ।

# ସଡ଼କ ସୁରକ୍ଷା ପାଇଁ ରାଜ୍ୟଙ୍କୁ ୬ ମାସ କଣ୍ଟଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** 'ମୋଟର ଯାନ ଆଇନ' ଅଧିନରେ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ ପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ମାସ ସମୟ ଦେଇଛନ୍ତି। ଏହି ଅବଧି ଭିତରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ନିୟମ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଜାତୀୟ ରାଜପଥ ବ୍ୟତୀତ ଅନ୍ୟ ରାସ୍ତାର ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରିବାକୁ ସବୁ ରାଜ୍ୟଙ୍କୁ ଜଷ୍ଟିସ ଜେପି ପାରଦିୱାଲା ଏବଂ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଜାତୀୟ ରାଜପଥ ଏବଂ ଅନ୍ୟ ସାର୍ବଜନୀନ ସ୍ଥାନରେ ପଦଯାତ୍ରୀ ଏବଂ ଅଣ-ମୋଟର ଚାଳିତ ଯାନବାହନ ସୁରକ୍ଷାକୁ ନେଇ ପର୍ଯ୍ୟାପ୍ତ ବ୍ୟବସ୍ଥା ନିମନ୍ତେ ମଙ୍ଗଳବାର ବିସ୍ତୃତ ନିର୍ଦ୍ଦେଶ ଜାରି କରିଛନ୍ତି। ହେଲମେଟ ନ ପିନ୍ଧିବା, ଭୁଲ ଲେନରେ ଗାଡି ଚଲାଇବା ଏବଂ ଗାଡିରେ ଅନଧିକୃତ ହର୍ଣ୍ଣ ବଜାଇବା ଭଳି ସଡ଼କ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ଦିଗ ଉପରେ କଠୋର ନିୟମ ଆଣିବା ପାଇଁ କହିଛନ୍ତି।

# ନିଜକୁ ଗୁଳି ମାରି ଆଇପିଏସ୍‌ଙ୍କ ଆତ୍ମହତ୍ୟା



**ଚଣ୍ଡିଗଡ଼, ୭।୧୦ (ଏଜେନ୍ସି):** ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୂରନ କୁମାର ମଙ୍ଗଳବାର ଦ୍ୱିପହରେ ଆତ୍ମହତ୍ୟା କରିଛନ୍ତି। ସେ ଚଣ୍ଡିଗଡ଼ର ସେକ୍ଟର-୧୧ ସ୍ଥିତ ବାସଭବନରୁ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି ମାରିଛନ୍ତି। ଏହାର ସୂଚନା ମିଳିବା ପରେ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲାଞ୍ଚ ମାଗିବା ମାମଲାରେ ତାଙ୍କ ବ୍ୟକ୍ତିଗତ ଗାର୍ଡ ଗିରଫ ହେବା ପରେ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଜେରା ସମୟରେ ପୁରନ୍‌ଙ୍କ ପାଇଁ ସେ ଲାଞ୍ଚ ମାଗୁଥିବା କହିଥିଲେ। ଆଇଏଏସ ଅଧିକାରୀ ମହମ୍ମଦ ସାଇନ ଏବଂ ବିଜୟ ଦହିଆ ଘଟଣାସ୍ଥଳରେ ପହଞ୍ଚି କୋଠାରେ ଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଚଣ୍ଡିଗଡ଼ ଏସଏସପି କୱଁରଦୀପ କୌର କହିଛନ୍ତି ଯେ ୨୦୦୧ ବ୍ୟାଚ୍‌ର ଆଇପିଏସ ପୁରନ କୁମାରଙ୍କ ମୁଣ୍ଡରେ କ୍ଷତ ଚିହ୍ନ ରହିଛି। ଏବେ ଏ ବିଷୟରେ କିଛି କହିହେବ ନାହିଁ।

ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ରୋହତକର ସୁନାରିଆ ସ୍ଥିତ ପୁଲିସ ଟ୍ରେନିଂ କଲେଜ (ପିଟିସି)ରେ ଆଇଜି ଭାବେ ପୁରନଙ୍କୁ ମୁତୟନ କରାଯାଇଥିଲା। ସେ ୭ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ ବୋଲି କୁହାଯାଉଛି। ମାତ୍ର ହରିୟାଣା ପୁଲିସ ପାଖରେ ଏ ସମ୍ବନ୍ଧିତ କୌଣସି ସୂଚନା ନାହିଁ। ପୁରନଙ୍କ ପତ୍ନୀ ଅମନୀତ ପି. କୁମାର ଜଣେ ବରିଷ୍ଠ ଆଇଏଏସ ଅଧିକାରୀ। ସେ ଏବେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ପ୍ରତିନିଧିମଣ୍ଡଳରେ ଜାପାନ ଗସ୍ତରେ ଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳ ମଙ୍ଗଳବାର ସନ୍ଧ୍ୟାରେ ଭାରତ ଫେରିବ। ଅମନୀତ ଏବେ ବେସାମରିକ ବିମାନ ଚଳାଚଳ ବିଭାଗର ସଚିବ ଅଛନ୍ତି। ଚଣ୍ଡିଗଡ଼ ସେକ୍ଟର-୧୬ ସ୍ଥିତ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପୁରନଙ୍କ ବ୍ୟବଚ୍ଛେଦ ହେବ। ସେ ୨୦୩୩ ମେ' ୩୧ରେ ଅବସରଗ୍ରହଣ କରିଥାନ୍ତେ। ପୁରନ ଏବଂ ଅମନୀତଙ୍କ ଦୁଇ ଝିଅ ଅଛନ୍ତି। ଜଣେ ଚଣ୍ଡିଗଡ଼ରେ ଏବଂ ଅନ୍ୟ ଜଣେ ବିଦେଶରେ ପାଠ ପଢୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ସହ ଜାପାନ ଗସ୍ତରେ ଯାଇଛନ୍ତି ଆଇଏଏସ ପତ୍ନୀ**

ସୂଚନା ଅନୁଯାୟୀ ପୁରନ ତିନି ମହଲା କୋଠାର ବେସମେଣ୍ଟ (ତଳ ମହଲା)ରେ ଆତ୍ମହତ୍ୟା କରିଛନ୍ତି। ସେ ଝିଅ ସହ ସକାଳେ ପ୍ରଥମ ମହଲାରେ ଥିଲେ। ପରେ ତଳ ମହଲାକୁ ଯାଇ ଚୌକିରେ ବସି ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ଝିଅ ତଳକୁ ଯିବା ପରେ ବାପାଙ୍କ ରକ୍ତ ଜୁଡୁବୁଡ଼ ମୃତଦେହ ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ। ଏହି କୋଠାର ବାହାରେ ଜଣେ ସିକ୍ୟୁରିଟି ଗାର୍ଡ ମୁତୟନ ଥିଲେ। ତେବେ ସେ ପିସ୍ତଲ ଶବ୍ଦ ଶୁଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ଆଇପିଏସ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ଥିଲେ। ସେ ୨୦୨୦ରେ ଛୁଟି ଦିନରେ ମନ୍ଦିର ଯିବାକୁ ନେଇ ବିବାଦ ହେବାରୁ ପୂର୍ବତନ ଡିଜିପିଙ୍କ ବିରୋଧରେ ଅମ୍ବାଲା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏହା ସହିତ ଅନୁସୂଚିତ ଜାତିର ଅଧିକାରୀଙ୍କ ଫିଲ୍ଡ ପୋଷ୍ଟିଂରେ ଭେଦଭାବ ପ୍ରସଙ୍ଗ ଉଠାଇ ଥିଲେ। ସେ ୨୦୨୪ରେ ହରିୟାଣା ବିଧାନସଭା ନିର୍ବାଚନ ସମୟରେ ଆଇପିଏସ ଅଧିକାରୀଙ୍କ ପୋଷ୍ଟିଂକୁ ନେଇ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ଅଧିକାଂଶ କ୍ଷମତାସୀନ ଦଳର ଘନିଷ୍ଠ ଥିବାରୁ ବଦଳି ହେବା ଉଚିତ ବୋଲି କହିଥିଲେ। ସେହିପରି ଗତ ବର୍ଷ ନୂଆ ଇନୋଭା କାର୍ ନ ମିଳିବାରୁ ନିଜର ପୁରୁଣା ହୋଣ୍ଡା ସିଟି କାର୍ ଫେରାଇ ଦେଇଥିଲେ। ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅଧିକାରୀଙ୍କୁ ଗାଡ଼ି ପ୍ରଦାନର ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଥିଲେ।

# ରୁଷ୍ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ରଙ୍କ ଆତ୍ମସମର୍ପଣ


**କିଭ, ୭।୧୦ (ଏଜେନ୍ସି):** ରୁଷ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ର ମୋଜିଦ ସାହିଲ ମହମ୍ମଦ ହୁସେନ ୟୁକ୍ରେନ ସେନା ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଗୁଜରାଟ ମୋରବି ସହରର ବାସିନ୍ଦା। ପାଠପଢ଼ିବାକୁ ସେ ରୁଷ ଯାଇଥିଲେ। ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ ମୋଜିତଙ୍କୁ ନିଶା ସେବନ ମାମଲାରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ଜେଲ୍‌ରୁ ବର୍ତ୍ତିବା ଲାଗି ତାଙ୍କୁ ଯୁଦ୍ଧ ଲଢିବାକୁ କୁହାଯାଇଥିଲା। ୧୬ ଦିନର ପ୍ରଶିକ୍ଷଣ ପରେ ସେ ଗତ ୧ ତାରିଖରେ ଯୁଦ୍ଧରେ ସାମିଲ ହୋଇ ତିନି ଦିନ ପରେ ଆତ୍ମସମର୍ପଣ କରିଥିଲେ।

# ଗାଜା ଯୁଦ୍ଧକୁ ଦୁଇ ବର୍ଷ

# ୬୫ ହଜାରରୁ ଊର୍ଦ୍ଧ୍ୱ ମୃତ, ୯୦% ସ୍କୁଲ ଧ୍ୱଂସ

**ଗାଜା, ୭।୧୦ (ଏଜେନ୍ସି):** ହମାସ ଆକ୍ରମଣରୁ ଆରମ୍ଭ ହୋଇଥିବା ଗାଜା ଯୁଦ୍ଧକୁ ମଙ୍ଗଳବାରୁ ଦୁଇ ବର୍ଷ ପୂରଣ ହୋଇଛି। କ୍ରମାଗତ ବୋମା ମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ମିଳିତ ଜାତିସଂଘ (ୟୁଏନ)ର ସାଟେଲାଇଟ ରିପୋର୍ଟ ଅନୁଯାୟୀ ଯୁଦ୍ଧ ପାଇଁ ଗାଜାର ୮୦ ପ୍ରତିଶତ କୋଠା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୯୦ ପ୍ରତିଶତ ସ୍କୁଲ ଭୂତକୋଠିରେ ପରିଣତ ହୋଇଯାଇଛି। ୧୮ ହଜାର ଶିଶୁଙ୍କ ସମେତ ୬୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ୩୯, ୩୮୪ ଶିଶୁ ନିଜ ମାତାପିତାଙ୍କ ମଧ୍ୟରୁ ଜଣକୁ ହରଇଛନ୍ତି। ୧୭ ହଜାର ଶିଶୁ ମାତାପିତା ଉଭୟଙ୍କୁ ହରାଇଛନ୍ତି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୯୮.୫ ପ୍ରତିଶତ କ୍ଷେତ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ପାଲେଷ୍ଟିନୀୟ ଟେଣ୍ଟରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ଖାଦ୍ୟ, ପାନୀୟ, ବିଦ୍ୟୁତ ଏବଂ ଚିକିତ୍ସା ବିନା କାଳତିପାତ କରୁଛନ୍ତି। ଭୋକ ଉପାସରେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଗାଜା ଅସହାୟଙ୍କ ସହର ପାଲଟି ଯାଇଛି। ଚାରିଆଡେ ଯୁଦ୍ଧ ବିଭୀଷିକା ଦେଖିବାକୁ ମିଳୁଛି। ୮୦ ପ୍ରତିଶତ ଅଞ୍ଚଳ ମିଲିଟାରୀ ଜୋନ୍ ହୋଇଯାଇଛି। ଏଠାରେ ସାଧାରଣ ନାଗରିକଙ୍କ ପ୍ରବେଶ ନିଷିଦ୍ଧ ରହିଛି। ଏହା ସହର ନୁହେଁ, ବରଂ ଜୀବିତ ଲୋକଙ୍କ କ୍ୟାମ୍ପ ହୋଇ ରହିଛି ବୋଲି ଉଦ୍ଧାରକାରୀ ଏଜେନ୍ସିଙ୍କ ପକ୍ଷରୁ କୁହାଯାଇଛି।

୨୦୨୩ ଅକ୍ଟୋବର ୭ରେ ଆତଙ୍କବାଦୀ ସଂଗଠନ ହମାସ ଅନୁପ୍ରବେଶ କରି ଅନେକ ଇସ୍ରାଲ ନାଗରିକଙ୍କୁ ହତ୍ୟା କରିଥିଲା। ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିଥିଲା। ଏହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ତୁରନ୍ତ ଯୁଦ୍ଧ ଘୋଷଣା କରି ହମାସ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଏହି ଯୁଦ୍ଧ ଯୋଗୁଁ ଗାଜାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ବାସ ହରାଇ ଥିଲେ। ଯୁଦ୍ଧରେ ଅଧାରୁ ଅଧିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହା ଦ୍ୱାରା ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗାଜାରେ ୫୪ ନିୟୁତ ଟନ୍‌ରୁ ଅଧିକ ଅବଶେଷ ଗଦା ହୋଇ ରହିଛି। ଏହାକୁ ସଫା କରିବା ପାଇଁ ୧୦ ବର୍ଷ ଏବଂ ୧.୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଇସ୍ରାଏଲ ଏକ କିମିର ବଫର ଜୋନ ଏବଂ ୪ ସୈନ୍ୟ କରିଡର ଗଠନ କରିଛି। ମୋରାଗ କରିଡର ଗାଜାକୁ ଦୁଇ ଭାଗରେ ବିଭାଜିତ କରିଦେଇଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ଇସ୍ରାଏଲ ସମ୍ପୂର୍ଣ୍ଣ ଏବଂ ହମାସ ଆଂଶିକ ଭାବେ ସ୍ୱୀକାର କରିଥିବାରୁ ଯୁଦ୍ଧ ବନ୍ଦ ହେବାର ଆଶା ପ୍ରକାଶ ପାଇଛି।



# ୧୧ ଯାଏଁ ଲାଗିରହିବ ବର୍ଷା

ଭୁବନେଶ୍ୱର, ୭।୧୦(ସମିସ): ରାଜ୍ୟ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ସ୍ଥିତି ଆହୁରି ୪ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳରେ ବର୍ଷାର ପରିମାଣ ଅଧିକ ହେବାକୁ ଥିବା ବେଳେ ଏହି ସମୟରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ନେଇ ମଧ୍ୟ ଆଶଙ୍କା କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାର ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପଟେ ବୁଧବାର କେନ୍ଦ୍ରୀୟ-ପଶ୍ଚିମ ବଙ୍ଗୋପସାଗରର ଆନ୍ଧ୍ର ଉପକୂଳ ଦୂରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହି ଦୁଇଟିଯାକ ଘୂର୍ଣ୍ଣିବଳୟ ସମ୍ଭବତଃ ୧୦ କିମ୍ବା ୧୧ ତାରିଖରେ ମିଶି ଏକ ବିସ୍ତୃତ ଘୂର୍ଣ୍ଣିବଳୟରେ ପରିଣତ ହେବ। ଏହା ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଦିନ ସ୍ୱଳ୍ପ (୧୫ ମିମି) ଓ ସ୍ଥାନେସ୍ଥାନେ ମଧ୍ୟମଧରଣର ବର୍ଷା ହୋଇପାରେ। ତା'ପର ଦୁଇଦିନ ୧୦ ଓ ୧୧ରେ ଦକ୍ଷିଣ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଏବଂ ୧୨ ଓ ୧୩ରେ ସମୁଦ୍ର ସଂଲଗ୍ନ ଅଞ୍ଚଳ ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତିରେ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି। ୭ରୁ ୧୧ତାରିଖ ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ୧୪ରୁ ସମ୍ଭବତଃ ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ଆକଳନ କରାଯାଇଛି।

ଗତ ୩୬ ଘଣ୍ଟା ମଧ୍ୟରେ ପାରାଦୀପରେ ୭୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୫୨, ତାଳଚେର ୩୮, ସମ୍ବଲପୁର ୫୩ ଓ ଦାରିଙ୍ଗବାଡ଼ିରେ ୫୧ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ଗଞ୍ଜାମରେ ବିଜେପି ନେତାଙ୍କ ହତ୍ୟା ଘଟଣାରେ ବିଜେଡିର ପ୍ରତିକ୍ରିୟା

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଅଣାୟତ୍ତ: ବିଜେଡି

ଭୁବନେଶ୍ୱର, ୭।୧୦ (ସମିସ): ଗତ ଏକ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡ଼ିକ ଉପରେ ତର୍ଜମା କଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହେଉଛି। ମାତ୍ର ରାଜ୍ୟ ବିଜେପି ସରକାର ନିଦାବିଷ୍ଟ ସାଜିବା ସହ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି।




ଆଇନଶୃଙ୍ଖଳାର ସଂଗୀନ ସ୍ଥିତିକୁ ନେଇ ବିରୋଧୀ ଦଳର ଚିତ୍କାର ତାଙ୍କର କର୍ଣ୍ଣପାତ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର। ଗତ ସପ୍ତାହକ ମଧ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ସୋମବାର ବ୍ରହ୍ମପୁରରେ ବିଜେପିର ଆଗଧାଡ଼ିର ଜଣେ ନେତା

**■ ଗତ ଏକ ସପ୍ତାହରେ ଆଇନଶୃଙ୍ଖଳା ସ୍ଥିତି ସାଂଘାତିକ**
**■ ମୋହନ ସରକାର ଆସିବା ପରେ ଗଞ୍ଜାମରେ ୧୨୮ ହତ୍ୟା**

ତଥା ରାଜ୍ୟ ବାର୍ କାଉନସିଲର୍ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି। ଏହାକୁ ୨୦ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ କୌଣସି ଟେର୍ ପାଇନାହିଁ। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲ୍ଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ମୋହନ ସରକାର ଆସିବା ପରଠାରୁ କେବଳ ଗଞ୍ଜାମ ଜିଲ୍ଲାରେ ୧୨୮ଟି ହତ୍ୟାକାଣ୍ଡ ଘଟିଲାଣି। ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦିର ଚୋରି, ଲୁଟତରାଜ ଅହେତୁକ ବୃଦ୍ଧି ପାଇଛି। ଏଥିଯୋଗୁଁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ରାଜ୍ୟ ବିଜେପି ସରକାରଙ୍କ ପ୍ରଯୋଜନରେ ଏହି ଲୁଟତ୍‌ରାଜ ଚାଲିଛି ଓ ଏଥିଯୋଗୁଁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ପୂର୍ବରୁ ନବୀନ ସରକାରଙ୍କ ସମୟରେ ଗଞ୍ଜାମରେ ଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ବେଳେ ବିଜେପି ସରକାରଙ୍କ ସମୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଗଲାଣି।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ ରାଜ୍ୟରେ ଏବେ ବହୁଚର୍ଚ୍ଚିତ ଘଟଣା ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ବ୍ରହ୍ମପୁର ସହରରୁ ଲୋକଲୋଚନକୁ ଆସିଥିଲା। ଏହି ଘଟଣାରେ ସରକାରଙ୍କ ସମ୍ପୃକ୍ତି ଜଳଜଳ ହୋଇ ଦିଶୁଛି। ସେହିପରି ଚୌଦ୍ୱାରରେ ଥିବା ହାଇସିକ୍ୟୁରିଟି ଜେଲରୁ ଦୁଇ କୁଖ୍ୟାତ ଅପରାଧୀ ଜେଲରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ଭାଇଚାରା ସହର କଟକରେ ସାମ୍ପ୍ରଦାୟିକ ଦଙ୍ଗା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଲଗାଇବାକୁ ପଡୁଛି। ଆଜି ସକାଳେ ପୁରୀ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଭିତରେ ପଶି ଜଣେ ଦୁର୍ବୃତ୍ତ କଟୁରୀରେ ଯାତ୍ରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିବା ଯୋଗୁଁ ଅନ୍ୟୁନ ୭ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦୁଷ୍କର୍ମ, ଅସଦାଚରଣ, ନାରୀ ନିର୍ଯାତନା, ହତ୍ୟା ଇତ୍ୟାଦି ଘଟଣା ପ୍ରତିଦିନ ଖବରକାଗଜଗୁଡ଼ିକରେ ଶିରୋନାମା ପାଲଟୁଛି। କିନ୍ତୁ ସରକାର ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ଡବଲ୍ ଇଞ୍ଜିନ୍ ସରକାର ଗୋଟିଏ ସମ୍ବେଦନହୀନ ସରକାର ବୋଲି ରାଜ୍ୟବାସୀ ଜାଣିଲେଣି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ; ୩୦ ଆହତ

ଦକ୍ଷିଣ ବାଲେଶ୍ୱର, ୭।୧୦ (ସମିସ): ୧୬ନମ୍ବର ଜାତୀୟ ରାଜପଥର ସିମୁଳିଆ ଥାନା ଅନ୍ତର୍ଗତ ତାରିଣୀ ଛକ ନିକଟରେ ଆଜି ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ସିମୁଳିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ପଶ୍ଚିମବଙ୍ଗ ଫେରିବା ବେଳେ ଏହି ଅଘଟଣ ଘଟିଛି। ଚାଳକଙ୍କ ଆଖି ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ମୋହନପୁର ଥାନା ବୋଇତା ଅଞ୍ଚଳର ୬୫ ଜଣ ତୀର୍ଥଯାତ୍ରୀ ପୁରୀ ଜଗନ୍ନାଥ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳେ ରାତି ପ୍ରାୟ ୨ଟାରେ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଡିଭାଇଡର ଉପରକୁ ଚଢ଼ିଯାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ଖବର ପାଇ ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣା ସଦଳବଳେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଗାଡ଼ିର କାଚ ଭାଙ୍ଗି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା।

## ରାଇରଙ୍ଗପୁରରେ ଖୋଲିବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର

ଭୁବନେଶ୍ୱର, ୭।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ନୂତନ ଆଞ୍ଚଳିକ କେନ୍ଦ୍ର ଖୋଲିବ। ମୟୂରଭଞ୍ଜ ସମେତ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାର ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ଏଥିରେ ଉପକୃତ ହେବେ। ପୂର୍ବରୁ ଭୁବନେଶ୍ୱର, କୋରାପୁଟ ଓ ଅନୁଗୋଳରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ରହିଥିଲା। ଏହି ନୂତନ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ରାଜ୍ୟରେ ସମସ୍ତ ପ୍ରାନ୍ତରେ ଦୂର ନିରନ୍ତର ଶିକ୍ଷା ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ କହିଛନ୍ତି।

## ଚୋରା ମୋବାଇଲରୁ ୯୫ ହଜାର ଲୁଟିନେଲେ

ବାରିପଦା, ୭।୧୦ (ସମିସ): ଚୋରି ହୋଇଥିବା ଏକ ମୋବାଇଲ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୯୫ହଜାର ଟଙ୍କା ଗାଏବ ହୋଇଯାଇଛି। ଏନେଇ ମଧୁବନ ଅଞ୍ଚଳର ଲକ୍ଷ୍ମୀଧର ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ତାଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ସେ ପାସ୍‌ବୁକ୍ ଯାଞ୍ଚ କରିବାରୁ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା ଗାଏବ ହେବା ନେଇ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ୬ଟି ପର୍ଯ୍ୟାୟରେ ଏହି ଟଙ୍କା ଉଠାଣ କରିନେଇଛନ୍ତି। ଏ ସଂପର୍କରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ବସ୍‌ରେ ପଶି ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା

କଣାସ, ୭।୧୦ (ସମିସ): ବସ୍‌ରେ ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା। ଚିହ୍ନା-ଅଚିହ୍ନା, ପୁରୁଷ-ମହିଳା, ଛୁଆ-ବୁଢ଼ା କାହାକୁ ବି ଛାଡ଼ିଲାନି। ଆଖି ସାମ୍ନାରେ ଯିଏ ପଡ଼ିଲା, ତାକୁ କଟୁରି ଚୋଟ ପକାଇଲା। ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ମଙ୍ଗଳବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗଡ଼ଖାରଦାରୁ ଯାତ୍ରୀଙ୍କୁ ନେଇ କଣାସ ଫେରୁଥିବା ଲକ୍ଷ୍ମୀ ବସ୍‌ରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛି। ଏଥିରେ ଦୁଇ ପୁଲିସ ଅଧିକାରୀଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁବକଜଣଙ୍କ ହେଲା, ସତ୍ୟବାଦୀ ଥାନା ଶୁକଳ ବ୍ରହ୍ମଣପଡ଼ା ଗ୍ରାମର ତୋଫାନ ଭୋଇ (୪୦)। ଅପରପକ୍ଷେ, ଉତ୍ତ୍ୟକ୍ତ ଲୋକେ ତାକୁ କାବୁ କରି ନିର୍ଘୁମ୍ ମାଡ଼ ମାରିଛନ୍ତି। ତାକୁ ମଧ୍ୟ ଗୁରୁତର ଅବସ୍ଥାରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।







ସୂଚନାନୁଯାୟୀ, ପ୍ରତିଦିନ ପରି ମଙ୍ଗଳବାର କଣାସଠାରୁ ଲକ୍ଷ୍ମୀ ବସ୍ (ଓଡ଼ି୧୩ ଭି ୬୩୧୯) ସକାଳେ ଗଡ଼ଖାରଦା ଯାଇ ଫେରୁଥିବା ସମୟରେ ଖଣ୍ଡାହତାଠାରୁ ତୋଫାନ ବସ୍‌ରେ ଚଢ଼ିଥିଲା। ବିନ୍ଧଣ ଗ୍ରାମ ନିକଟରେ ବସ୍‌ରେ ବସିଥିବା ଅନ୍ୟ ଜଣେ ଯାତ୍ରୀ ତା' ଦେହରେ ବାଜିଯିବାରୁ ସେ ତାଙ୍କୁ

**କଟୁରି ଚୋଟରେ ୮ ଆହତ; ପୁଲିସ୍ ବି ଛାଡ଼ ପାଇଲାନି**

ଗାଳିଗୁଲଜ କରିବା ସହ ପାଖରେ ରଖିଥିବା କଟୁରିରେ ଆକ୍ରମଣ କରିଥିଲା। ଏହାକୁ ନେଇ ବସ୍‌ରେ ଭୟର ବାତାବରଣ ଖେଳି ଯାଇଥିଲା। କିଛି ଯାତ୍ରୀ ବସ୍‌ରୁ ପଳାଇ ଯାଇଥିବା ବେଳେ ଆଉ କିଛି ତାକୁ ବିରୋଧ କରିଥିଲେ। ଏଥିରେ ତୋଫାନ ଆହୁରି ରାଗିଯାଇ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଖବର ପାଇ କଣାସ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ତାକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ, ତୋଫାନ ସେମାନଙ୍କୁ ବି ଆକ୍ରମଣ କରିଥିଲା। ଦୁଇ ପୁଲିସ ଅଧିକାରୀ ଆହତ ହୋଇ ମଧ୍ୟ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତୋଫାନର ଉନ୍ମତ୍ତ କାଣ୍ଡ ଦେଖି ସ୍ଥାନୀୟ ଲୋକମାନେ ତାକୁ ମାରପିଟ୍ କରିବାରୁ ସେ ମଧ୍ୟ ଆହତ ହୋଇଥିଲା। ଚିକିତ୍ସା ପାଇଁ ଆହତମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଓ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

କଣାସ ପୁଲିସ ଏହି ମାମଲାକୁ ଗଡ଼ିଶାଗୋଦା ଥାନାକୁ ହସ୍ତାନ୍ତର କରିଛି। ତେବେ ଏପରି କାଣ୍ଡ ଭିଆଇବା ପଛରେ କାରଣ କ'ଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର ଦାସ କହିଛନ୍ତି। ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ: ୩ମୃତ

ପାରଳାଖେମୁଣ୍ଡି/ଗୋଷାଣି, ୭।୧୦ (ସମିସ): ଗଜପତି ଜିଲ୍ଲା ସୀମାନ୍ତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମିଳିଆପୁଟି ମଣ୍ଡଳମ୍ ଅନ୍ତର୍ଗତ ଗଙ୍ଗାରାଜପୁରମ୍ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗଙ୍ଗାରାଜପୁରମ୍‌ସ୍ଥିତ ଏକ ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ ଘଟି ୩ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିମାନେ ହେଲେ, ବିହାର ରାଜ୍ୟର ଶ୍ରବଣ କୁମାର(୪୫), ରାଜସ୍ଥାନର ହେମରାଜ(୨୫) ଏବଂ ମଧ୍ୟପ୍ରଦେଶର ପିଣ୍ଟୁ ସିଂ। ଏମାନଙ୍କ ସହ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଗଜପତି ଜିଲ୍ଲା ଆର୍. ଉଦୟଗିରି ଟଙ୍କିୟସାହି ଗ୍ରାମର ଜାନ ବଳିଆରସିଂ (୪୨), ଆନ୍ଧ୍ରପ୍ରଦେଶ ଟେକିଲି ଗ୍ରାମର କେ. ଜନାର୍ଦ୍ଦନ (୨୫), ମିଳିଆପୁଟି ମଣ୍ଡଳମର କେ.ବାଲାରାଜୁ (୬୩) ଏବଂ ପେଦାଲକ୍ଷ୍ମୀପୁରମ୍ ଗ୍ରାମର ବି. ହରି ପ୍ରସାଦ (୨୪)। ସେମାନଙ୍କୁ ଟେକିଲି ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଏହି ଅଘଟଣକୁ ଆନ୍ଧ୍ରପ୍ରଦେଶ ପୁଲିସ ବଜ୍ରପାତ ଜନିତ ଅଘଟଣ କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।

ପୁଲିସ୍ ସୂଚନା ମୁତାବକ, ମୃତାହତମାନେ ଉକ୍ତ ଗ୍ରାନାଇଟ୍ ଖଣିରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ନିୟୋଜିତ ଥିଲେ। ଆଜି ସନ୍ଧ୍ୟାରେ ହଠାତ୍ ଖଣିରେ ପ୍ରଚଣ୍ଡ ବିସ୍ଫୋରଣ

**ବଜ୍ରପାତଜନିତ ଅଘଟଣ କହି ମାମଲା ଚାପିବାକୁ ପୁଲିସର ଉଦ୍ୟମ**

ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଥିଲେ। ଉକ୍ତ ଖଣିଟି ଗୋଷାଣି ବ୍ଲକ୍ ଜଙ୍ଗଲପାଡୁ ଗ୍ରାମକୁ ଲାଗି ରହିଛି।

ଟେକିଲି ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି ପ୍ରାଥମିକ ତଦନ୍ତରୁ ଏହା ଏକ ବଜ୍ରପାତଜନିତ ଅଘଟଣ ବୋଲି ଜଣାପଡ଼ିଥିବା ବେଳେ ଆଗକୁ ଅନ୍ୟ ଦିଗଗୁଡ଼ିକୁ ନେଇ ତଦନ୍ତ କରାଯିବ। କୌଣସି ବିସ୍ଫୋରଣ କାରଣରୁ ଏହି ଘଟଣା ଘଟିଛି କି ନାହିଁ, ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

ଭୋଟ୍ ଚୋରି, ଚାକିରି ବିକ୍ରି

# ୯ ରେ ଯୁବ କଂଗ୍ରେସର ପ୍ରତାରଣା ସମାବେଶ

ଭୁବନେଶ୍ୱର, ୭।୧୦ (ସମିସ): ଭୋଟ୍ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ସରକାରଙ୍କୁ ଘେରିବାକୁ ଅଣ୍ଟା ଭିଡ଼ିଛି ଯୁବ କଂଗ୍ରେସ। ଏଥିପାଇଁ ଅକ୍ଟୋବର ୯ ତାରିଖରେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଓଡ଼ିଶା ଗସ୍ତରେ ଆସିବେ। ୯ରେ ଦଳ ପକ୍ଷରୁ ଆୟୋଜନ ହେବାକୁ ଥିବା "ପ୍ରତାରଣା ପ୍ରତିବାଦ ସମାବେଶ"ରେ ସେ ଯୋଗଦେବେ ବୋଲି ମଙ୍ଗଳବାର ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏହି ସମାବେଶ ଆୟୋଜନ କରାଯିବ। ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ। ଲୋୟର ପିଏମଜିଠାରେ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ ମଧ୍ୟ କରାଯିବ। ଏହି ସମଗ୍ର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ପିସିସି ସଭାପତି ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ ବୋଲି ସେ କହିଛନ୍ତି।

ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ। ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି। ସନ୍ଧ୍ୟା ୫ଟାଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡ଼ି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି।



ଅନ୍ୟପକ୍ଷରେ ବିଜେପି ସରକାର ସମସ୍ତ ସରକାରୀ ଚାକିରିକୁ ନିଲାମ କରିବାର ବ୍ୟବସ୍ଥା କରିଛନ୍ତି। ଏବେ ଯେଉଁ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଲୋକଲୋଚନକୁ ଆସିଛି, ତାହା ଓଡ଼ିଶାର ବେକାର ଯୁବକ ଯୁବତୀ ମାନଙ୍କୁ ହତାଶ କରିଛି। ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କରଜ କରି, ଜମି, ଜାଗା, ସୁନା ବନ୍ଧା ପକାଇ ଅର୍ଥ ଯୋଗାଡ଼ କରୁଛନ୍ତି। ହେଲେ ମୋହନ ସରକାର ପରୀକ୍ଷା ପୂର୍ବରୁ ସମସ୍ତ ସରକାରୀ ଚାକିରି ବିକ୍ରି କରିଦେବାରେ ବ୍ୟବସ୍ଥା କରିଛନ୍ତି।

ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପରେ ଗତ ମାର୍ଚ୍ଚରେ ପୁଲିସ ଏସ୍‌ଆଇ ପରୀକ୍ଷାର ପୂର୍ବଦିନ ବାତିଲ କରାଯାଇଥିଲା। ଯେଉଁ ବେସରକାରୀ ସଂସ୍ଥାକୁ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥା ବିରୋଧରେ ସରକାର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ସେତେବେଳେ ଆରଆଇ, ଅମିନ, ଏଏସ୍‌ଓ, ସବ ଜେଲର ଓ ଓଟିଇଟି ପରୀକ୍ଷାର୍ଥୀମାନେ ମଧ୍ୟ ଚାକିରି ବିକ୍ରି ଯୋଜନାର ସେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜାତୀୟଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓ ନେତା ମାଣ୍ଡା ରୁବେନ୍‌ର ଆତ୍ମସମର୍ପଣ

ମାଲକାନଗିରି, ୭।୧୦(ସମିସ): ୪୪ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟରତ ଦକ୍ଷିଣ ବସ୍ତର୍ ମାଓ-ଡିଭିଜନ୍ କମିଟି ସମ୍ପାଦକ ମାଣ୍ଡା ରୁବେନ୍ ଓରଫ୍ ମଙ୍ଗନ୍ନା ଆଜି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ତେଲେଙ୍ଗାନାର



ୱାରାଙ୍ଗଲର ପୁଲିସ କମିଶନରଙ୍କ ଉପସ୍ଥିତିରେ ସେ ମୁଖ୍ୟସ୍ରୋତକୁ ଫେରିଛି। ମଙ୍ଗନ୍ନା ଛତିଶଗଡ଼, ଆନ୍ଧ୍ର, ଓଡ଼ିଶା ଓ ତେଲଙ୍ଗାନାର ବହୁ ବଡ଼ବଡ଼ ମାଓ ହିଂସାକାଣ୍ଡରେ ଜଡ଼ିତ ଥିଲା। ତା'ର ଆତ୍ମସମର୍ପଣ, ମାଓ ସଂଗଠନ ପାଇଁ ଏକ ଶକ୍ତଧକ୍କା ଓ ପୁଲିସ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ପ୍ରାୟ ବର୍ଷେ ପୂର୍ବେ ସେ ଗିରଫ ହୋଇ ଛତିଶଗଡ଼ର ଜଗଦଲପୁର ଜେଲ୍‌ରେ ଥିଲା। ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ ତାଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ୩ ମାଓବାଦୀ ଗିରଫ

ମାଲକାନଗିରି, ୭।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀ ଆଜି ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିଦେଇଛନ୍ତି। ମାଲେୱାହି ରାସ୍ତାରେ ନକ୍ସଲମାନେ ଖଞ୍ଜୁଥିବା ୫କେଜିର ଏକ ପ୍ରେସରକୁକର ବୋମାକୁ ଜବତ କରିବା ସହ ୩ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ, ସନ୍ତୁ ମଣ୍ଡାଭି, ମଣିରାମ ଏବଂ ସୁଖମାନ ମଣ୍ଡାଭି। ସୂଚନାନୁଯାୟୀ, ସିଆରପିଏଫ୍‌ର



୧୯୫ତମ ବାଟାଲିୟନର ଯବାନ, ବାରସୁର ଏବଂ ମାଲେୱାହି ପୁଲିସ୍ ପକ୍ଷରୁ ମିଳିତ ଭାବେ ମାଲେୱାହି ଶିବିରରୁ ସତଧାର ଅଭିମୁଖେ ତଲାସି ଅଭିଯାନ କରାଯାଉଥିଲା। ଏହି ସମୟରେ ପୁଲିସକୁ ଦେଖି ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ଲୁଚିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯବାନମାନେ ସେମାନଙ୍କୁ ଘେରିଯାଇ କାବୁ କରି ପଚରାଉଚରା କରିବା ପରେ ସେମାନେ ମାଓବାଦୀ ବୋଲି ଜଣାପଡ଼ିଥିଲା। ସତଧାର ସେତୁ ନିକଟରେ ହୋଇଥିବା ବୋମା ବିସ୍ଫୋରଣରେ ସେମାନଙ୍କ ସମ୍ପୃକ୍ତି ଥିବା ମଧ୍ୟ ସ୍ୱୀକାର କରିଥିଲେ। ତୁରନ୍ତ ଯବାନମାନେ ସମସ୍ତଙ୍କୁ ଗିରଫ କରି ଉକ୍ତ ପାଞ୍ଚ କିଲୋଗ୍ରାମର ଆଇଇଡିକୁ ଉଦ୍ଧାର କରିଥିଲେ। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ସରକାରଙ୍କୁ ପରୀକ୍ଷା ପୀଡ଼ା

**୧୫ ମାସର ସବୁ ପରୀକ୍ଷାରେ ଅସଙ୍ଗତି**

ଭୁବନେଶ୍ୱର, ୭।୧୦ (ସମିସ): ଗତ ୧୫ ମାସ ମଧ୍ୟରେ ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ଅନେକ ବିଭାଗରେ ନିଯୁକ୍ତି ଏବର ସରକାର ପ୍ରଦାନ କରିଛନ୍ତି। ଇତି ମଧ୍ୟରେ କିଛି ନୂଆ ସରକାରୀ ଚାକିରି ବାହାରୁନାହିଁ। ପାଠପଢ଼ି ବେକାର ବସିଥିବା ସାଧାରଣ ସ୍ନାତକଙ୍କ ପାଇଁ ଏଯାଏ ଗୋଟିଏ ବି ପଦ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ମାତ୍ର ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ନିମନ୍ତେ ପରୀକ୍ଷା ପରିଚାଳନା କରିବାରେ ଏବେ ସରକାର ଅସମର୍ଥ ହୋଇଛନ୍ତି। କେତେବେଳେ ପ୍ରଶ୍ନପତ୍ର ଲିକ୍ ହେଉଛି ତ ଆଉ କେତେବେଳେ ଚାକିରି ବିକ୍ରି ହେଉଛି। ପୂର୍ବରୁ ଆର୍‌ଆଇ-ଅମିନ, ଫରେଷ୍ଟର-ଫରେଷ୍ଟଗାର୍ଡ, ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ବ୍ୟପକ ଅସଙ୍ଗତି ଦେଖାଦେଇଥିଲା। ସମ୍ପ୍ରତି ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଉଦ୍ୟମ କରୁଥିବା ଏକ ବଡ଼ ରାକେଟ୍ ଧରାପଡ଼ିବା ପରେ ମେଧାବୀ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଇଛି। ଯେତେ ମେଧାବୀ ହେଲେ ମଧ୍ୟ ପକେଟରେ ଟଙ୍କା ନ ଥିଲେ ଓଡ଼ିଶାରେ ଚାକିରି ମିଳିବ ନାହିଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଛି।

**ମାନସିକ ଚାପରେ କଲବଲ ମେଧାବୀ ପରୀକ୍ଷାର୍ଥୀ**

ଗତ ଜାନୁଆରୀ ମାସରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ବିଜ୍ଞପ୍ତି ବାହାରିଥିଲା। ମାର୍ଚ୍ଚ ୮ ଓ ୯ରେ ପରୀକ୍ଷା କରିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ ପରୀକ୍ଷାର ମାତ୍ର ଦିନକ ପୂର୍ବରୁ ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ଏହାର ୭ମାସ ପରେ ଅର୍ଥାତ୍ ଚଳିତମାସରେ ପରୀକ୍ଷା ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଚାକିରି ବିକ୍ରି ହେବା ଘବର ପଦାକୁ ଆସିଛି। ଫଳରେ ଅନ୍ୟ ସମସ୍ତ ପରୀକ୍ଷାକୁ ଛାଡ଼ି ଦୀର୍ଘ ୧୦ ମାସ ହେବ ଏସ୍‌ଆଇ ପରୀକ୍ଷା ପ୍ରସ୍ତୁତି କରୁଥିବା ଆଶାୟୀ ନିରାଶ ହୋଇଛନ୍ତି। ପୁଣି ଚାକିରି ବିକ୍ରି ହେଉଥିବା ଖବର ସେମାନଙ୍କ ଆଖିରୁ ନିଦ ହଜେଇଦେଇଛି। ଭାତ ଆଳୁସିଝା ଖାଇ ପାଠ ପଢୁଥିବା ବହୁ ଗରିବ ମେଧାବୀ କେବଳ ଭଗବାନଙ୍କୁ ଡ଼ାକୁଛନ୍ତି।

ସେହିପରି ଆସନ୍ତାକାଲିଠାରୁ ପୁଣିଥରେ ଆରମ୍ଭ ହେଉଥିବା ଆର୍‌ଆଇ-ଅମିନ ପରୀକ୍ଷା ମଧ୍ୟ ମୂଳରୁ ବିବାଦୀୟ ହୋଇସାରିଛି। ପ୍ରଥମ ଥର ଅନୁଷ୍ଠିତ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ କମ୍ପ୍ୟୁଟର ସ୍ୱତଃପ୍ରବୃତ୍ତ ଭାବେ ଚାଲିବାଠାରୁ ଆରମ୍ଭ କରି ସାଇବର୍ କାଫେ ଓ କଲ୍ୟାଣମଣ୍ଡପରେ ପରୀକ୍ଷା ହେବା ଅବ୍ୟବସ୍ଥାକୁ ପଦାରେ ପକାଇଥିଲା। ପିଲାଙ୍କ ଆନ୍ଦୋଳନ ମଧ୍ୟରେ ପରୀକ୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ ଅନିୟମିତତାକୁ ସରକାର ସ୍ୱୀକାର ମଧ୍ୟ କରିଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରାଯାଇଥିଲା। ଏବେ ପୁଣି ଆଉଥରେ ପରୀକ୍ଷା ହେଉଛି। ଏହି ନିଯୁକ୍ତି ସରିପାରୁ ନ ଥିବାରୁ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି କି ଛାଡ଼ି ମଧ୍ୟ ପାରୁ ନାହାନ୍ତି ଓ ମାନସିକ ଚାପରେ ପେଶି ହେଉଛନ୍ତି।

ଫରେଷ୍ଟର-ଫରେଷ୍ଟଗାର୍ଡ ପରୀକ୍ଷାରେ ମଧ୍ୟ ବ୍ୟାପକ ଅନିୟମିତତା ଓ ଚାକିରି ବିକ୍ରି ହୋଇଥିବା ପରି ଅଭିଯୋଗ ଆସିଥିଲା। ସରକାର ମଧ୍ୟ ପରୋକ୍ଷରେ ଏହାକୁ ସ୍ୱୀକାର କରିବା ସହ କିଛି ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ବ୍ୟାପକ ତ୍ରୁଟି ସାମ୍ନାକୁ ଆସିଲା। ଏହା ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ପ୍ରାୟ ୨ବର୍ଷ ବିତିଥିଲେ ମଧ୍ୟ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି। ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ମଧ୍ୟ ବିଭ୍ରାଟ ଦେଖାଦେଇଥିଲା। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପାର୍ଟନ ହିଁ ଭୁଲ୍ ପକାଇଥିଲା। ଓଏସ୍‌ଏସ୍‌ସିର ଏତେ ବଡ଼ ତ୍ରୁଟି ପା।ଇଁ ଲକ୍ଷାଧିକ ପରୀକ୍ଷାର୍ଥୀ ହଇରାଣ ହେବା ସହ ବିପୁଳ ରାଜସ୍ୱ ହାନି ହୋଇଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏଲ୍‌ଟିଆର୍ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ତ୍ରୁଟି ପାଇଁ ଏଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରୁନାହିଁ। ଗୋଟିଏ ପରେ ଆଉ ଗୋଟିଏ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳିଯାଉଛି। ଅସନ୍ତୋଷ ବଢ଼ିବା ସହ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର ନ କଲେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଆଶାୟୀମାନେ ସାମାଜିକ ଗଣମାଧ୍ୟମ ଏକ୍ସରେ ସରକାରଙ୍କୁ ଚେତାବନୀ ଦେଉଛନ୍ତି।

### ବିଜେପି ବିରୋଧରେ ସଙ୍ଗୀନ ଅଭିଯୋଗ

# ଢେଙ୍କାନାଳବାସୀଙ୍କୁ ଭୁଆଁ ବୁଲାଉଛନ୍ତି ଯୋଗାଣମନ୍ତ୍ରୀ: ବିଜେଡି

ଢେଙ୍କାନାଳ,୭।୧୦(ସମିସ):



ଢେଙ୍କାନାଳବାସୀଙ୍କୁ ମନ୍ତ୍ରୀ ଭୁଆଁ ବୁଲାଉଥିବାର ବିଜେଡି ତରଫରୁ ଅଭିଯୋଗ କରାଯିବା ସହିତ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟସ୍ତରୀୟ ମାନ୍ୟତାର ସତ୍ୟାସତ୍ୟ ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଛି। ବିଜେଡି ସମୟରେ ପୂଜା ମଣ୍ଡପପାଇଁ ୮୩.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟ ଉଦ୍‌ଘାଟନ ଓ ଓଡ଼ିଆ ଅସ୍ମିତା କଥା ବି ମିଛ ବୋଲି ଅଭିଯୋଗ କରାଯିବା ସହିତ ବାଜି ରାଉତଙ୍କୁ ନେଇ ଦେଇଥିବା ଭୁଲ ବକ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ମନ୍ତ୍ରୀ ବୋଲି ଦାବି କରାଯାଇଛି। ବିଜେପି ସରକାର କେବଳ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛି ଏବଂ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ତଥା ଢେଙ୍କାନାଳର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳବାସୀଙ୍କୁ ନାନା ମିଛ କଥା କହି ଭୁଆଁ ବୁଲାଇ ଚାଲିଛନ୍ତି। ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀପୂଜାକୁ ରାଜ୍ୟସ୍ତରୀୟ ମାନ୍ୟତା ମିଳିଥିବା କଥା କହି ଲୋକଙ୍କୁ ଭ୍ରମିତ କରାଯାଉଛି। ଯଦି ମାନ୍ୟତା ମିଳିଛି

**ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟମାନ୍ୟତାର ବିଜ୍ଞପ୍ତି ପ୍ରକାଶ ଦାବି**

ତେବେ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏଭଳି ରାଜ୍ୟ ମାନ୍ୟତା ପ୍ରଦାନର ବ୍ୟବସ୍ଥା ରହିଛି ତ ଅନ୍ୟ କେଉଁ ପୂଜା, ମେଳାକୁ ରାଜ୍ୟ ମାନ୍ୟତା ମିଳିଛିକି? ତାହା ମନ୍ତବ୍ୟ ସ୍ପଷ୍ଟ ହେବା ଉଚିତ। ତାହା ନକରି କେବଳ ପାଟିରେ କହି, ମିଛ ଓ ପ୍ରାୟୋଜିତ ସମ୍ବର୍ଦ୍ଧନା ନେଇ ଢେଙ୍କାନାଳବାସୀଙ୍କ ଭାବାବେଗ ସହ ଖେଳ ଖେଳାଯାଉଛି। ଏଣୁ ରାଜ୍ୟ ମାନ୍ୟତାର ବିଜ୍ଞପ୍ତି ପ୍ରକାଶ କରିବାକୁ ବିଜେଡି ଦାବି କରୁଛି। ବିଜେଡି ସରକାର ସମୟରେ ଢେଙ୍କାନାଳ ସହରର ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ପାଇଁ ବିଧାୟକ ପାଣ୍ଠିରୁ ୮୩.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ବିଜେଡି ଏଭଳି ମହତ୍ କାର୍ଯ୍ୟର ପ୍ରଚାର କରି ନଥିଲା। ଏବେର ସରକାର ପ୍ରତି ପୂଜା ପ୍ରତିଷ୍ଠାନକୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ତାହାକୁ ଆମେ ସ୍ୱାଗତ କରୁଛି। ପ୍ରତିବର୍ଷ ଏହି ଅନୁଦାନ ପ୍ରଦାନ କରାଯିବା ନାଁ ଗୋଟିଏ ବର୍ଷ ପାଇଁ ତାହା ସ୍ପଷ୍ଟ କରାଯାଉ। ପ୍ରତିବର୍ଷ ଅନୁଦାନ ବୃଦ୍ଧି କରି ପ୍ରଦାନ କରିବାକୁ ଦାବି କରାଯାଇଛି। ନିକଟରେ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟକୁ ମନ୍ତ୍ରୀ ଉଦ୍‌ଘାଟନ କରି ବାଃ..ବାଃ ନେବାକୁ ପ୍ରଚେଷ୍ଟା କରିଛନ୍ତି। ଏହି ପ୍ରେକ୍ଷାଳୟ ଦୀର୍ଘ ବର୍ଷ ହେଲା ତିଆରି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରି ସାରିଛନ୍ତି। ଭାଙ୍ଗିବା ପରେ ପୁଣି ନବୀକରଣ କରାଯାଇଛି। ବିଜେଡି ସରକାର ସମୟରେ ପ୍ରାୟ ୨ କୋଟି ଊର୍ଦ୍ଧ୍ୱ ଟଙ୍କାରେ ଏହା ନିର୍ମାଣ ହୋଇଛି। ଏବେ ସେଥିରେ ବିଜେପି ସରକାର କେବଳ ୬୦ ଲକ୍ଷ ଟଙ୍କାର ଶବ୍ଦ ଓ ଆଲୋକ ବ୍ୟବସ୍ଥା କରିଛନ୍ତି। ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରର ପ୍ରେକ୍ଷାଳୟ ଉଦ୍‌ଘାଟନ କରାଯାଇଛି। ପ୍ରେକ୍ଷାଳୟ ଶବ୍ଦ ଯୋଡା ଯାଇଥିଲେ ବି ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଇଂରାଜୀର ପରିବର୍ତ୍ତନ ହୋଇନାହିଁ। ଓଡ଼ିଆ ଅସ୍ମିତାର କଥା କହୁଥିବା ମନ୍ତ୍ରୀ ଇଂରାଜୀ ନାମ ଥିବା ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବା ଦୁର୍ଭାଗ୍ୟପୂର୍ଣ୍ଣ ଏହାର ତୁରନ୍ତ ଓଡ଼ିଆରେ ନାମକରଣ କରାଯାଉ। ଢେଙ୍କାନାଳ ଜିଲ୍ଲା ଭୁବନ ନୀଳକଣ୍ଠପୁର ଠାରେ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାଜି ରାଉତଙ୍କୁ ନେଇ ଦେଇଥିବା ଭୁଲ ବକ୍ତବ୍ୟ ଅତି ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ଇତିହାସକୁ କଦର୍ଥ କରିବାର ଅଧିକାର ମନ୍ତ୍ରୀଙ୍କର ନାହିଁ। ଇତିହାସକୁ ବିକୃତ ନକରି ମନ୍ତ୍ରୀ କ୍ଷମା ମାଗିବା ସହ ତ୍ରୁଟିକୁ ସୁଧାରିବାକୁ ବିଜେଡି ଦାବି କରୁଛି। ନଚେତ ଆଗାମୀ ଦିନରେ ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡଙ୍ଗୀ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି।

## ମୟୂର ଅନୁଷ୍ଠାନର ଦଶମ ସପ୍ତଶଯ୍ୟା ମହୋତ୍ସବ



**ଢେଙ୍କାନାଳ,୭।୧୦(ସମିସ):** ଗୋପବନ୍ଧୁ ଟାଉନ ହଲ୍‌ରେ ମୟୂର ଏକାଡେମୀ ଅଫ ମ୍ୟୁଜିକ ଓ ନୃତ୍ୟ ଅନୁଷ୍ଠାନର ୨୫ତମ ବାର୍ଷିକ ଉତ୍ସବ ତଥା ୧୦ମ ସପ୍ତଶଯ୍ୟା ମହୋତ୍ସବ ଅନୁଷ୍ଠିତ ହୋଇଛି। ୨ଦିନ ବ୍ୟାପୀ ଉତ୍ସବରେ ବରିଷ୍ଠ ନାଟ୍ୟକାର, ଚିତ୍ରଶିଳ୍ପୀ ତଥା ଅନୁଷ୍ଠାନର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପ୍ରଥମ ଦିବସରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସହରରେ ଥିବା ସମସ୍ତ ରେଜିଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଚେଷ୍ଟିତ ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଆଜବେଷ୍ଟସର ଇଲେକ୍ଟ୍ରିକାଲ୍ ମ୍ୟାନେଜର ବିଜୟ କୁମାର ବିଶ୍ୱାଳ, ଦଳିତ ମହାସଂଘ ସଭାପତି ପ୍ରହ୍ଲାଦ ନାୟକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅଭୟ କୁମାର ସାହୁ ଯୋଗଦେଇଥିଲେ। ଅବସରରେ ପିଲାମାନଙ୍କୁ ଟ୍ରଫି, ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁନୀଲ କୁମାର ଶର୍ମା ଯୋଗଦେଇଥିଲେ। ଅଭିନୟ ଡ୍ୟାନ୍ସ ଏକାଡେମୀ, ରିଙ୍କିଲ୍ସ ଡ୍ୟାନ୍ସ ଗ୍ରୁପ୍, ନୀତା ନୃତ୍ୟାଙ୍ଗନା, ନୃତ୍ୟାଙ୍ଗନା, ସାଧନା ନୃତ୍ୟ ସଙ୍ଗୀତ ବିଦ୍ୟାଳୟର ଗୁରୁ ଓ ଭୁବନେଶ୍ୱରରୁ ଆସିଥିବା ନୂପୁର ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ଅକ୍ଷୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ କରାଯାଇଥିଲା। ଚନ୍ଦନ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ବନମାଳୀ ମଲ୍ଲିକ ଅନୁଷ୍ଠାନ ବିଷୟରେ ଅବଗତ କରାଇଥିଲେ। ସଭ୍ୟ ସୁକାନ୍ତ କୁମାର ମଲ୍ଲିକ, ନୃସିଂହ ଚରଣ ସ୍ୱାଇଁ, ପ୍ରସନ୍ନ ବିଶ୍ୱାଳ, ରଶ୍ମିତା ସାହୁ, ସବିତା ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ଗୁରୁ କାବେରୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅର୍ଦ୍ଧନିର୍ମିତ ରାସ୍ତାକୁ ନେଇ ଜନ ଅସନ୍ତୋଷ



**ପରଜଙ୍ଗ,୭ ।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବାଇପାସ ଛକଠାରୁ ଅଳ୍ପ ଦୂରରେ ଅସ୍ଥାୟୀ ମଣ୍ଟୋକାର୍ଲ୍ସ କମ୍ପାନୀ ପାଖରେ ୫୩ ନଂ ଜାତୀୟ ରାଜପଥ ଉପରେ ରହିଛି ଅର୍ଦ୍ଧନିର୍ମିତ ରାସ୍ତା। ବାଇପାସ ଛକ ନିକଟବର୍ତ୍ତୀ ଅର୍ଥାତ କାମାକ୍ଷାନଗର ଦିଗକୁ ଯାଇଥିବା ୫୩ ନଂ ଜାତୀୟ ରାଜପଥ ଉପରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ଧରି ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଏନଏଚଆଇ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁଁ ସୀମିତ ରାସ୍ତା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ ବୋଲି ଅଭିଯୋଗ ହେଉଛି। ସମତଳ ନଥିବାରୁ ଖାଲରେ ତଥା ବର୍ଷା ହେଲେ କାଦୁଅ ଓ ପାଣିରେ ରାସ୍ତାର ଉଭୟ ଦିଗକୁ ପଥଚାରୀ ଓ ଛୋଟ ବଡ ଯାନବାହାନ ଯାତାୟାତ କରୁଛି। ଏହି ରାଜପଥ ଉପରେ ମୁଣ୍ଡେଇଲୋ, ଖଇରାମୁଣ୍ଡା ଗାଁ ମଧ୍ୟଭାଗରେ ଟୋଲଗେଟ କରାଯାଇ କିପରି ଟୋଲ ଫି ଆଦାୟ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟୋଲ ଫି ଆଦାୟ କରିବାରେ ବ୍ୟସ୍ତ ରହୁଥିବା ବେଳେ କିପରି ଏହି ରାସ୍ତା ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ କରାଯାଉ ନାହିଁ, ସେନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗଭୀର ଖାଲ ଯୋଗୁଁ ଛୋଟ ବଡ ଦୁର୍ଘଟଣା ହେବା ସହ ଅନେକ ଧନଜୀବନ ହାନୀ ହେଉଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟଫଳ ଶୂନ। ରାଜପଥ ଉପରେ ରହିଥିବା ଖାଲକୁ ତୁରନ୍ତ ମତାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିବା ଆରମ୍ଭ ହେଲାଣି।

## ଅନୁଗୋଳ ମେଳା ଉଦ୍‌ଘାଟିତ



ଅନୁଗୋଳ,୭।୧୦(ସମିସ): ବିଜୁ ମୈଦାନଠାରେ ମଙ୍ଗଳବାର ସନ୍ଧ୍ୟାରେ ୧୨ତମ ଅନୁଗୋଳ ମେଳା ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପାର୍ବଣ ଋତୁରେ ଅନୁଗୋଳବାସୀ ପୂଜା ବୁଲି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ମେଳାରୁ ନିଜ ମନପସନ୍ଦର ଜିନିଷ କିଣି ଘରକୁ ନେଇପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଲକ୍ଷ୍ମୀ ପୂଜା ଅବସରରେ ଅନୁଷ୍ଠିତ ଅନୁଗୋଳ ମେଳାରେ ପ୍ରାୟ ୧୦୦ରୁ ଅଧିକ ଷ୍ଟଲ୍ ଖୋଲା ଯାଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ହସ୍ତତନ୍ତ, ହସ୍ତଶିଳ୍ପ, ପୋଷାକ, ଶାଢ଼ୀ, ଘରକରଣା, ଖେଳଣା ଓ ବୈଦ୍ୟୁତିକ ଆସବାବପତ୍ର ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟ ମଧ୍ୟ କରାଯାଇଥାଏ। ଫଳରେ ବିକିବା ଲୋକ ଓ କିଣିବା ଲୋକଙ୍କ ମଧ୍ୟରେ ସିଧାସଳଖ ବ୍ୟବସାୟ ହୋଇଥାଏ। ବିକିବା ଲୋକ ନିଜର ଉତ୍ପାଦିତ ଓ ସଂଗୃହିତ ଜିନିଷର ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟ କରିବା ସହିତ କିଣିବା ଲୋକ ଜିନିଷର ଗୁଣବତ୍ତା, ମାନ ଓ ଆବଶ୍ୟକତା ଅନୁଭବ କରି ନିଜ ମନପସନ୍ଦର ଜିନିଷ କିଣି ନେବାର ବ୍ୟବସ୍ଥା ରହିଛି ବୋଲି ମେଳା ସଂଯୋଜକ ପ୍ରକାଶ କରିଥିଲେ। ଅକ୍ଟୋବର ୭ ତାରିଖଠାରୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବା ସହିତ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେବ।

## ତାଳଚେର ଅଞ୍ଚଳରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

ତାଳଚେର,୭।୧୦(ସମିସ): ତାଳଚେର ଅଞ୍ଚଳର ବିଭିନ୍ନ ସାହିଗୁଡ଼ିକରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ସାଜସଜ୍ଜା ସହିତ ବୃନ୍ଦାବତୀଙ୍କ ଚଉରାମୂଳରେ ବିଭିନ୍ନ ରଙ୍ଗବେରଙ୍ଗର ପତାକା, ଝୋଟି ଚିତା ପକାଇ ନୂଆ ପୋଷାକ ପରିଧାନ କରି କୁଆଁରୀ ଝିଅମାନେ ଏହି ପର୍ବ ପାଳନ କରୁଥିବା ଦେଖିବାକୁ ମିଳିଛି। ପୂଜା ସମୟରେ କୁଆଁରୀମାନେ ଏକତ୍ରିତ ହୋଇ କୁଆଁର ପୁନେଇ ଜହ୍ନ ଗୋ.. ଫୁଲ ବଉଳ ବେଣୀ.. ଗୀତ ଗାଇଥିଲେ। କଥାକଥିତ ଅନୁସାରେ ଏହି ପୂଜା ଯେଉଁମାନେ କରିଥାନ୍ତି ତାଙ୍କ ମନ ମୁତାବକ ଜୀବନସାଥି ମିଳିଥାଏ ବୋଲି ଏକ ଅଗାଢ଼ ବିଶ୍ୱାସରେ କୁଆଁରୀ ଝିଅମାନେ ଶ୍ରଦ୍ଧାର ସହିତ ଉତ୍ସବ ପାଳନ କରିଥାନ୍ତି।



## ଭୁବନରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

**ଭୁବନ,୭।୧୦(ସମିସ):** ଭୁବନରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଜହ୍ନି ଓଷା ଆଶ୍ୱିନ ମାସର ପ୍ରଥମ ଦିନରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ। ଏହି ଓଷା କୁମାରୀମାନଙ୍କ ଦ୍ୱାରା ପାଳନ ହେବାସହ କୁମାରପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୁଏ। ମାସ ସାରା ତୁଳସୀ ଚଉରା ମୂଳେ ଜହ୍ନିଫୁଲ ଥୋଇ କୁମାରୀମାନେ ମା' ବୃନ୍ଦାବତୀଙ୍କ



ପୂଜା କରିଥାନ୍ତି। ପୂର୍ଣ୍ଣିମାର ଜହ୍ନକୁ ଦେଖି ଦୀପ ଧୂପ ଦେଇ ବନ୍ଦାପନା କରିଥାନ୍ତି। ଗୀତ ବୋଲି, ହୁଳହୁଳି ଦେଇ ଝିଅମାନେ ସଞ୍ଜ ବେଳେ ଏହି ଓଷା ପାଳନ କରିଥାନ୍ତି। କୁଷ୍ଠ ରୋଗରୁ ମୁକ୍ତି, ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ଜହ୍ନିଓଷା କରାଯିବାର କଥିତ ଅଛି। ମାସସାରା ଓଷା ନ କରିପାରିଲେ କୁମାର ପୂର୍ଣ୍ଣିମା ପୂର୍ବରୁ ୧୫ଦିନ ଅଥବା ୫ଦିନ ମଧ୍ୟ ଏହି ଓଷା କରାଯାଏ। ଓଷା ବିଧି ଓ ପରମ୍ପରା ସହ ଅପରାହ୍ଣରେ ଗୀତ ଗାଇ ପୁଚି ଖେଳିବା ଏବଂ ଆନନ୍ଦ ଉଲ୍ଲାସରେ କିଛି ସମୟ କାଟିବା କୁମାରୀମାନଙ୍କ ପାଇଁ ଏକପ୍ରକାର ବ୍ୟାୟାମ ବୋଲି ବିଚାର କରାଯାଏ।

## ସପ୍ତମ ବର୍ଷରେ ମହାଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ଗଜଲକ୍ଷ୍ମୀ ପୂଜା

**କାମାକ୍ଷାନଗର,୭।୮(ସମିସ):** ମା' ଧନଦାତ୍ରୀଙ୍କ ଆବାହନରେ କାମାକ୍ଷାନଗରର ଅଞ୍ଚଳ ଉତ୍ସବମୁଖର ହୋଇଉଠୁଛି। ଚଳିତ ବର୍ଷ ମୁଣ୍ଡିଦେଉଳିର ମହାଲକ୍ଷ୍ମୀ ୟୁଥ୍ କ୍ଲବ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ବେଶ୍ ଆକର୍ଷଣୀୟ ହୋଇପାରିଛି। ସାଜସଜା ସହ ସୁନ୍ଦର ଆଲୋକମାଳା ଏବଂ ଝୋଟି ଚିତାର ଝଲକ ଆକର୍ଷଣୀୟ ସାଜିଛି। କ୍ଲବ ପକ୍ଷରୁ ମାଆଙ୍କ ପୂଜା ସପ୍ତମ ବର୍ଷରେ ପହଞ୍ଚିଛି। ପାରମ୍ପରିକ ଝଲକରେ କିପରି ମାଆଙ୍କ ଆବାହନକୁ ଅଧିକ ଆକର୍ଷଣୀୟ ଓ ମନଲୋଭା କରାଯାଇପାରିବ ସେ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବା ସଭାପତି ସୁଶାନ୍ତ କାଣ୍ଡି କହିଛନ୍ତି। ପୂଜାରେ ସୁଶାନ୍ତ କାଣ୍ଡି, ମାଖନ ରାଉଳ, ଅର୍ଜୁନ ନାଥ, ଶେଷଦେବ ନାଥ, ଅନନ୍ତ ନାଥ, ପ୍ରିୟାଂଶୁ ନାଥ, ଟୁକୁ ନାଥ, ଟୁନା ରାଉଳ, ଅନୀଲ ମୁଦୁଲି, ସୁଶାନ୍ତ ସାହୁ, ଜଗନ୍ନାଥ କାଣ୍ଡି, ମନୋଜ ବେହେରା, ସୂର୍ଯ୍ୟକାନ୍ତ ରାଉଳ, ସଦାଶିବ ରାଉଳ, ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ୨୩ ଜଣ ଚଳିତ ବର୍ଷ ବ୍ରତ ଧାରଣ କରିଛନ୍ତି।



ଆସନ୍ତା ଗୁରୁବାର ପ୍ରସାଦସେବନ ଏବଂ ଶୁକ୍ରବାର ମା'ଙ୍କ ବିସର୍ଜନ କରାଯିବା ନେଇ ମହାଲକ୍ଷ୍ମୀ ୟୁଥ୍ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କାମାକ୍ଷାନଗର ଏନଏସିରେ ଆଖପାଖ ଅଞ୍ଚଳ ପାଣି ଟାଙ୍କି, ଝରା ସାହି, ଜଗନ୍ନାଥ ବଜାର, କୃଷ୍ଣ ନଗର, ମଢି ସାହି, ରେକୁଳାରେ ଧୁମଧାମରେ ଚାଲିଛି ଗଜଲକ୍ଷ୍ମୀ ପୂଜା।

## ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ

**ଢେଙ୍କାନାଳ,୭।୧୦(ସମିସ):** ସ୍ଥାନୀୟ ଆମ ଆଦମୀ ପାର୍ଟୀ ପକ୍ଷରୁ ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଲଳିତ ବେହେରା ଓ ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ଜିଲ୍ଲାର ଗୌରବ ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରୀ ଦାସଙ୍କ ସ୍ମୃତିଚାରଣ ସଭାରେ ଅନ୍ୟତମ ଅତିଥି ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ପାଣି, ଇଂ ପିତାମ୍ବର ଦାସ, ନଗର ସଭାପତି ଦେବାଶିଷ ନନ୍ଦ, ସଦର ବ୍ଲକ ବରିଷ୍ଠ ସଦସ୍ୟ ଅନୀଲ ସାମଲ, ପିତାମ୍ବର ସାମନ୍ତରାୟ ପ୍ରମୁଖ ଶ୍ରୀ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ପ୍ରସନ୍ନ ବରାଳ, ଜୟଦେବ ବେହେରା, ସୋମନାଥ ଦାସ, ଜୟନ୍ତ ଦାସ ପ୍ରମୁଖ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଭିନ୍ନ ନାରା ଦେଇଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଚିନ୍ମୟ ସେନାପତି ନିଜ ବକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ହୋ ଭାଷା ରେ ପ୍ରଥମ AI ଗବେଷଣାରେ ଐତିହାସିକ ସଫଳତା ସହିତ ବିକ୍ରମଙ୍କ ଡକ୍ଟରେଟ ଲାଭ



ସ୍କୁଲ ଅଫ୍ ଇଣ୍ଡିଜେନୋଓସ ନଲେଜ, ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଶ୍ରୀ ବିକ୍ରମ ବିରୁଲି କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ କିସ୍ ବିଶ୍ୱବିଦ୍ୟାଳୟର ଡ଼.ଯଶୋବନ୍ତ ଦାସ ଓ କିଟ୍ ବିଶ୍ୱବିଦ୍ୟାଳୟର ଡ. ସତ୍ୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ବିରୁଲିଙ୍କ ସନ୍ଦର୍ଭଟି " APPLICATION OF ARTIFICIAL INTELLIGENCE (AI) RECOGNITION FOR LANGUAGE MAINTENANCE IN HO LANGUAGE". ବିହାର ସ୍ଥିତ IIT PATNA ର କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗର Profesor ଡ. ଶ୍ରିପର୍ନା ସାହା ଏବଂ ଶାର୍ଯାହ UAE ସ୍ଥିତ ଉନିଭର୍ଶିଟୀ ସିଟି ଓଫ୍ ଶାର୍ଯାହ୍ ର ଡ. ମାନସ ରଂଜନ ପ୍ରଧାନ (School of Information Technology)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ବିକ୍ରମ ବିରୁଲି ମୟୂରଭଞ୍ଜ ଜିଲ୍ଲା ମାଟକାମ ସାହି ଗ୍ରାମର ପୁରୁଷୋତ୍ତମ ବିରୁଲି ଏବଂ ବିରେଙ୍ଗ ଦେଇଙ୍କ ମଝିଆ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେଷ୍ଠ କିଟ୍ ଓ କିସ୍ ର ପ୍ରତିଷ୍ଠାତା ପ୍ର.(ଡ଼.) ଅଚ୍ୟୁତ ସାମନ୍ତ ଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା , ସମସ୍ତ ପରିବାର ବର୍ଗ , ସମସ୍ତ ସହକର୍ମୀ ଏବଂ ଶୁଭେଚ୍ଛୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

# ରାତି ଅଧିଆ ବଦଳି ହୋଇଥିଲେ ୨୪ ଶିକ୍ଷକ

### ବେଆଇନ ବଦଳି ଆଦେଶକୁ ବାତିଲ କଲେ ଜିଲ୍ଲା ଶିକ୍ଷାଧିକାରୀ

ପାଲଲହଡା,୭।୧୦(ସମିସ):

ବେଆଇନ ବଦଳି ଆଦେଶ ବଳରେ ୨୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ରାତିଅଧିଆ ତଞ୍ଚକତା କରି ବିଭିନ୍ନ ସ୍କୁଲକୁ ବଦଳି କରିଥିଲେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ। ବିଭିନ୍ନ ମହଲରୁ ଅଭିଯୋଗ ପରେ ସମସ୍ତ ୨୪ ଜଣଙ୍କ ବଦଳି ଆଦେଶକୁ ରଦ୍ଦ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ। ଏଭଳି ଏକ ଘଟଣା ଅନୁଗୁଳ ଜିଲ୍ଲା ପାଲଲହଡା ଉପଖଣ୍ଡ ଶିକ୍ଷା ବିଭାଗରେ ଦେଖିବାକୁ ମିଳିଛି। ଗତ ୧୮ ଅଗଷ୍ଟରୁ ୧୩ ସେପ୍ଟେମ୍ବର ମଧ୍ୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ୨୪ଟି ବିଦ୍ୟାଳୟକୁ ଡେପୁଟେସନ ମାଧ୍ୟମରେ ୨୧ଟି ବଦଳି ଆଦେଶ ବାହାରିଥିଲା। ଫଳରେ ୧୮ ଅଗଷ୍ଟରେ ଆଦେଶ ନମ୍ବର ବଳରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରମାନନ୍ଦପୁରର ଶିକ୍ଷୟିତ୍ରୀ କିରଣବଲା ସାହୁଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇଂଜିଡିକୁ ବଦଳି କରାଯାଇଥିଲା। ଗତ ୧୩ ସେପ୍ଟେମ୍ବର ଆଦେଶ ନମ୍ବରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ସରୋଜିନୀ ନାଏକଙ୍କୁ ଟାଉନ ବାଳିକା ବିଦ୍ୟାଳୟକୁ ବଦଳି କରାଯାଇଥିଲା। ସେହିପରି ଅନ୍ୟ ବଦଳି ଆଦେଶ ସଂଖ୍ୟାରେ ଏକାଥରକେ ୪ ଜଣ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା। ଯେପରିକି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମିଆପାଲିର ଶିକ୍ଷୟିତ୍ରୀ ରଞ୍ଜିତା ବେହେରାଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନସଡାକୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଲଣ୍ଡାର ଶିକ୍ଷୟିତ୍ରୀ ସୁନିତା ଜେନାଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଣ୍ଟିଆପଶିକୁ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଣ୍ଟିଆପଶିର ଶିକ୍ଷୟିତ୍ରୀ ସୌଦାମିନୀ ସାମଲଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଲଣ୍ଡାକୁ ବଦଳି କରାଯାଇଥିଲା। ଏହିପରି ଭାବେ ବ୍ଲକ୍‌ର ମୋଟ ୨୪ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା। ସମସ୍ତ ଶୀକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ବଳରେ ନୂତନ ବିଦ୍ୟାଳୟରେ ଯୋଗଦାନ ମଧ୍ୟ କରିଥିଲେ। ବିଏଲ ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ବଦଳି ନିର୍ବାଚନ ଅଧିକାରୀ ତଥା ପାଲଲହଡ଼ା ଉପଜିଲ୍ଲାପାଳଙ୍କ ଅନୁମତିରେ ହେବାର ନିୟମ ଥିଲେ ମଧ୍ୟ ଜଣେ ଶିକ୍ଷକଙ୍କ ନାମ ଏହି ତାଲିକାରେ ରହିବା ଏବଂ ସେ ନୂତନ ଜାଗାରେ ଯୋଗଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାଲଲହଡା ବ୍ଲକ ଶିକ୍ଷା ଅଧିକାରିଣୀ ଅଞ୍ଜଳୀପ୍ରିୟା ପ୍ରଧାନ ଗତ ଜୁଲାଇ ମାସ ୩୧ ତାରିଖରେ ଅବସର ନେବା ପରେ ୧୫-୯-୨୦୨୫ ପର୍ଯ୍ୟନ୍ତ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ଶୈଳେନ୍ଦ୍ର ସିଂ ବିଇଓ ଦାୟିତ୍ୱରେ ରହିଥିଲେ। ଏହି ସମୟରେ ସବୁ ବଦଳି ଟଙ୍କା କାରବାର ଦ୍ୱାରା ହୋଇଥିବା କିଛି ଶିକ୍ଷକ ଶିକ୍ଷୟିତ୍ରୀ ଅଭିଯୋଗ ଆଣିଥିଲେ। ଫଳରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଘଟଣାର ତଦନ୍ତ କରିଥିଲେ। ଚିଠି ସଂଖ୍ୟାରେ ସମସ୍ତ ବଦଳି ଆଦେଶକୁ ବାତିଲ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା ଆଧାରରେ ନୂତନ ବ୍ଲକ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ଚିଠି ସଂଖ୍ୟା୨୫-୦୯-୨୦୨୫ରେ ସମସ୍ତ ବଦଳି ଆଦେଶକୁ ବେଆଇନ ଦର୍ଶାଇ ବାତିଲ କରିଥିଲେ। ଯାହାଫଳରେ ବଦଳି ହୋଇଥିବା ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମୂଳ ବିଦ୍ୟାଳୟକୁ ଫେରିଛନ୍ତି। ଅନ୍ୟପଟେ ବିଦ୍ୟାଳୟଗୁଡିକର ସୁପରିଚାଳନା ପାଇଁ ବଦଳିର ଆବଶ୍ୟକତା ଥିଲା ତେଣୁ ଏଭଳି କରାଯାଇଥିଲା ଏବଂ ଏଥିରେ କୌଣସି ଅର୍ଥ କାରବାର ହୋଇ ନଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶୈଳେନ୍ଦ୍ର ସିଂ କହିଛନ୍ତି। ବେଆଇନ ଭାବେ ଏହି ବଦଳି ହୋଇଥିଲା ତେଣୁ ଅଭିଯୋଗ ଆସିବାପରେ ତଦନ୍ତ କରାଯାଇ ସମସ୍ତ ବଦଳିକୁ ବାତିଲ କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କହିଛନ୍ତି। ବିଗତ ଦୁଇ ବର୍ଷ ଧରି ପାଲଲହଡ଼ା ଉପଖଣ୍ଡରେ ସ୍ଥାୟୀ ବ୍ଲକ୍ ଶିକ୍ଷା ଅଧିକାରୀ ରହୁ ନଥିବାରୁ ମନଇଚ୍ଛା କାର୍ଯ୍ୟ ଚାଲୁଥିବା ବେଳେ ଶିକ୍ଷା ବିଭାଗ ନିଦ୍ରାରେ ଶୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ପବିତ୍ରନଗର ବଜାରରେ ଲକ୍ଷ୍ମୀ ପୂଜା



କଣିହାଁ,୭।୧୦(ସମିସ): କଣିହାଁ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜିତ ହୋଇଛି। ଗାଁରୁ ବଜାର ବିଭିନ୍ନ ସ୍ଥାନରେ କମିଟି ତଥା ସାହି ତରଫରୁ ପୂଜାର୍ଚ୍ଚନା କରାଯାଉଛି। ଏନଟିପିସି ବୈଦିକ ସଙ୍ଘ ତରଫରୁ ବିଭିନ୍ନ ପୂଜା କମିଟିଓପବିତ୍ରନଗରବଜାରକମିଟି, ଡେଙ୍ଗାଳି, କଂସପୁଣ୍ଡା ତରଫରୁ ମଧ୍ୟ ଏହି ପୂଜା ବେଶ ଜାକଜମକରେ କରାଯାଇଛି। ବଜାର ମୁଖ୍ୟ ଛକ ମଣ୍ଡପରେ ସୁନ୍ଦର ସାଜସଜ୍ଜା ସାଙ୍ଗକୁ ଆଲୋକମାଳାରେ ସୁନ୍ଦର ବଜାର ସଜ୍ଜିତ ହୋଇଛି। ସୋମବାର ସକାଳୁ କଳଶ ଯାତ୍ରା ହୋଇ ପୂଜାସ୍ଥଳରେ ସ୍ଥାପନ ହେବା ସହିତ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପବିତ୍ର ନଗର ପୂଜା କମିଟିରେ କର୍ତ୍ତା ଭାବେ ଗିରୀଶ ସାହୁ ସପତ୍ନିକ କାର୍ଯ୍ୟ ତୁଲାଇଥିଲେ। ବଜାର କମିଟି ସଭାପତି ସୁମନ୍ତ ସାହୁ, ସମ୍ପାଦକ ସୁଶାନ୍ତ ମଲ୍ଲିକ ତଥା ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା ଆୟୋଜିତ ହୋଇଥିବା ବେଳେ ବିଭିନ୍ନ ଦିବସରେ ଅନ୍ନପ୍ରସାଦ, ଭଜନ ସଂଧ୍ୟା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

## ମା' ଗ୍ରାମେଶ୍ୱରୀ ଦେବୀଙ୍କ ବାର୍ଷିକ ପୂଜା ଓ ଯାତ୍ରା

ବଣ୍ଟରପାଳ,୭।୧୦(ସମିସ): ବଣ୍ଟରପାଳ ବ୍ଲକ ଲଙ୍ଗୁଳିଆବେଡା ଗ୍ରାମରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗ୍ରାମେଶ୍ୱରୀ ଦେବୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଆଶ୍ୱିନ ପୂର୍ଣ୍ଣିମା ଦିନ ଗ୍ରାମବାସୀ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଆସୁଛନ୍ତି। ପ୍ରଥମେ ମା'ଙ୍କ ଦେହୁରୀ ତଥା ସେବକ ନରେଶ ଚନ୍ଦ୍ର ଦେହୁରୀ ଆଳମଗରେ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା ଓ ପାଠଘରକୁ ଯିବାକୁ ନିମନ୍ତ୍ରଣ କରିଥିଲେ। ପୂର୍ବାହ୍ନ ୧୧ଟାରେ ମା'ଙ୍କୁ ଏକ ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରାଯାଇ ପାଠଘରକୁ ନିଆଯାଇଥିଲା। ଶୋଭାଯାତ୍ରାରେ ଛତି, ଚଉରୀ ସହ ଢୋଲ, ନିଶାଣ, ତୋପାଖାନ ବାଜା ଓ ଡିଜେ ସାଉଣ୍ଡରେ ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ପଥ ମଧ୍ୟରେ ମାଆ, ମାଉସୀମାନେ ଚିତାକାଟି ଓ ଘଟ ସ୍ଥାପନ କରି ବନ୍ଦାପନା କରିଥିଲେ। ଶୋଭାଯାତ୍ରା ପାଠଘରରେ ପହଞ୍ଚିବା ପରେ ମାର୍ଜନା କରାଯାଇଥିଲା। ମାନସିକଧାରୀମାନେ ପ୍ରସାଦ ପାଇ ମାନସିକ ଭଙ୍ଗ କରିଥିଲେ ଓ ବହୁ ସଂଖ୍ୟକ ଶିଶୁ ମୁଣ୍ଡନ ହୋଇଥିଲେ। ପରେ ବେଲପତ୍ରିଆ ବଲଭଦ୍ର ସାହୁଙ୍କ ସହଯୋଗରେ ଦେହୁରୀ ରୀତିନୀତି ଅନୁଯାୟୀ ଷୋଡଶ ଉପଚାରରେ ମା' ଓ ପାଠ ପରିସରରେ ସ୍ଥାପିତ ମା'ଦୁଆରସୁଣୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଯାତ୍ରାପଡିଆରେ ବିଭିନ୍ନ ସାମଗ୍ରୀର ଅସ୍ଥାୟୀ ଦୋକାନ ଖୋଲିଥିଲା। ସ୍ୱେଚ୍ଛାସେବୀ ସଂଗଠନ 'ଛୋଟ ଏକ ପ୍ରୟାସ' ଓ 'ଛୋଟ ମୋର ଗାଁଟି' ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତଙ୍କୁ ଥଣ୍ଡାପାଣି ଓ ଦହି ସରବତ ପରିବେଷଣ କରାଯାଇଥିଲା। ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶାଳ, ସମ୍ପାଦକ ସୁନୀଲ କୁମାର ପ୍ରଧାନ, କୃଷ୍ଣଧ୍ୱଜ ସାହୁ, ନାରାୟଣ ସାହୁ, ତ୍ରିପୁର ବାରିକ, ଗନ୍ଧର୍ବ ସାହୁ, କାଳିଆ ବିଶାଳ, ପ୍ରକାଶ ବିଶାଳ, ତ୍ରିନାଥ ସାହୁ, ଯତି ଦାଶଙ୍କ ସମେତ ସମସ୍ତ ସାହି ପ୍ରତିନିଧି ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାତିରେ କଟକୀ ଅପେରା ଅନୁଷ୍ଠିତ ହୋଇଥିଲା।

## ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ



କଣିହାଁ,୭।୧୦(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମସିଏଲ ଦ୍ୱାରା ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ମତପ୍ରକାଶ କରିଥିଲେ। ପ୍ରକଳ୍ପ ଅଞ୍ଚଳରେ ଭୁଶୁଡ଼ି ପଡିଥିବା ସ୍ୱାସ୍ଥ୍ୟ, ଶିକ୍ଷ୍ୟା ଓ ଗମନା ଗମନ କାର୍ଯ୍ୟର ପୁନରୁଦ୍ଧାର କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ବିଦ୍ୟାଳୟର ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ଜଗମୋହନ ପ୍ରଧାନ, ଧର୍ମେନ୍ଦ୍ର ମଲ୍ଲିକ, ପ୍ରହଲ୍ଲାଦ ସାମଲ, ଧୃବଚରଣ ଧୀର, ତ୍ରିପୁରାରି ପ୍ରଧାନ, ହରେକୃଷ୍ଣ ପ୍ରଧାନ, ତରୁଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ୬୩ ବର୍ଷରେ ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜା

**● ମନମୋହୁଛି କଂସ ଦରବାର ● ମଦ୍ୟପାନ କରି ଗାଡ଼ି ନଚଲାଇବାକୁ ମହାରାଜଙ୍କ ନିର୍ଦ୍ଦେଶ**

କିଶୋରନଗର,୭।୧୦(ସମିସ)



ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ୍ ଖଣ୍ଡହତା-ପିପଲବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ହୋଇଛି ଧନୁଯାତ୍ରା କାର୍ଯ୍ୟକ୍ରମ। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଧନୁଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ଯାଏଁ ଚାଲିବ। ପ୍ରଥମ ଦିବସରେ ଦେବକୀ-ବସୁଦେବ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ ଓ କଂସ ମହାରାଜଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତାଡଡିଆ, ରାଜ ଅତିଥି ଭାବେ କିଶୋରନଗର ଥାନା ଅଧିକାରୀ ବିଭୂତି ପ୍ରଧାନ, ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି, କଣ୍ଠଶିଳ୍ପୀ ସ୍ନେହାଶ୍ରୀ ନନ୍ଦ, ଶିକ୍ଷାବିତ ସୁଶାନ୍ତ କୁମାର ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କୌଣସି ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ନଚଲାଇବାକୁ କଂସ ମହାରାଜ ନିର୍ଦ୍ଦେଶ ଦେଇଥିଲେ। ଅବସରରେ ଶିଶୁ ନୃତ୍ୟଶିଳ୍ପୀ ଶ୍ରୁତି ସ୍ୱରୂପା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀ ପୂଜା ଅବସରରେ ଖଣ୍ଡହତା ଗ୍ରାମକୁ ମଥୁରାକଟକ, ଘୋଷର ଜୋରକୁ ଯମୁନା ନଈ, ଘୋଷର ଗ୍ରାମକୁ ଗୋପପୁର ଭାବରେ ରଖାଯାଇ ପୌରାଣିକ ତଥ୍ୟ ଆଧାରରେ ମନୋଜ୍ଞ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବାକୁ ଯାଉଛି। କଂସ ମହାରାଜଙ୍କ ଦରବାରରେ ପ୍ରତ୍ୟହ ବିଶିଷ୍ଟ ଅତିଥିମାନେ ସାମିଲ ହେବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପୂଜା କମିଟିର ସମ୍ପାଦକ ରାକେଶ କୁମାର ପ୍ରଧାନ, ସଭାପତି ପ୍ରଦୀପ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନ ଜଣାଇଛନ୍ତି। କଂସ ଦରବାର ଦେଖିବାପାଇଁ ଦର୍ଶକମାନଙ୍କ ଭିଡ଼ ଲାଗିରହିଛି।

### ସେମାନେ ଯାହା କୁହନ୍ତି....



ଚଳିତ ବର୍ଷ ମା'ଙ୍କ ଗଜଲକ୍ଷ୍ମୀ ପୂଜା ଶାନ୍ତି ଶୃଙ୍ଖଳା ସହ ପାଳନ ନେଇ ସମସ୍ତଙ୍କର ସହଯୋଗ କାମନା କରୁଛୁ। ମା'ଙ୍କ ପୂଜା ଅବସରରେ ଏବର୍ଷ ମଧ୍ୟ ଧନୁଯାତ୍ରା ମହୋତ୍ସବ ଧୂମଧାମରେ ପାଳନ କରାଯାଉଛି। ଦର୍ଶକମାନେ ଏହାର ସୁଯୋଗ ନେଇ ଉପଭୋଗ ପାଇଁ ଅନୁରୋଧ କରୁଛୁ।

ପ୍ରଦୀପ ପ୍ରଧାନ, ସଭାପତି
ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜା



ଚଳିତ ବର୍ଷ ମା'ଙ୍କ ଗଜଲକ୍ଷ୍ମୀ ପୂଜା ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ବ୍ୟୟବରାଦ କରାଯାଇଛି। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ଶଙ୍ଖୁଡି ଭୋଗର ଆୟୋଜନ କରାଯାଇଛି।

ଅଖିଳ ପ୍ରଧାନ, କୋଷାଧ୍ୟକ୍ଷ
ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜା



ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଲଟେରୀ ମାଧ୍ୟମରେ ମା'ଙ୍କ ଆଞ୍ଚାଲଡୁକୁ ନିଲାମ କରାଯିବାର ବ୍ୟବସ୍ଥା କରାଯାଇଛି। ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଅନୁରୋଧ କରୁଛୁ।

ରାକେଶ ପ୍ରଧାନ, ସମ୍ପାଦକ,
ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜା

## ମା' ବ୍ରାହ୍ମଣୀଙ୍କ ବାର୍ଷିକ ଉତ୍ସବ



ବଣ୍ଟରପାଳ,୭।୧୦(ସମିସ): ବଣ୍ଟରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରାହ୍ମଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅପରାହ୍ଣରେ ଗ୍ରାମ ପିଠରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଆଲାମର ବାଜାବାଣ ରୋଷଣୀ ସହ ଘଣ୍ଟ, ଘଣ୍ଟୁଆଳ, ଶଙ୍ଖ ବାଜାରେ ଗ୍ରାମ ପରିକ୍ରମା କରି ସନ୍ଧ୍ୟା ସମୟରେ ମା' ବ୍ରାହ୍ମଣୀଙ୍କ ମନ୍ଦିର ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ଏହିଯାତ୍ରା ପ୍ରତ୍ୟେକ ବର୍ଷ ଆଶ୍ୱିନ ପୂର୍ଣ୍ଣିମାରେ ଆରମ୍ଭ ହୋଇଥାଏ। ଏହି ଅଞ୍ଚଳରେ ମା' ବ୍ରାହ୍ମଣୀ ପ୍ରତ୍ୟକ୍ଷ ଠାକୁରାଣୀ ହୋଇଥିବାରୁ ବହୁ ବ୍ରତଧାରୀ ମାନସିକ ପୂରଣ ପାଇଁ ମା'ଙ୍କ ପାଖରେ ଅଧିଆ ପଡିଥାନ୍ତି ଓ ଚୁଟି ମଣ୍ଡନ ମଧ୍ୟ କରିଛନ୍ତି। ଏହି ଯାତ୍ରା ଗ୍ରାମର ମୁଖ୍ୟ ପର୍ବ ହୋଇଥିବାରୁ ଘରେ ଘରେ କୁଣିଆ ସାଙ୍ଗକୁ ବନ୍ଧୁବାନ୍ଧବ ଆସିଥାନ୍ତି। ଘରେ ଘରେ ପିଠାପଣାର ଆସର ଜମିଥାଏ। ଯାତ୍ରା ପଡ଼ିଆରେ ଗୁପ୍‌ଚୁପ୍, ଚାଟ, ଦହିବରା ଓ ଦୋକି ସାଙ୍ଗକୁ ମୋନୋହରି ଦୋକାନ ଖାଇବା ଦୋକାନ ତାଙ୍କର ପସରା ଖୋଲିଥିଲେ। ଯାତ୍ରା ଗ୍ରାମର ପୂଜା କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ମା'ଙ୍କ ପଟୁଆରରେ ଶହ ଶହ ଦର୍ଶକ ଯୋଗଦେଇଥିଲେ। ଗ୍ରାମର ସଭାପତି ଅନୁଗୋଳର ପୂର୍ବବତ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ ମଧ୍ୟ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ କର୍ମୀଙ୍କ ଗହଣରେ ଆସି ମା'ଙ୍କୁ ଦର୍ଶନ କରିଥିଲେ। ଏହି ଯାତ୍ରା ୪ ଦିନ ଧରି ଚାଲିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଅପେରା ପରିବେଷଣ କରାଯିବ। ଶାନ୍ତି ଶୃଙ୍ଖଳାର ବ୍ୟବସ୍ଥା ପାଇଁ ବଣ୍ଟରପାଳ ପୁଲିସ ବ୍ୟାପକ ଫୋର୍ସ ମୁତୟନ କରିଛନ୍ତି।

## ଗୁରୁଜାଙ୍ଗରେ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ




କିଶୋରନଗର,୭।୧୦(ସମିସ): କିଶୋରନଗର ବ୍ଲକ୍ ଅଧୀନ ଗୁରୁଜାଙ୍ଗ ଗ୍ରାମରେ ବାମୁର ବନାଞ୍ଚଳ ଓ ବିଶ୍ୱ ଯୁବକେନ୍ଦ୍ର ତରଫରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ ଜଙ୍ଗଲ ସୁରକ୍ଷା, ଖାଦ୍ୟ ଶୃଙ୍ଖଳ, ବନ୍ୟଜନ୍ତୁଙ୍କର ସୁରକ୍ଷା, ଜୈବ ବିବିଧତା ଓ ବନ ସୁରକ୍ଷା ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ବନ୍ୟଜନ୍ତୁଙ୍କ ସୁରକ୍ଷା, ଅଗ୍ନିଦାଉରୁ ଜଙ୍ଗଲ ରକ୍ଷା ଓ ବନ ସୁରକ୍ଷା ସମିତିକୁ ସୁଦୃଢ କରିବାସହିତ ବନ୍ୟଜନ୍ତୁ, ସରୀସୃପ ଓ ପକ୍ଷୀମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ଗୋଷ୍ଠୀ ବିକାଶ ଅଧିକାରୀ ବିନୀତା ତିରକୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବନପାଳ ରତ୍ନାକର ସାହୁ, ଗୋଷ୍ଠୀ ବିକାଶ ଅଧିକାରୀ ପ୍ରୀତି ପରମାଣିକ, ବନ ସହାୟିକା କବିତା ମଲିକ ଓ ରଶ୍ମିତା ବେହେରା, ବନ ସୁରକ୍ଷା ସମିତି ସଭାପତି ଗୌର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଗୋଳ ଲକ୍ଷ୍ମୀପୂଜା କେନ୍ଦ୍ରୀୟ କମିଟିର ବୈଠକ



**୧୪ଟି ପୂଜା କମିଟି ମେଲଣ ଶୋଭାଯାତ୍ରାରେ ଯୋଗଦେବେ**

ଅନୁଗୋଳ,୭।୧୦(ସମିସ): ଲକ୍ଷ୍ମୀପୂଜାର ଅନ୍ୟତମ ଆକର୍ଷଣ ହେଉଛି ମେଲଣ। ସହରରେ ୩୦ରୁ ଅଧିକ ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଉଥିବା ବେଳେ ଏବର୍ଷ ମେଲଣରେ ଭାଗ ନେବେ ୧୪ ପୂଜା କମିଟି। ସାମୂହିକ ଭସାଣିରେ ଏହି୧୪ ପୂଜା କମିଟିର ମେଢ଼ କ୍ରମାନ୍ୱୟରେ ଥାନାଛକଠାରୁ ଆରମ୍ଭ କରିବେ ଭସାଣି ଶୋଭାଯାତ୍ରା। ମେଲଣ କ୍ରମାନ୍ୱୟ ନିର୍ଦ୍ଧାରଣ ପାଇଁ ଅନୁଗୋଳ ଟ୍ରକ୍ ମାଲିକ ସଂଘର କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ତଥା ଲଟେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଟେରୀ ଅନୁଯାୟୀ, କରଡାଗଡିଆର ଆନନ୍ଦ ବଜାର ମେଲଣର ପ୍ରଥମ ସ୍ଥାନରେ ରହି ଶୋଭାଯାତ୍ରା କରିବ। ସେହିପରି ଦ୍ୱିତୀୟରେ ଡିଆଇସି ଛକ ପୂଜାକମିଟି, ତୃତୀୟରେ ନୂଆ ଡେଲି ମାର୍କେଟ୍, ଚତୁର୍ଥରେ ଅମଲାପଡା-୨, ପଞ୍ଚମରେ ହାଟଛକ, ଷଷ୍ଠରେ ହନୁମାନ ବଜାର, ସପ୍ତମରେ ଖଲାରୀ ଛକ, ଅଷ୍ଟମରେ କାଞ୍ଚନ ବଜାର, ନବମରେ କଲେଜଛକ, ଦଶମରେ ଲକ୍ଷ୍ମୀ ବଜାର, ୧୧ତମ ସ୍ଥାନରେ ହୁଲୁରିସିଂହା, ୧୨ତମ ସ୍ଥାନରେ ବଜାର ଛକ, ୧୩ତମ ସ୍ଥାନରେ ପୁରୁଣା ବସଷ୍ଟାଣ୍ଡ ଓ ଶେଷରେ ସୂଚନା କେନ୍ଦ୍ର ଛକପୂଜା କମିଟି ମେଢ଼ ରହିବ। ଅପରାହ୍ଣ ୩ଟାରୁ ମେଲଣ ଆରମ୍ଭ ହେବ। କେନ୍ଦ୍ରୀୟପୂଜା କମିଟିର ଏହି ପ୍ରସ୍ତୁତି ବୈଠକରେସଭାପତି ସୁନିଲ୍ କୁମାର ସାହୁ, ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସଭାପତି ଅମରେଶ ସ୍ୱାଇଁ, ଶୁଭ୍ରାଂଶୁଶେଖର ସାହୁ, ଚନ୍ଦ୍ରକାନ୍ତ ଧଳ, ରତିକାନ୍ତଦାସ, ପ୍ରଭାତ କୁମାର ପ୍ରଧାନ, ଆଦର୍ଶ ସାହୁଙ୍କ ସମେତ ବିଭିନ୍ନପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବଣ୍ଟରପାଳ,୭।୧୦(ସମିସ): ବଣ୍ଟରପାଳ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃତାର୍ଥ ସେନାପତିଙ୍କର ଗତକାଲି ପରଲୋକ ଘଟିଛି। ସ୍ୱର୍ଗତ ସେନାପତି ଅନୁଗୋଳ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ପରେ ସମଲ, ଖଡ଼ଗପ୍ରସାଦ ଓ ବଣ୍ଟରପାଳ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ୨୦୧୦ରେ ଚାକିରୀରୁ ଅବସର ପରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବଣ୍ଟରପାଳ ଜଗନ୍ନାଥ ମନ୍ଦିର ଓ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରର ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ଗ୍ରାମ ଭାଗବତ ଟୁଙ୍ଗୀରେ ସେବାବ୍ରତୀ ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ଖବର ପାଇ ବହୁ ଶୁଭେଚ୍ଛୁ ପୁରାତନ ଛାତ୍ରଛାତ୍ରୀ ଓ ଅନୁଗୋଳର ପୂର୍ବତନ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା।

## ତୀର୍ଥଯାତ୍ରାରେ ଗଲେ ୧୦୯ ଜଣ ବରିଷ୍ଠ ନାଗରିକ



ଅନୁଗୋଳ,୭।୧୦(ସମିସ): ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ରଠାରେ ମଙ୍ଗଳବାର ଅପରାହ୍ଣରେ ଅନୁଗୋଳ ଜିଲ୍ଲା ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ଆପାତକାଳିନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର ଶୁଭାଷିନୀ ନାୟକ ଓବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ଅନୁଗୋଳର ୧୦୯ ଜଣ ବରିଷ୍ଠ ନାଗରିକ ୩ଟି ବସରେ ଆଜି ସମ୍ବଲପୁର ଅଭିମୁଖେ ବାହାରିଛନ୍ତି। ଆସନ୍ତାକାଲି ସମ୍ବଲପୁର ରେଳ ଷ୍ଟେସନ ଠାରୁ ସେମାନେ ଅଯୋଧ୍ୟା ବାରଣାସୀ ଅଭିମୁଖେ ଯାତ୍ରା କରିବେ। ତୀର୍ଥ କ୍ଷେତ୍ର ପରିଭ୍ରମଣ ଶେଷକରି ଆସନ୍ତା ୧୩ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ତରଫରୁ ୩ ଜଣ ଏସକର୍ଟ ଅଫିସର ତୀର୍ଥ ଯାତ୍ରୀମାନଙ୍କ ସାଥିରେ ଯାଇଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଅନୁଗୋଳ,୭।୧୦(ସମିସ)

ପାଲଲହଡା ବ୍ଲକ ଅଧୀନ ଖେମଳା ପଞ୍ଚାୟତ ସୁକେଦେବପୁର ଗ୍ରାମର ମା'ଗ୍ରାମଶ୍ରୀ ଦେବୀ ଯୁବକ ସଂଘ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩ତାରିଖ ଠାରୁ ଆରମ୍ଭ ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ୫ତାରିଖ ଦିନ ଏମଏନକେଏଫସି ସୁବର୍ଣ୍ଣ ପଲ୍ଲୀ ଏବଂ ମନୋଜ ଏକାଦଶ ବାରକୋଟିଆ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଆମିମାଂସିତ ହେବାରୁ ଟ୍ରାଏ-ବ୍ରେକରରେ ଏମଏନକେଏଫସି ଏକାଦଶ ମନୋଜ ଏକାଦଶକୁ ୧-୦ଗୋଲରେ ପରାସ୍ତ କରି ବିଜୟ ଲାଭ କରିଥିଲେ। ୫ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ ବିଭାଗର ଖମାର ରେଞ୍ଜର ମନୋଜ ଦୀଘା, ସୁଧାଂଶୁ ବେହେରା, ଲମ୍ବୋଦର ବେହେରା ସୁବ୍ରତ ସାହୁ, ଆମ୍ବୁଜ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବକ ସଂଘର ସଭାପତି ଦୀପକ ନାଏକ, ସମ୍ପାଦକ ନିଲୁ ନାଏକ, ଭୀମସେନ ବଦ୍ରା, ସୁରେନ୍ଦ୍ର ନାଏକ, କୁମର ପ୍ରଧାନ, ରୋହିତ ମହାଖୁଡ଼ଙ୍କ ସମେତ ସମସ୍ତ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜା ସୌଭାଗ୍ୟ ଚନ୍ଦ୍ରଦେବ ମେମୋରିଆଲ ପାଇକ ଆଖଡ଼ା










ତାଳଚେର,୭।୧୦(ସମିସ): ତାଳଚେର ରାଜା ସାହେବ ବିଙ୍କେଶ ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ସ୍ୱତନ୍ତ୍ର ଆମନ୍ତ୍ରଣ କ୍ରମେ ତାଳଚେରରେ ପ୍ରଥମ ସୌଭାଗ୍ୟ ଚନ୍ଦ୍ର ଦେବ ମେମୋରିଆଲ ପାଇକ ଆଖଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ଏହି ଅବସରରେ ତାଳଚେର ଅଞ୍ଚଳର ବିଭିନ୍ନ ପାଇକ ଆଖଡ଼ା ସଙ୍ଗଠନଗୁଡିକ ସକାଳ ୧୦ଟା ସମୟରେ ତାଳଚେର ଚିତ୍ରକୂଟ ମନ୍ଦିର ନିକଟରେ ଥିବା ଦଶହରା ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରେ ପରେ ଆସିଥିବା ପ୍ରାୟ ୧୩ଟି ପାଇକ ଆଖଡ଼ା ସଙ୍ଗଠନ କ୍ରମାନୟରେ ସେଠାରୁ ବାହାରି ହନୁମାନପଡା, କାରିଗରପଡା, ବଉଳ ଛକ ଭୈରବୀସାହି, ବଡ଼ ବଜାର, ବଡ ଦାଣ୍ଡ ସାହି ଦେଇ ରାଜାଙ୍କ ପ୍ରାସାଦ ନିକଟରେ ପହଞ୍ଚି ଥିଲେ। ତେବେ ଆଗେ ଆଗେ ମା' ହିଙ୍ଗୁଳା ଓ କନକ ଦୁର୍ଗାଙ୍କ ଆଜ୍ଞାମାଳ ଝଣ୍ଡା ସହର ପରିକ୍ରମା କରିଥିଲେ। ସହରର ପ୍ରତି ଘରେ ଘରେ କଳସୀ ଦୀପ ଅରୁଆ ଚାଉଳରେ ଏହି ଶୋଭାଯାତ୍ରା ବେଳେ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ପ୍ରାୟ ହଜାର ହଜାର ଲୋକ ଦେଖି ଉପଭୋଗ କରିଥିଲେ। ଅପରାହ୍ଣ ୪ଟା ସମୟରେ ନୂତନ ରାଜା ବୀଙ୍କେଶ ଚନ୍ଦ୍ର ଦେବ ପାଇକ କ୍ରୀଡାକୁ ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ସାଂସଦ ମହେଶ ସାହୁ, ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା (ଓଇଏ) ଅତିଥି ଭାବେ ଯୋଗଦେଇଥିଲେ। ପଟ୍ଟାୟତ ସୈଲେନ୍ଦ୍ର ଚନ୍ଦ୍ର ଦେବ, ରାଜ ପୁରୋହିତ ପଙ୍କଜ ଲୋଚନ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ସାମିଲ ହୋଇଥିବା ପାଇକ ଆଖଡ଼ା ସଙ୍ଗଠନ ମଧ୍ୟରେ ସନ୍ଥ ପଡା, ଗୋପାଳ ପ୍ରାସାଦ, ସୁଲେଇ ପାଳ, କିଶୋରୀ ପାଳ, କଙ୍କିଳି ରେଙ୍ଗାଳି, ବଜ୍ରକୁଟ, ପୁଡ଼ାଗଡ, ବୁଢ଼ାପଙ୍କ, ଝୁଲା ଖୁଣ୍ଟିଆ, ଖୁଲୁଆ, ୧୩ଟି ଦଳଗୁଡିକ ପକ୍ଷରୁ ନିଜ ନିଜର ପାଇକ ଖେଳ ଆରମ୍ଭ କରି ପରାକ୍ରମର କଳା ପ୍ରଦର୍ଶନ କରିଥିଲେ। ଖେଳକୁ ବହୁ ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ଯୋଗଦେଇ ଭରପୂର ଉପଭାଗ କରି ଆନନ୍ଦ ପ୍ରକାଶ କରିଥିଲେ। ତେବେ ନୂତନ ରାଜା ଭାବେ ଅଧିଷ୍ଠିତ ହେବା ପରେ ନିଜେ ଦାୟୀତ୍ୱ ନେଇ ପୁରାତନ କଳା ସଂସ୍କୃତି କୌଶଳକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସ କୁ ସବୁ ମହଲରେ ପ୍ରଶଂସା କରଯାଇଛି।

ସକାଳ
THE SAKALA

ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

# ପ୍ରସ୍ତୁତି ଓ ପ୍ରଘଟ

ସମଗ୍ର ଦେଶରେ ଦିନକୁ ଦିନ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଯୁବବର୍ଗଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ଅସନ୍ତୋଷ ବିସ୍ଫୋରଣର ରୂପ ନେବାକୁ ଯାଉଛି। ତେଣିକି ତାହା ଜେନ-ଜେଡ୍ ହେଉ କି ଆଉ କିଛି। ଅପରପକ୍ଷରେ ନିଯୁକ୍ତିକୁ ନେଇ ନାନା ସମସ୍ୟା ମୁଣ୍ଡ ଟେକିଛି। ବିଭିନ୍ନ ସମୟରେ ନିଯୁକ୍ତି ପରୀକ୍ଷା ପାଇଁ ସରକାର ବିଜ୍ଞପ୍ତି ଜାରି କରୁଛନ୍ତି। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ କିମ୍ବା ଅନ୍ୟାନ୍ୟ ଦୁର୍ନୀତି ସକାଶେ ସେସବୁ ସ୍ଥଗିତ ରହୁଛି। ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ୍ ଏବଂ ବାରମ୍ବାର ପରୀକ୍ଷା ଘୁଞ୍ଚୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହେଉଛି। ନିକଟରେ ଉତ୍ତରାଖଣ୍ଡର ଯୁବବର୍ଗ ସରକାରଙ୍କ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ସମ୍ମିଳିତ. ଧାରଣା ଓ ଆନ୍ଦୋଳନ କରିଥିଲେ। ଉତ୍ତରପ୍ରଦେଶ ଓ ବିହାରରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହି ପରିସ୍ଥିତିକୁ ଅନୁଶୀଳନ କରୁଥିବା କିଛି ପର୍ଯ୍ୟବେକ୍ଷକଙ୍କ ମତ ହେଉଛି, ସରକାର ନିୟମିତ ନିଯୁକ୍ତି ଦେବାକୁ ଆଗ୍ରହୀ ଥିବା ଭଳି ମନେ ହେଉନାହିଁ। ବରଂ ଅତ୍ୟାବଶ୍ୟକ କ୍ଷେତ୍ରରେ ଠିକାରେ ନିଯୁକ୍ତି ଦେଇ କାମ ଚଳାଇନେବାକୁ ଅଧିକ ପସନ୍ଦ କରୁଛନ୍ତି। ନହେଲେ କ୍ରମାଗତ ପ୍ରଶ୍ନପତ୍ର ପ୍ରଘଟ ଭଳି ନିନ୍ଦିତ ଘଟଣାକୁ ରୋକିବାରେ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଉଥିଲେ ମଧ ଅବିଚାରିତ ଭାବେ ସେଥିପ୍ରତି ଉଦାସୀନ ହେଉ ନଥା'ନ୍ତେ।

ଆଜିକାଲି ସରକାରୀ ନିଯୁକ୍ତି ପ୍ରତି ସର୍ବାଧିକ ଆକର୍ଷଣ। ଅଭିଭାବକମାନେ ସବୁକିଛି ବିନିମୟରେ ତାଙ୍କ ପିଲା କିଭଳି ସରକାରୀ ଚାକିରିଟିଏ ପାଇଯିବେ ସେ ନେଇ ବ୍ୟସ୍ତ ଓ ବିବ୍ରତ। ଲିଖିତ ପରୀକ୍ଷା ପ୍ରସ୍ତୁତି ପାଇଁ ସହରରେ ଖୋଲିଥିବା କୋଚିଂ ସେଣ୍ଟରରେ ପିଲାଙ୍କୁ ପଢ଼ାଇବାରେ ସେମାନେ ହାତଖୋଲା ଖର୍ଚ୍ଚ କରି ଚାଲିଛନ୍ତି। ସ୍ୱାଭାବିକ ଭାବେ ଏକ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ସୁଯୋଗ ହାସଲ ପାଇଁ ଅର୍ଥକୁ ଆଉ ବାଧକ ରୂପେ ଗ୍ରହଣ କରିହେଉନି। ନିଜର ସମ୍ପତ୍ତିବାଡ଼ି ବିକ୍ରି କରି ଅଭିଭାବକ ଅର୍ଥ ଯୋଗାଡ଼ କରି ତଥାକଥିତ ଦଲାଲଙ୍କ ହାତରେ ଧରାଇ ଦେଉଛନ୍ତି। କିନ୍ତୁ କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲେ କିମ୍ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ପରୀକ୍ଷା ବାତିଲ୍ ହୋଇଗଲେ ପରୀକ୍ଷାର୍ଥୀଙ୍କ ପରିଶ୍ରମ ଓ ପ୍ରସ୍ତୁତି ପାଣିରେ ପଡ଼ିବା ସହ ଖର୍ଚ୍ଚାନ୍ତ ଅଭିଭାବକ ମୁଣ୍ଡରେ ହାତଦେଇ ବସୁଛନ୍ତି। ଏଭଳି ଘଟଣାର ସଦ୍ୟତମ ଉଦାହରଣ ଆମ ରାଜ୍ୟର ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କ୍ଷେତ୍ରରେ ପରିଦୃଷ୍ଟ ହୋଇଛି।

ପ୍ରଶ୍ନପତ୍ର ପ୍ରଘଟ ଜନିତ ବିଳମ୍ବ ପାଇଁ ଅଯଥାରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ - ଏହି ଉଦ୍ଦେଶ୍ୟରେ ପରୀକ୍ଷା ଓ ନିଯୁକ୍ତି ଦୁର୍ନୀତିର ଏକ ନୂଆ ଫନ୍ଦି କରାଯାଇଥିଲା। କିନ୍ତୁ ଏହି କେଳେଙ୍କାରୀ ପଦାରେ ପଡ଼ିଯିବା ପରେ ଅର୍ଥ ବିନିମୟରେ ନିଯୁକ୍ତି ଆଶାକରିଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ଏହାଥିଲା ସେମାନଙ୍କ ପାଇଁ ଶେଷ ଭରସା। ଏହି ତଦନ୍ତର ଘଟଣାକ୍ରମ କେଉଁଆଡ଼କୁ ଯିବ ତାହା ଏବେ ଠାରୁ କହିବା କଷ୍ଟକର। କାରଣ ପଦପଦବୀରେ ଥିବାଅସଲ ଅଭିଯୁକ୍ତ ତଦନ୍ତ ପରିସର ବାହାରେ ଅଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେକି ଏହି ନିଯୁକ୍ତି ପରୀକ୍ଷାରେ ଦୁର୍ନୀତିର ଗନ୍ଧ ବାରି ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ( ଓପିଆରବି)ର ଅଧ୍ୟକ୍ଷ ପଦରୁ ଜଣେ ଅଧିକାରୀ ଓହରି ଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ପରୀକ୍ଷା ପରିଚାଳନା ଭାର କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜରାଟର ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଥିଲା। ସେ ଅନ୍ୟଏକ ସଂସ୍ଥା ରିଡ୍‌ମାଇନ୍ସ ଡିଜିଟାଲକୁ ଦାୟିତ୍ୱ ହସ୍ତାନ୍ତର କଲା। ତାହା ପରେ ଭୁବନେଶ୍ୱରର ସିଲିକନ ଟେକ୍‌ଲାବ୍ ସଂସ୍ଥାକୁ ସବକଣ୍ଟ୍ରାକ୍ଟ ଦିଆଗଲା। କାର୍ଯ୍ୟପରିଚାଳନା ସକାଶେ ସେ ସଂସ୍ଥା ମଧ ପଞ୍ଚସଫ୍ଟ ଟେକ୍ନୋଲୋଜି ହାତକୁ ଦାୟିତ୍ୱ ଟେକିଦେଲା। ବିଚିତ୍ର ବ୍ୟବସ୍ଥା ଓ ବିଚିତ୍ର ଘଟଣା। ଏଥିପ୍ରତି ସରକାରୀ କଳର କାହାର ନିଘା ନାହିଁ। ସମଗ୍ର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହେଉଛି ଏବେ ଚାଲିଥିବା ତଦନ୍ତ କେବଳ ଧର୍ମକୁ ଆଖିଠାର।

୨୦୨୪ ଜୁନ ପରଠାରୁ କ୍ରମାଗତ ଭାବେ ୧୫ ମାସରେ ୧୬ଟି ବିଭିନ୍ନ ନିଯୁକ୍ତି ପରୀକ୍ଷା ବାତିଲ ହେବା ପରେ ନିକଟରେ ସରକାରଙ୍କ ନିଦ ଭାଙ୍ଗିଛି। ପରୀକ୍ଷା ବାତିଲ୍ ହେବାର କାରଣ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗ ଓ ସଂସ୍ଥାର ଅଧିକାରୀଙ୍କ ଠାରୁ ରିପୋର୍ଟ ମଗାଯାଇଛି। ରାଜ୍ୟର ଯେଉଁ ଯୋଗ୍ୟ ଓ ମେଧାବୀ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟାନ୍ୟ କାରଣରୁ ସାକ୍ଷାତକାର ସ୍ଥଗିତ ଜନିତ ଭୟଙ୍କର ମାନସିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସରକାରୀ କଳ କସରତରୁ ସେମାନଙ୍କୁ କ'ଣ ମିଳିବ?

# ପାଲେଷ୍ଟାଇନ ସାର୍ବଭୌମତ୍ୱକୁ ସ୍ୱୀକୃତିର ପ୍ରାସଙ୍ଗିକତା

ଡ. ପ୍ରଦୀପ କୁମାର ନାୟକ

ଗତ ସେପ୍ଟେମ୍ବର ମାସ ପ୍ରାରମ୍ଭରେ ମିଳିତ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରୁ ୧୫୭ଟି ରାଷ୍ଟ୍ର ପାଲେଷ୍ଟାଇନକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଛନ୍ତି। ଏକ ସ୍ୱାଧୀନ, ସାର୍ବଭୌମ ଓ ଅଖଣ୍ଡ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ୧୯୪୮ ସାଲରୁ ନିରନ୍ତର ଜନଆନ୍ଦୋଳନ କରି ଆସୁଥିବା ଅଗଣିତ ପାଲେଷ୍ଟିନୀୟଙ୍କ ସ୍ୱପ୍ନ ସାକାର ହୋଇଛି। ମିଳିତ ଜାତିସଂଘର ସଂକଳ୍ପ ସଂଖ୍ୟା- ୧୮୧(୨), ଯାହାକି ୧୯୪୭ ସାଲ ନଭେମ୍ବର ୨୯ ତାରିଖରେ ଜାତିସଂଘର ସାଧାରଣ ପରିଷଦ ଦ୍ୱାରା ଗୃହୀତ ହୋଇଥିଲା, ତାହା ଅନୁଯାୟୀ ପାଲେଷ୍ଟାଇନ ଅଞ୍ଚଳରୁ ଇହୁଦୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଇସ୍ରାଏଲ ୧୯୪୮ ମସିହା ମେ' ମାସ ୧୪ ତାରିଖରେ ସୃଷ୍ଟି କରା ଯାଇଥିଲା। ଉପରୋକ୍ତ ସଂକଳ୍ପରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର, ଅର୍ଥାତ ଗୋଟିଏ ଇହୁଦୀ ରାଷ୍ଟ୍ର ଏବଂ ଆଉଗୋଟିଏ ଆରବୀୟ ମୁସଲିମ ରାଷ୍ଟ୍ର ସ୍ଥାପନ କରି ଜେରୁଜେଲମକୁ ଆନ୍ତର୍ଜାତିକ ପ୍ରଶାସନ ଦ୍ୱାରା ପରିଚାଳିତ ହେଉ ବୋଲି ଉଲ୍ଲେଖ ରହିଥିଲା। କିନ୍ତୁ ଆରବୀୟ ମୁସଲମାନ ଓ ପାଲେଷ୍ଟିନୀୟମାନେ ଇହୁଦୀ ରାଷ୍ଟ୍ର ଇସ୍ରାଏଲର ସ୍ଥାପନାକୁ ପ୍ରବଳ ବିରୋଧ କରି ମିଳିତ ଜାତିସଂଘର ଦୁଇ-ରାଷ୍ଟ୍ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେହିଦିନଠାରୁ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ପାଲେଷ୍ଟାଇନର ସୃଷ୍ଟି ପାଇଁ ପାଲେଷ୍ଟିନୀୟମାନଙ୍କର 'ପାଲେଷ୍ଟାଇନ ଜାତୀୟତାବାଦୀ ଆନ୍ଦୋଳନ' ଆରମ୍ଭ ହୋଇଥିଲା।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ (ପାଲେଷ୍ଟାଇନ ୧୯୩୬-୧୯୩୯ ମସିହା ପର୍ଯ୍ୟନ୍ତ) ବ୍ରିଟେନ ଅଧୀନରେ ଏକ ଆଦେଶଭିତ୍ତିକ ଅଞ୍ଚଳ(ମାଣ୍ଡେଟ୍ ଟେରିଟୋରି) ଥିଲା। ତେଣୁ ଏହି ଅଞ୍ଚଳରୁ ବ୍ରିଟେନ ଇସ୍ରାଏଲ ସୃଷ୍ଟି କରିଥିଲା। କିନ୍ତୁ ତତ୍କାଳୀନ ଆରବୀୟ ତୁଙ୍ଗ ନେତୃବୃନ୍ଦ ଯଥା- ମକ୍କାର ଅମୀର ସାରିଫ ହୁସେନ ବିନ ଅଲି ଏବଂ ଜେରୁଜେଲମ୍‌ର ଗ୍ରାଣ୍ଡ ମୁଫତି ମହମ୍ମଦ ଅମିନ ଅଲ ହୁସେନି ଇସ୍ରାଏଲର ସ୍ଥାପନା ବିରୁଦ୍ଧରେ କଡ଼ା ବିରୋଧ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଆରବୀୟ



ରାଷ୍ଟ୍ର ପାଲେଷ୍ଟାଇନ ସ୍ଥାପନ ପାଇଁ ଦୃଢ଼ ଦାବି କରିଥିଲେ। ବିଭିନ୍ନ ଦେଶ, ବିଶେଷତଃ ୟୁରୋପରେ ବାସ କରୁଥିବା ପ୍ରବାସୀ ଇହୁଦୀମାନେ, ବ୍ୟାକୁଳ ହୋଇଥିଲେ ନିଜର ଏକ ମାତୃଭୂମି ପାଇଁ। ଥିଓଡର ହେରଜଲ ନାମକ ଜଣେ ହଙ୍ଗେରୀୟ ସାମ୍ବାଦିକ ତଥା ଆଇନଜ୍ଞ ୧୮୯୬ ସାଲରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ରର ପରିକଳ୍ପନା କରିଥିଲେ ଏବଂ 'ବିଶ୍ୱ ଇହୁଦୀ କଂଗ୍ରେସ'ର ସ୍ଥାପନା କରିଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇହୁଦୀ ଜାତିବାଦ ଆନ୍ଦୋଳନ ସାରା ବିଶ୍ୱରେ ଏକ ଶକ୍ତିଶାଳୀ ଜନଆନ୍ଦୋଳନର ରୂପ ନେଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାଲେଷ୍ଟାଇନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଗଠନ।

ସେହି ସମୟରେ ଆରବୀୟ ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ପାଲେଷ୍ଟାଇନ ଗଠନ ଦାବି ଜୋର ଧରିଥିଲା ଏବଂ ପାଲେଷ୍ଟେନୀୟ ଜାତୀୟତାବାଦ ଆନ୍ଦୋଳନର ବସ୍ତୁତଃ ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନି। ପାଲେଷ୍ଟିନୀୟ ଜାତୀୟବାଦୀ ନେତା ଅହମ୍ମଦ ସୁକେରି ୧୯୬୪ ସାଲରେ 'ପାଲେଷ୍ଟାଇନ ମୁକ୍ତି ସଂଗଠନ' ପ୍ରତିଷ୍ଠା କରିଥିଲେ ଏବଂ ୧୯୬୪ ସାଲରୁ ୧୯୬୭ ସାଲ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ କ୍ଷୋଭର ବିଷୟ ୧୯୬୯ ସାଲରୁ ୟାସେର ଆରାଫତ ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ହେବା ପରେ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ପାଇଁ ହିଂସାକାଣ୍ଡ, ରକ୍ତପାତ ଓ ଆତଙ୍କବାଦର ସୂତ୍ରପାତ ହୋଇଥିଲା। ଆନ୍ଦୋଳନ କ୍ରମଶଃ ସଶସ୍ତ୍ର ସଂଗ୍ରାମରେ ପରିଣତ ହୋଇଥିଲା।

୧୯୭୦ ମସିହାରେ ସ୍ଥାପିତ ଏକ ଉଗ୍ରବାଦୀ ସଂଗଠନ 'ବ୍ଲାକ ସେପ୍ଟେମ୍ବର' ଇସ୍ରାଏଲ ଉପରେ ଚାପ ପକେଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ୧୯୭୨ ମସିହା ସେପ୍ଟେମ୍ବର ମାସରେ ପଶ୍ଚିମ ଜର୍ମାନୀର ମ୍ୟୁନିକଠାରେ ଅଲିମ୍ପିକ ଖେଳ ଚାଲିଥିବା ବେଳେ ୧୧ ଜଣ ଇସ୍ରାଏଲୀ ଖେଳାଳିଙ୍କୁ ଅପହରଣ କରି ନେଇ ସେମାନଙ୍କୁ ହତ୍ୟା କରିଥିଲା। ୧୯୪୮ ମସିହାଠାରୁ ଇସ୍ରାଏଲ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ଯେଉଁ ତିକ୍ତତା ଥିଲା ତାହା ଏହି ଘଟଣା ପରେ ତୀବ୍ର ଶତ୍ରୁତାରେ ପରିଣତ ହେଲା। ୧୯୭୬ ମସିହା ଜୁନ ମାସ ୨୭ ତାରିଖରେ ୨୪୮ ଯାତ୍ରୀଙ୍କୁ ନେଇ ଇସ୍ରାଏଲ୍‌ର ତେଲଆଭିବରୁ ପ୍ୟାରିସ ଯାଉଥିବା ଏୟାର ଫ୍ରାନ୍ସର ଏକ ବିମାନକୁ ପାଲେଷ୍ଟିନୀୟ ଉଗ୍ରବାଦୀମାନେ ଅପହରଣ କରି ଉଗାଣ୍ଡା ଦେଶର ଏନ୍ଟେବେ ବିମାନ ବନ୍ଦରକୁ ନେଇ ଯାଇଥିଲେ। ୪୦ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତି ଦେଉ ବୋଲି ଦାବି କରିଥିଲେ। ଇସ୍ରାଏଲ କମାଣ୍ଡୋମାନେ ସେହି ଅପହୃତ ଯାତ୍ରୀମାନଙ୍କୁ ଶେଷରେ ମୁକୁଳାଇ ଥିଲେ।

ଇତିମଧ୍ୟରେ ଆରାଫାତଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ସ୍ୱୀକୃତି ନ ଥାଇ ଏକ 'ପାଲେଷ୍ଟାଇନ ଅଥରିଟି' ମଧ ଘୋଷିତ ହୋଇଥିଲା, ଯାହାର ରାଷ୍ଟ୍ରପତି ସେ ନିଜେ ୨୦୦୪ ସାଲ ଯାଏଁ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଥିଲେ। ସେ ୧୯୮୮ ମସିହାରେ ଇସ୍ରାଏଲ ଇହୁଦୀ ରାଷ୍ଟ୍ର ରୂପେ ଅଧିକାରରେ ପ୍ରତିକ୍ରିୟା ପ୍ରକାଶ କରି ପୁଣି ଥରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର ରହିବାର ଅଧିକାରକୁ ଦାବି କଲେ।

ଏକ ସ୍ୱାଧୀନ, ସ୍ୱତନ୍ତ୍ର ଓ ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ପାଲେଷ୍ଟାଇନ ସ୍ଥାପିତ ହେଉ ବୋଲି ଇଜିପ୍ଟର ତତ୍କାଳୀନ ରାଷ୍ଟ୍ରପତି ଗାମେଲ ନାସେର, ଜୋର୍ଡାନର ରାଜା ହୁସେନ, ଆରବ ଲିଗ/ ସଂଗଠନ, ଆମେରିକୀୟ -ପାଲେଷ୍ଟିନୀୟ ବୁଦ୍ଧିଜୀବୀ ଏଡୱାର୍ଡ ସେଡ, ଆମେରିକୀୟ ବୁଦ୍ଧିଜୀବୀ ନୋଆମ ଚମସ୍କି, ପାଲେଷ୍ଟିନୀୟ ରାଜନୀତିଜ୍ଞ କର୍ମା ନାବୁଲସି, ଆମେରିକୀୟ ରାଜନୀତି ବିଶେଷଜ୍ଞ ନର୍ମାନ ଫିନକେଲଷ୍ଟେଇନ, ପାଲେଷ୍ଟିନୀୟ ଐତିହାସିକ ରସିଦ ଖାଲିଦି ଓ ଇସ୍ରାଏଲ ଐତିହାସିକ ଇଲାନ ପାପେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। କିନ୍ତୁ ଇସ୍ରାଏଲର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଜୋର୍ଡାନ ନଦୀର ପଶ୍ଚିମରେ କୌଣସି ପାଲେଷ୍ଟାଇନ ତିଷ୍ଠି ରହିବାକୁ ଦିଆଯିବନି ବୋଲି ଜିଦ୍‌ରେ ଅଟଳ ଅଛନ୍ତି। ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି ଯେ ଏକ ପାଲେଷ୍ଟାଇନ ଦେଶକୁ ସ୍ୱୀକୃତି ଦେଲେ ହମାସ, ହେଜବୋଲା ଓ ପିଏଲଓ ପରି ଉଗ୍ରବାଦୀ ସଂଗଠନମାନଙ୍କୁ ପ୍ରୋତ୍ସାହିତ କଲା ଭଳି ହେବ। ୨୦୧୨ ମସିହାରେ ମିଳିତ ଜାତିସଂଘର ସଦସ୍ୟମାନେ ସଂଖ୍ୟାଧିକ ଭୋଟ ଦ୍ୱାରା ପାଲେଷ୍ଟାଇନକୁ ଏକ 'ପର୍ଯ୍ୟବେକ୍ଷକ ରାଷ୍ଟ୍ର'ର ମାନ୍ୟତା ଦେଇଥିଲେ। ସେଥିପାଇଁ ପାଲେଷ୍ଟାଇନକୁ ପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ଦେବା ବିଷୟ ଏକ ନିର୍ଦ୍ଦିଷ୍ଟ ଜାତିର ସ୍ୱପ୍ନକୁ ସାକାର କରିବ। କିନ୍ତୁ ଏହାର ବିରୋଧୀ ରାଷ୍ଟ୍ରମାନଙ୍କୁ ସବୁବେଳେ କ୍ରୋଧାନ୍ୱିତ କରିବ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭ ୬୪୪୩୪୧

# ସାର କଷଣର ସଂକେତ

ଜୟନ୍ତ ପଟ୍ଟନାୟକ

ଗତ କିଛିଦିନ ହେଲା ଆମ ଚାଷ ଓ ଚାଷୀର ଅତ୍ୟାବଶ୍ୟକ ପଦାର୍ଥ 'ସାର'କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ସାର ନ ମିଳିବାରୁ ଆମ ରାଜ୍ୟର ଚାଷୀମାନେ ଆନ୍ଦୋଳନ/ବିକ୍ଷୋଭ କରିଆସୁଛନ୍ତି। ସାର ସଂଗ୍ରହ କେନ୍ଦ୍ର ଆଗରେ ଜୋତା, ଆଧାର କାର୍ଡ ବା ଅନ୍ୟ କିଛି ସାମଗ୍ରୀ ଧାଡ଼ିରେ ରଖାଯାଇଥିବା ପରି ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରୁ ଚାଷୀମାନଙ୍କର ଆତୁରତା ଓ ଅସହାୟତା ବାରି ହୋଇପଡୁଛି। ମାସ ମାସ ଧରି ଲହୁଲୁହ ଢାଳି ଫଳାଇଥିବା ଫସଲ ଯେତେବେଳେ ସାର ମୁଠାଏ ପାଇଁ ଦୁର୍ବଳ ହୋଇଯାଉଥିବ ସେ କଥା କେବଳ ଚାଷୀ ହିଁ ହୃଦୟଙ୍ଗମ କରିପାରିବ। କିନ୍ତୁ ରାଜନେତା, ପ୍ରଶାସନ ସମସ୍ତେ ନିର୍ବିକାର।

ରାଜନେତାମାନଙ୍କୁ ସାମ୍ବାଦିକମାନେ ଯେତେବେଳେ ପ୍ରଶ୍ନ କଲେ ଉତ୍ତର ମିଳିଲା, ସାର ଯଥେଷ୍ଟ ପରିମାଣରେ ଅଛି। କିନ୍ତୁ ସାଧାରଣ ଚାଷୀର ସାର ବସ୍ତାଏ ପାଇଁ ପ୍ରତୀକ୍ଷାର ଅନ୍ତ ନାହିଁ। ଇଏ ସବୁ ବ୍ୟାପାର ଅନ୍ୟପ୍ରକାର। କଳାବଜାରୀ/କିଳାପୋତେଇ ପାଇଁ ରାସ୍ତା ସଫା କରିବାକୁ ପଡ଼ିବ ନା! ତେଣିକି ଚାଷୀକୁଳର ସମସ୍ୟାର ଯାଏ ଆସେ କେତେ? ଏ ସମସ୍ୟା କେବଳ ଆମ ରାଜ୍ୟର ନୁହେଁ। ସାରା ଦେଶରେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରେ କୃଷକକୁଳର ଭାଗ୍ୟ ନିର୍ଦ୍ଧାରଣ ହୁଏ, ସୁଟବୁଟ ପିନ୍ଧା ବାବୁମାନଙ୍କ ଦ୍ୱାରା, ଯିଏ ଦିନେ ଜମି କେମିତି ଦେଖି ନଥା'ନ୍ତି। ତେଣୁ ଯାହା ହେବା କଥା ହୁଏ। ଗତ ୨୨ ସେପ୍ଟେମ୍ବର ୨୦୨୫ରେ ଗଞ୍ଜାମ



ଜିଲ୍ଲା ଦିଗପହଣ୍ଡି ବ୍ଲକ ମଉଳାଭଣଜା ଗ୍ରାମରେ ପଞ୍ଚାୟତ ଘରେ ପଶି ଲୋକମାନେ ୩୦ ବସ୍ତା ସାର ବୋହି ନେଲେ। ବିନା ପଇସାରେ ନୁହେଁ, ପଇସାଦେଇ। ଏକଥା ହେଲା କାହିଁକି? ସାର ଦେଇ ଦେଇଥିଲେ ତ କାମ ସରିଥା'ନ୍ତା। ବୋହିନେବା ଯାଏଁ କଥା ଯାଇଥା'ନ୍ତା କାହିଁକି? ଏଥିପାଇଁ ପ୍ରଶାସନ/କର୍ତ୍ତୃପକ୍ଷ/ପୁଲିସ ସମସ୍ତେ ଦାୟୀ କହିଲେ ଭୁଲ୍ ହେବ ନାହିଁ। ସେଇ ଜିନିଷ ହୋଇଥା'ନ୍ତା। ଖାଲି ଯାହା ନାଁ ପଡ଼ିଲା। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍। ଉଲ୍ଲେଖଯୋଗ୍ୟ କେବଳ ଗଞ୍ଜାମ ଜିଲ୍ଲାରେ ୨୭ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ହେଉଥିବା ବେଳେ ମାତ୍ର ୦୯ ଟନ୍ ସାର ଉପଲବ୍ଧ ଅଛି। ଏଣେ ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ୭, ୯୪, ୦୦୦ ଟନ୍ ସାର ଉପଲବ୍ଧ ଅଛି। ତା'ହେଲେ ସାରର ଏପ୍ରକାର ଅଭାବୀ ବିକ୍ରୀ କାହିଁକି? ସାର କେନ୍ଦ୍ର ବା ସମବାୟ କାର୍ଯ୍ୟାଳୟରେ ସାର କ୍ରେତାଙ୍କର ଏ ବିକଳ ଧାରଣା କ'ଣ ପାଇଁ?

ଆଜିକାଲି ଆଉ ସେ ଯୁଗ ନାହିଁ ଯେ କେଉଁଠି କ'ଣ ହେଉଛି ବାକି ଲୋକ ଜାଣିପାରିବେ ନାହିଁ। ଆଜିକାଲି ଡିଜିଟାଲର ଦୁନିଆ। ମୋବାଇଲ ଚିପିଲେ ସାରାଦୁନିଆ ଆଖିଆଗରେ ଦିଶିବ। ଯଦି ଅନ୍ନଦାତାଙ୍କ ସହିତ ପାତରଅନ୍ତର କରାଯିବ, ଟାଳଟୁଳ ନୀତି ଆପଣାଯିବ, ତା'ର ଫଳ ଭୟଙ୍କର ହେବ। ସାର ଜବରଦସ୍ତ ନେଇଯିବା କେବଳ ଏକ ସଂକେତ ମାତ୍ର। କଥାରେ ଅଛି, ଉପରେ ପଡ଼ିଲେ ପ୍ରମାଦ, ଗୁରୁ ବ୍ରାହ୍ମଣ ଶିରଚ୍ଛେଦ।' ଅର୍ଥାତ୍ ନିଜ ଉପରକୁ ବିପଦ ଆସିଲେ କେହି ଆଉ ଭଲ-ମନ୍ଦ, ଉଚ୍ଚ-ନୀଚକୁ ଅପେକ୍ଷା ରଖି ପାରେ କି ? ଆପେ ବଞ୍ଚିଲେ ବାପର ନାଁ।

ଭାରତ ସରକାର ଆଜିପର୍ଯ୍ୟନ୍ତ ତାଳଚେର ସାର କାରଖାନାରୁ ଉତ୍ପାଦନ ଦିଗରେ ମନ ଦେଲେ ନାହିଁ।୨୦୧୮ରୁ ୭ବର୍ଷରୁ ଅଧିକ ହୋଇଗଲାଣି। ଅଭାବୀ ଯୋଗାଣ ହେତୁରୁ ସମବାୟ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ କଳହର ସୂତ୍ରପାତ ହେଉଛି। ଅନ୍ୟ ଉତ୍ସରୁ ପର୍ଯ୍ୟାପ୍ତ ସାର ଆସିବାର ବ୍ୟବସ୍ଥା ହୋଇପାରିଲା ନାହିଁ। ଯାହା ବା ଅଛି ତା' ଚାଷୀକୁ ସୁବିଧାରେ ନ ଦେଇ କଳାବଜାରୀ ହେଲା। ଟ୨୭୦/ ହେଉଥିବା ସାରବସ୍ତା ଟ୭୦୦ -୮୦୦/-ରେ ବିକ୍ରୀ ହେଲା। ସବୁବେଳେ ତ ଚାଷୀ ଭାଇ ଉପରେ ମାଡ଼। ବର୍ଷସାରା କଷ୍ଟରେ ନିଜ ପିଲାଛୁଆଙ୍କ ମୁହଁରେ ଆହାର ଦେଲା ପରେ ଆଉ କେତେ ବଳିବ ଯେ ଏତେ ଅଧିକ ଦେଇ ସାର କିଣି ପାରିବ?

ସାର ପ୍ରସଙ୍ଗ ଆଗରୁ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ କଥା ଯାଇ ବିଧାନସଭାରେ ଉଠିଲା। ବିରୋଧୀଦଳ ନେତା ଏଇ ପରିପ୍ରେକ୍ଷୀରେ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ରାଜ୍ୟର ସାର ଯୋଗାଣକୁ ସ୍ୱଚ୍ଛଳ କରିବାକୁ ଚିଠି ଲେଖିଛନ୍ତି। ଯେପରି ରାଜ୍ୟର କୃଷକସମାଜ ଠିକଣା ସମୟରେ ସାର ପାଇ କୃଷି କାର୍ଯ୍ୟକୁ ସଠିକ୍ ଭାବରେ ଆଗେଇ ନେବେ ସେଥିଲାଗି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧ ୯୦୦୬୯

# ରାଇ-ଜଗନ୍ନାଥ ବିବାହ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ବଡ଼ପଣ୍ଡା ମହାପ୍ରଭୁଙ୍କର ଜଣେ ସମର୍ପିତ ସେବାୟତ ସହିତ ଥିଲେ ଜଣେ ଅନନ୍ୟ ଭକ୍ତ। ତାଙ୍କର ସାଥୀ ସେବକମାନେ କୁହାକୁହି ହେଉଥିଲେ ଯେ ବଡ଼ପଣ୍ଡାଙ୍କ ସହ ମହାପ୍ରଭୁ ସାଙ୍ଗ ପରି କଥାଭାଷା ହେଉଥିଲେ। ମହାପ୍ରଭୁଙ୍କ କରୁଣାରୁ ବଡ଼ପଣ୍ଡା ଏକ ଅପୂର୍ବ ସୁନ୍ଦରୀ କନ୍ୟା ସନ୍ତାନ ଲାଭ କଲେ। ସେ ସେହି କନ୍ୟାର ନାମ ମହାପ୍ରଭୁ ସବୁଠାରୁ ବେଶୀ ଭଲ ପାଉଥିବା ନାରୀ ଚରିତ୍ର(ରାଧା) ନାମାନୁସାରେ 'ରାଇ'ରଖିଲେ।

ଦିନେ ବଡ଼ପଣ୍ଡା ବାପାଙ୍କ ବାର୍ଷିକ ଶ୍ରାଦ୍ଧ ପୂର୍ବ ଦିନ ସେବା ପରେ ଘରକୁ ଯିବା ପୂର୍ବରୁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ- 'ସାଆନ୍ତେ! ଆପଣଙ୍କଠାରୁ ବଡ଼ ବନ୍ଧୁ ମୋର ଆଉ କିଏ ଅଛି! ଆପଣଙ୍କ ପାଦ କାଲି ମୋ ଦୁଆରେ ପଡ଼ିଲେ ମୁଁ କୃତାର୍ଥ ମନେ କରନ୍ତି।' ଭକ୍ତବତ୍ସଳ ମହାବାହୁ ତା' ପରଦିନ ଠିକ ସମୟରେ ଭାଇ, ଭଉଣୀ ଓ ଭାରିଯାଙ୍କୁ ନ ଜଣେଇ ପଣ୍ଡାଙ୍କ ଘରେ ପହଞ୍ଚିଗଲେ ଏବଂ ପସନ୍ଦ ମୁତାବକ ଭୁରିଭୋଜନ କଲେ। ବିଶ୍ରାମ ନେବା ବେଳେ ପାଦ ପାଖରେ ବଡ଼ପଣ୍ଡା ହାତ ଯୋଡ଼ି ଠିଆ ହୋଇଥିବାର ଦେଖି ପଚାରିଲେ- 'ପଣ୍ଡାଏ! ଭୋଜନ ତ ବଢ଼ିଆ ହେଲା। ଆଉ କ'ଣ କିଛି କହୁଛ?' ବଡ଼ପଣ୍ଡା କହିଲେ- 'ମହାପ୍ରଭୁ! ମୋର ଏକମାତ୍ର କନ୍ୟା ରାଇ ସୁନ୍ଦରୀ ଯେମିତି ଗୁଣର ସେମିତି। ତା'ର ବିବାହ ବୟସ ହେଲାଣି। ମୁଁ ଆପଣଙ୍କୁ ତା'ର ବର ରୂପେ ମନେମନେ ବରଣ କରିଛି। ଆପଣଙ୍କଠାରୁ ବଡ଼ ବନ୍ଧୁ ମୁଁ ଆଉ କୋଉଠୁ ପାଇବି ସାଆନ୍ତେ?' ତହୁଁ ପ୍ରଭୁ କହିଲେ- 'ଆହେ ପଣ୍ଡାଏ! ମୁଁ ସେ କଥା ଜାଣେ। ତୁମର କନ୍ୟା ଲକ୍ଷ୍ମୀଙ୍କ କଳା ନେଇ ଜନ୍ମ ନେଇଛି। ତାକୁ ମୋ ବ୍ୟତୀତ ଆଉ କେହି ବାହା ହୋଇ ପାରିବେ ନାହିଁ।'

ଭଲ ତିଥିବାର ଦେଖି ରାଇ ସହ ମହାପ୍ରଭୁଙ୍କର ବିବାହ ସମ୍ପନ୍ନ ହୋଇଗଲା। ମନ୍ଦିରରୁ ଲୁଚିଛପି ଯାଇ ପ୍ରଭୁ ରାଇ ସହ ସମୟ ଅତିବାହିତ କରୁଥିବାରୁ ଭାଇ, ଭଉଣୀ ଓ ଲକ୍ଷ୍ମୀ ଏ କଥା ଜାଣି ପାରୁ ନ ଥିଲେ। ସମୟକ୍ରମେ ରାଇ ଗର୍ଭବତୀ ହେଲା। ମହାପ୍ରଭୁ ଜାଣିଥିଲେ ଯେ ମର୍ତ୍ତ୍ୟର ମହିଳାମାନେ ଗର୍ଭବତୀ ଥିବା ବେଳେ ସୁସ୍ୱାଦୁ ଖାଇବାକୁ ଭଲ ପାଆନ୍ତି। ତେଣୁ ଥରେ ସେ ରାଇକୁ ସରାଗରେ ସେ କଥା ପଚାରି ଦେଲେ। ରାଇ କହିଲା- 'ସାଆନ୍ତେ! ସମୁଦ୍ର କୂଳରେ ଆପଣଙ୍କ କୋଳରେ ବସି ଗଜା ମୁଗ, କଦଳୀ ଓ ନଡ଼ିଆ ଚକଟା ଖାଇବାକୁ ମୋର ମନ ହେଉଛି।' ସମୁଦ୍ର କୂଳରେ ରାଇକୁ ଧରି ସାଦ ଖୁଆଇଲେ କଥାଟା ଲକ୍ଷ୍ମୀଙ୍କ କାନକୁ ଚାଲିଯିବ। ତେଣୁ ମହାପ୍ରଭୁ କହିଲେ- 'ରାଇ! ଲକ୍ଷ୍ମୀଙ୍କ ଅଜାଣତରେ ତୋ ସହ ମୋର ବିବାହ ହୋଇଛି। ତୁ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରି ତା'ର ଅନୁମତି ନେଇ ଆସିଲେ ଆମର ବେଳାଭୂମି ଲୀଳା ସମ୍ଭବ ହେବ।'

ମହାପ୍ରଭୁଙ୍କ ଆଦେଶାନୁସାରେ ରାଇ ଅଚଳା ଭକ୍ତି ଓ ନିଷ୍ଠାର ସହ ମହାଲକ୍ଷ୍ମୀଙ୍କୁ ଆରାଧନା କଲା। ତା'ର ପୂଜାରେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ସ୍ୱଦେହରେ ତା' ସମ୍ମୁଖରେ ଉଭା ହୋଇ ବର ଦେବାକୁ ଇଚ୍ଛା ପ୍ରକାଶ କଲେ। ରାଇ କହିଲା- 'ମାଆ! ଆପଣଙ୍କ ଅଜାଣତରେ ମହାପ୍ରଭୁ ମୋତେ ବିବାହ କରିଛନ୍ତି। ମୁଁ ବର୍ତ୍ତମାନ ଅନ୍ତଃସତ୍ତ୍ୱା। ମୋତେ ଆପଣଙ୍କ ପରିବାର ସହ ରହିବାକୁ ଅନୁମତି ଦିଅନ୍ତୁ।' ମହାଲକ୍ଷ୍ମୀ ଜାଣିଥିଲେ ଯେ ରସିକପଣିଆ ମହାପ୍ରଭୁଙ୍କର ପୁରୁଷୋତ୍ତମ ତତ୍ତ୍ୱର ଏହା ଏକ ବିଶିଷ୍ଟ ଅଙ୍ଗ। କଥାଟାକୁ ଘାଣ୍ଟଚକଟ କଲେ ତାହା ଜଣେ ନିରୀହା ଯୁବତୀର ପ୍ରଭୁଙ୍କ ପ୍ରତି ଥିବା ଭକ୍ତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସେ କହିଲେ- 'ତୋ ସହ ପ୍ରଭୁଙ୍କର ବିବାହ ଏକ ସ୍ଥାନୀୟ ଘଟଣା। ସଚରାଚର ବିଶ୍ୱ ଜାଣେ ଯେ ଭୂଦେବୀ ଓ ମୁଁ ମହାପ୍ରଭୁଙ୍କର ଦୁଇ ପତ୍ନୀ। ତୁମକୁ ପରିବାରରେ ସ୍ଥାନ ଦେଇ ସାରା ବିଶ୍ୱର ବିଶ୍ୱାସକୁ ଆଘାତ ଦେବା ଉଚିତ ହେବ ନାହିଁ। କିନ୍ତୁ ମୁଁ ତୋତେ ବର୍ଷର ବାର ମାସରୁ ମାସେ ପ୍ରଭୁଙ୍କ ସାନ୍ନିଧ ପ୍ରାପ୍ତିର ବର ଦାନ କରୁଛି। ଆଶ୍ୱିନ ମାସର ଶେଷ ପାଞ୍ଚଦିନ ଓ କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନକୁ ଛାଡ଼ି ପ୍ରଥମ ପଚିଶ ଦିନ ତୁ ମହାପ୍ରଭୁଙ୍କ ସାନ୍ନିଧ ପାଇବୁ। ସେ ସମୟରେ ପ୍ରଭୁ ତୋତେ ସାଦ ଦେଇ ଆପ୍ୟାୟିତ କରିବେ। ପରବର୍ତ୍ତୀ କାଳରେ ହବିଷ୍ୟାଳୀମାନେ ତୋତେ ମହାପ୍ରଭୁଙ୍କ ସହ 'ରାଇଦାମୋଦର ବ୍ରତ' ପାଳନ ନାମରେ ପୂଜା କରିବେ।' ତା'ପରଠାରୁ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ରାଇ ଦାମୋଦର ବ୍ରତ ପାଳନ କରାଯାଉଛି ଏବଂ ମହାପ୍ରଭୁ ରାଇଦାମୋଦର ବେଶରେ ଦର୍ଶନ ଦେଉଛନ୍ତି। -

(ଶ୍ରୀମନ୍ଦିର ପରମ୍ପରାରେ ରାଧାଙ୍କ ଗୁରୁତ୍ୱକୁ ହ୍ରାସ ପାଇଁ ଏ ଲୋକକଥା ରଚିତ ହୋଇ ଥାଇପାରେ)

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ

# ଜିରା ବ୍ରିଜ୍ ନିକଟରୁ ୨ ଡକାୟତ ଗିରଫ, ବନ୍ଧୁକ ଜବତ

ବରଗଡ଼, ୭।୧୦ (ସମିସ): ଅମ୍ବାପାଳି ଜିରାନଦୀ ବ୍ରିଜ୍ ନିକଟରୁ ମଙ୍ଗଳବାର ବରଗଡ଼ ପୁଲିସ ୨ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ ଜବତ କରିଛି। ପୁଲିସକୁ ଚକ୍‌ମା ଦେଇ ୩ଜଣ ଫେରାର୍ ହୋଇଯାଇଛନ୍ତି। ଗିରଫ ୨ ଡକାୟତ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ଟାଉନ ଥାନା ଜୟପୁରାର ଏସ୍.କେ ୱାଇଦ ଅଲ୍ଲୀ (୩୫) ଓ ସୋନପୁର ଜିଲ୍ଲା ଏସ୍. ରାମପୁର ଥାନା ବ୍ରହ୍ମାଣୀପାଲିର ତନ୍ମୟ ବାଗ (୨୫)।

ଆଜି ସକାଳ ପ୍ରାୟ ୧୧ଟାରେ ଜିରା ନଦୀ ବ୍ରିଜ୍ ନିକଟରେ ୫ ଜଣ ଡକାୟତି ପାଇଁ ଯୋଜନା କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା ଜାଣିବାକୁ ପାଇଥିଲେ। ଏ ସଂପର୍କରେ





ସେ ଟାଉନ୍ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ସୂଚନା ଦେବା ପରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ବ୍ରିଜ୍ ନିକଟରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ୩ଜଣ ଫେରାର୍ ହୋଇଯାଇଥିବା ବେଳେ ୱାଇଦ୍ ଓ ତନ୍ମୟଙ୍କୁ ପୁଲିସ କାବୁ କରିଥିଲା। ସେମାନଙ୍କଠାରୁ ପୁଲିସ୍ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ, ୩ଟି ମୋବାଇଲ ସହ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଗିରଫ ୨ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଏବଂ ଘଟଣାର ଅଧିକ ତଦନ୍ତ ଜାରିଥିବା ପୁଲିସ ପକ୍ଷରୁ ପ୍ରକାଶ।

ଅପରପକ୍ଷେ, ଦୁଇଦିନ ମଧ୍ୟରେ ସହର ମଧ୍ୟରୁ ୬ଟି ଦେଶୀ ବନ୍ଧୁକ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗତକାଲି ମଧ୍ୟ ବରଗଡ଼ ପୁଲିସ ପକ୍ଷରୁ ଏକ ଅନ୍ତଃରାଜ୍ୟ ଗ୍ୟାଙ୍ଗକୁ ଗିରଫ କରି ୫ଟି ଦେଶୀ ବନ୍ଧୁକ ଜବତ କରିଥିଲା। ତେବେ ଜିଲ୍ଲାକୁ ଏହି ବନ୍ଧୁକ କେମିତି ଓ କିଏ ଆଣୁଛି, ସେ ସଂପର୍କରେ ପୁଲିସ ତଦନ୍ତ ଚଳାଇଥିବା ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ ତଥା ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ସମଲେଶ୍ୱରୀ ମନ୍ଦିରର ବଂଶାନୁକ୍ରମିକ ସେବାୟତଙ୍କୁ ଥଇଥାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୧୦ (ସମିସ): ବଲାଙ୍ଗୀର ଜିଲ୍ଲାର ସମଲେଶ୍ୱରୀ ଦେବୀ ମନ୍ଦିରରେ ବଂଶାନୁକ୍ରମିକ ଭାବେ ନିତି ପୂଜା କରିଆସୁଥିବା ଜଣେ ସେବାୟତଙ୍କୁ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ମନ୍ଦିର ସନ୍ନିକଟ ଅଞ୍ଚଳରେ ଥଇଥାନ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ଦିଶ୍ରିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭକ୍ତମାନଙ୍କୁ ସହାୟତା କରିବାରେ ସେବାୟତଙ୍କ ଅତ୍ୟାବଶ୍ୟକ ଭୂମିକାକୁ ସ୍ୱୀକାର କରି ଅଦାଲତ କହିଛନ୍ତି ଯେ ଆବେଦନକାରୀଙ୍କୁ ଉଚ୍ଛେଦ ପୂର୍ବରୁ ଦେବତ୍ତୋର କର୍ତ୍ତୃପକ୍ଷ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ସେହିଭଳି ନିର୍ମାଣ କାର୍ଯ୍ୟ ସମାପ୍ତ ନ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ନିକଟସ୍ଥ ସ୍ଥାନରେ ଥଇଥାନ କରିବା ପାଇଁ ବଲାଙ୍ଗିର ଉପ ଜିଲ୍ଲାପାଳଙ୍କୁ ସକାରାତ୍ମକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଥଇଥାନ କରାନଯିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ବର୍ତ୍ତମାନର ସ୍ଥାନରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ବାହାର କରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ହୀରାକୁଦର ୭ ଗେଟ୍ ଖୋଲା

ସମ୍ବଲପୁର, ୭।୧୦ (ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ଗତ କେଇଦିନ ମଧ୍ୟରେ ଦୁଇଥର ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୬୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୭ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୬୩,୦୩୮ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୦,୩୨୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୪,୮୯୧ ଘନଫୁଟ ଜଳ ନିଷ୍କାସିତ ହେଉଥିବା ବେଳେ

ଜଳସ୍ତର ୬୨୯.୬୭ ଫୁଟ୍

ପାୱାର ଚେନାଲ ଦେଇ ୩୧,୬୨୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩,୫୭୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୩୨,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୭୯,୧୮୦ ଘନଫୁଟ, ଖଇରମାଲଠାରେ ୨,୯୧,୦୦୦ ଘନଫୁଟ, ବାରମୁଲଠାରେ ୨,୬୨,୦୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୦୦,୫୧୬ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୭.୨୫ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୧.୧୯ମିମି ବର୍ଷା ହୋଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

■ ଚର୍ଚ୍ଚାରେ କମାଣ୍ଡରଙ୍କ ଚିଠି

# ଅସ୍ତ୍ରଶସ୍ତ୍ର ଛାଡ଼ି ସାଧାରଣ ଜୀବନ ଜିଇଁବାକୁ ଆହ୍ୱାନ

ମାଲକାନଗିରି, ୭।୧୦ (ସମିସ): ମାଓବାଦୀଙ୍କ ଗଡ଼ ଛତିଶଗଡ଼ର 'ମାଡ୍' ମାଓ ଡିଭିଜନ୍‌ର କମାଣ୍ଡରଙ୍କ ଏକ ଚିଠି ଏବେ ଚର୍ଚ୍ଚାକୁ ଆସିଛି। ମାଓ କମାଣ୍ଡର 'ରଣୀତା' ସେଥିରେ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସାଧାରଣ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ସମସ୍ତଙ୍କୁ ଶାନ୍ତି ଓ ଆଲୋଚନାର ପଥ ଅନୁସରଣ କରିବା ଉଚିତ। ତେବେ ରଣୀତାଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ରର ସତ୍ୟତା ସ୍ପଷ୍ଟ ହୋଇନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ ଫେସ୍ ସ୍କାନ...

ଡାଟା ମାଧ୍ୟମରେ କରାଯିବ। ଅର୍ଥାତ ୟୁଜର୍ସଙ୍କ ଫେସ୍ କିମ୍ବା ଫିଙ୍ଗରପ୍ରିଣ୍ଟ ସେମାନଙ୍କ ଆଧାର ତଥ୍ୟ ସହ ମେଳ କରାଯିବ। ଏହାପରେ ଯାଇ ପେମେଣ୍ଟକୁ ଅନୁମତି ମିଳିପାରିବ। ବର୍ତ୍ତମାନ ୟୁପିଆଇରେ ୟୁଜର୍ସଙ୍କୁ କାରବାର କରିବା ପାଇଁ ୪ କିମ୍ବା ୬ ଅଙ୍କର ପିନ୍ ଦେବାକୁ ପଡୁଛି। ନୂଆ ସିଷ୍ଟମ୍‌ଲାଗୁ ହେବା ପରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ସେନ୍ସର ଜରିଆରେ ପେମେଣ୍ଟ ତୁରନ୍ତ ଅଥେଣ୍ଟିକେସନ ବା ଭେରିଫାଏ ହୋଇଯିବ। ଏହାଦ୍ୱାରା ଅଥେଣ୍ଟିକେସନ ସମୟ କମିବ, ସୁରକ୍ଷା ବଢ଼ିବ ଏବଂ ୟୁଜର ଏକ୍ସପିରିଏନ୍ସ ଆହୁରି ସହଜ ହେବ। ବିଶେଷଜ୍ଞଙ୍କ କହିବା ଅନୁସାରେ ବାୟୋମେଟ୍ରିକ ଅଥେଣ୍ଟିକେସନ ଫଳରେ ଠକେଇ ସମ୍ଭାବନା ମଧ୍ୟ କମ୍ ରହିବ। କାରଣ କାହାର ଚେହେରା ଏବଂ ଫିଙ୍ଗରପ୍ରିଣ୍ଟକୁ କପି କରିବା ମୁସ୍କିଲ। ଅବଶ୍ୟ ଡାଟା ସୁରକ୍ଷା ଏବଂ ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଏନପିସିଆଇ ଏବଂ ୟୁଆଇଡିଏଆଇ ମଧ୍ୟରେ ମଜଭୁତ ବୈଷୟିକ ନବାଚାର ପାଳନ କରାଯିବ।

### ସୀମା ଟପିଲାଣି...

ଡକାୟତି, ୨,୫୮୨ ଛିନ୍‌ତାଇ, ୬,୪୦୮ ଚୋରି, ୧୭,୮୦୫ ଚୋରି, ୬,୩୦୭ ଠକେଇ, ୧୪୭୧ ଦଙ୍ଗା, ୩୦୫୪ ବଳାତ୍କାର ଘଟିଛି। ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବା ବେଳେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି। ଖୋଦ ରାଜଧାନୀର ଛାତି ଉପରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ ରେ ସମ୍ବଲପୁର ଝୁଝୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

### କ୍ଷୋଭ ପ୍ରକାଶ...

ନବୀନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାଜ୍ୟରେ ପାର୍ବଣ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ, ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳି କରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ନବୀନ ଉଲ୍ଲେଖ କରିଛନ୍ତି ଯେ ଏହି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ଦୁଷ୍କର୍ମ, କଣାସରେ ଲକ୍ଷ୍ମୀ ବସ୍ ଭିତରେ ଘଟିଥିବା ଅଭାବନୀୟ କାଣ୍ଡ ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗି ଦେଇଥିବା ବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ମଧ୍ୟ ରାଜ୍ୟର ବିଜେପି ସରକାର ଅସମର୍ଥ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାଧ ରୋକିବା ପାଇଁ ସରକାର କାହିଁକି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ନବୀନ ପ୍ରଶ୍ନ କରିବା ସହ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗ ହେବା ଜରୁରୀ ବୋଲି ପରାମର୍ଶ ଦେଇଛନ୍ତି।

### ତଥ୍ୟ ମାଗିଲେ...

ତେବେ କିଛି ପୁରୁଣା ଭୋଟର ବି ରହିଛନ୍ତି। କୋର୍ଟ କହିଲେ, ତାହା ହେଲେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ ପଡ଼ିବ। ସେପ୍ଟେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି ଏବଂ ସମସ୍ତ ତଥ୍ୟ କମିସନଙ୍କ ପାଖ।।ରେ ରହିବା ସ୍ୱାଭାବିକ। ତେଣୁ ଆସନ୍ତା ୯ ତାରିଖ ସୁଦ୍ଧା ତୁଳନାତ୍ମକ ତଥ୍ୟ ଦାଖଲ କରାଯିବା ଆବଶ୍ୟକ। ଜଷ୍ଟିସ ବାଗଚି କହିଲେ ଯେ ଏସ୍‌ଆଇଆର୍ ମାମଲାରେ କୋର୍ଟ ହସ୍ତକ୍ଷେପ କରିବା ପରେ ସ୍ୱଚ୍ଛତା ବଢ଼ିଛି, କିନ୍ତୁ ବିଭ୍ରାନ୍ତି ରହିଛି। ବିଶେଷ କରି ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କୁ ନେଇ ଦ୍ୱନ୍ଦ୍ୱ ରହିଛି। ତେଣୁ ଯୋଡ଼ି ହୋଇଥିବା ଭୋଟରଙ୍କ ନାମ ସହିତ ସେମାନଙ୍କର ପରିଚୟ ସଂପର୍କରେ ତଥ୍ୟର ଯାଞ୍ଚ ଜରୁରି ହୋଇପଡ଼ିଛି।

ଚୂଡ଼ାନ୍ତ ଭୋଟର ତାଲିକାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମଗଧ ଡିଭିଜନରେ ସର୍ବାଧିକ ଭୋଟର ଯୋଡ଼ି ହୋଇଥିବା ବେଳେ ମୁସଲିମ ବହୁଳ ସୀମାଞ୍ଚଳ ଅଞ୍ଚଳରେ ସର୍ବାଧିକ ଭୋଟରଙ୍କ ନାମ କଟାଯାଇଛି। ଏସ୍‌ଆଇଆର୍‌କୁ ଚାଲେଞ୍ଜ କରି ପିଟିସନ ଦାଖଲ କରିଥିବା ବିଭିନ୍ନ ଦଳ ଓ ସଂଗଠନ ଅଭିଯୋଗ କରିଛନ୍ତି ଯେ ଦଳିତ, ଗରିବ ଓ ମୁସଲିମ ଭୋଟରଙ୍କ ନାମ କାଟିବା ଉଦ୍ଦେଶ୍ୟରେ କ୍ଷମତାସୀନ ଦଳ ଇଙ୍ଗିତରେ ନିର୍ବାଚନ କମିସନ ଏଭଳି ପ୍ରକ୍ରିୟା ଆରମ୍ଭ କରିଥିଲେ। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଥିଲେ ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଟିକିଏ ବି ତ୍ରୁଟି ହୋଇଥିବା ଧରାପଡ଼ିଲେ, ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ।

ସୂଚନାଯୋଗ୍ୟ ଯେ ଏସ୍‌ଆଇଆର୍‌କୁ ନେଇ ମାମଲା ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଗତକାଲି ବିହାର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି। ଆସନ୍ତା ନଭେମ୍ବର ୬ ଓ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ ଏବଂ ୧୪ ତାରିଖରେ ଫଳାଫଳ ଘୋଷଣା କରାଯିବ।

### ପୁଲିସ ସ୍କାନରରେ...

କିଛି ସମୟ ପୂର୍ବରୁ ପୀତବାସଙ୍କ ଫୋନ୍‌କୁ ୪ଟି ନମ୍ବରରୁ କଲ୍ ଆସିଥିଲା। ସେହି ୪ଜଣ ବ୍ୟକ୍ତି କିଏ? ସେମାନଙ୍କ ସହିତ କ'ଣ କଥା ହୋଇଥିଲେ? ଏହି ୪ଜଣଙ୍କ ମଧ୍ୟରେ ରହିଛି କି ଗୁଳିକାଣ୍ଡର ମାଷ୍ଟରମାଇଣ୍ଡ? ଏଭଳି ବହୁ ଦିଗକୁ ଦୃଷ୍ଟିରେ ରଖି ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରଖିଛି। ଘଟଣାରେ ପୁଲିସ ଏକାଧିକ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ଜେରା କରୁଛି। ପୀତବାସଙ୍କ ହତ୍ୟା ପଛରେ କାରଣ କ'ଣ ତାହା ସ୍ପଷ୍ଟ ହୋଇପାରୁନି। ବୃତ୍ତିଗତ ନା ରାଜନୈତିକ କିମ୍ବା ବ୍ୟକ୍ତିଗତ ଅଥବା ପୂର୍ବଶତ୍ରୁତାରୁ ହତ୍ୟା କରାଗଲା ସେନେଇ ପୁଲିସ ଖୋଳତାଡ଼ ଚଳାଇଛି। ଏପରିକି ସେ ସୂଚନା ଅଧିକାର କର୍ମୀ ଭାବେ ଅନେକ ଦୁର୍ନୀତିର ପର୍ଦ୍ଦାଫାସ୍ କରୁଥିବାରୁ ସେ ଦିଗକୁ ନେଇ ମଧ୍ୟ ପୁଲିସ ତଦନ୍ତ କରୁଛି।

ସୋମବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ପୀତବାସଙ୍କ ମୃତଦେହକୁ ଏମକେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଗୁଳିମାଡ଼ ଯୋଗୁଁ ନୁହେଁ ବରଂ ଛାତିରେ ଗୁଳିମାଡ଼ ପରେ ସେ ଛାନିଆଁ ହୋଇଯାଇଥିଲେ ଏବଂ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୀତବାସଙ୍କ ଡ଼ାହାଣ ଛାତିର ଉପର ଭାଗରେ ଗୁଳି ଭେଦ କରି ସ୍ପାଇନାଲ କଲମ ନିକଟରେ ଅଟକି ରହିଥିଲା। ତାହାକୁ ବ୍ୟବଚ୍ଛେଦ ସମୟରେ ବାହାର କରାଯାଇଥିବା କହିଛନ୍ତି ଏମ୍‌କେସିଜି ମେଡ଼ିକାଲ ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ାକ୍ତର ସୁଦୀପା ଦାସ। ଜଣେ ଆଇନଜୀବୀଙ୍କୁ ଏଭଳି ବିଚ୍ ରାସ୍ତାରେ ଗୁଳିମାଡ଼ କରିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରିଫ କରିବା ସହ ବିଚାର ବିଭାଗୀୟ ତଦନ୍ତ ପାଇଁ ମହଲତ ଦିଆଯାଇଥିବା କହିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମହୋନ ଦ୍ୱିବେଦୀ।

ଛାତ୍ର ଜୀବନରୁ କମ୍ୟୁନିଷ୍ଟ ଚିନ୍ତାଧାରରେ ପ୍ରଭାବିତ ହୋଇ ପୀତବାସ ଅଖିଳ ଭାରତୀୟ ଛାତ୍ର ଫେଡେରେସନର ଜଣେ ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ଜଣେ ଆଗ ଧାଡ଼ିର ଛାତ୍ରନେତା ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନର ସମ୍ପାଦକ ନିର୍ବାଚିତ ହୋଇଥିଲେ। ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ସାମିଲ ହୋଇ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଓ ରାଜ୍ୟ ମୁଖପାତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଗତ ନିର୍ବାଚନରେ ସର୍ବାଧିକ ଭୋଟ ପାଇ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ମଧ୍ୟ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ପୀତବାସ ବିଜେପିରେ ଯୋଗଦେଇ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପାଇଁ ପ୍ରଚାର କରି ତାଙ୍କ ନିକଟତର ହୋଇଥିଲେ।

### ରାଜ୍ୟରେ ଆଇନଜୀବୀଙ୍କ...

କ୍ଷତିପୂରଣ ରାଶି ପ୍ରଦାନ ଏବଂ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କାଉନସିଲ ତରଫରୁ ଦାବି କରାଯାଇଛି।

ଅନ୍ୟପଟେ, ଜଣେ ଆଇନଜୀବୀଙ୍କୁ ତାଙ୍କ ଘର ସମ୍ମୁଖରେ ଯେପରି ହତ୍ୟା କରାଗଲା, ତାହା ଦୁର୍ଭାଗ୍ୟଜନକ। ଏଣୁ ଆଇନଜୀବୀ ସୁରକ୍ଷା ଆଇନ ଅନୁସାରେ ଆଇନଜୀବୀମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କ ନିକଟରେ କାଉନସିଲ ଦାବି ଉପସ୍ଥାପନ କରିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି, ଆଇନ ମନ୍ତ୍ରୀ ଓ ବାର କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ରାଜ୍ୟ ବାର କାଉନସିଲ ପକ୍ଷରୁ ଗୃହୀତ ହୋଇଥିବା ପ୍ରସ୍ତାବ ସଂକ୍ରାନ୍ତରେ ଅବଗତ କରଯାଇଛି। ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସ୍ୱର୍ଗତ ପଣ୍ଡାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ମଧ୍ୟ ଜ୍ଞାପନ କରିଛନ୍ତି। ଏହି ହତ୍ୟା ଘଟଣାକୁ ବାର କାଉନସିଲ ଅଫ ଇଣ୍ଡିଆ (ବିସିଆଇ) ମଧ୍ୟ ନିନ୍ଦା କରିଛି। ଏନେଇ ବିସିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ରାଜ୍ୟ ବାର କାଉନସିଲର ଜଣେ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଯିବା ନେଇ ସମଗ୍ର ଦେଶରେ ଆଇନଜୀବୀ ମାନେ ସ୍ତବ୍ଧ। ଏଣୁ ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦୋଷୀକୁ ଗିରଫ କରିବା ସହ ୭୨ଘଣ୍ଟା ମଧ୍ୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବାକୁ ବିସିଆଇ କହିଛି।

### ଘାସିରାମ କଂଗ୍ରେସର...

ପ୍ରାର୍ଥିତ୍ୱ ସମ୍ପର୍କରେ ବିଧିବଦ୍ଧ ସୂଚନା ଦିଆଯାଇଛି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ତଥା ତତ୍‌କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ୧୫ ହଜାର ଭୋଟ ପାଇଥିଲେ। ଏହି ଦୁଇଜଣଙ୍କ ଭୋଟ୍ ମିଶାଇଲେ ୬୫ ହଜାର ଭୋଟ୍ ହେଉଛି। ମାତ୍ର ଏହି ଆସନରୁ ୨୦୨୪ରେ ନିର୍ବାଚନ ଜିତିଥିବା ରାଜେନ୍ଦ୍ର ଢୋଲକିଆ ୬୧ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରସ ଘାସିରାମଙ୍କୁ ଏଠାରୁ ପ୍ରାର୍ଥୀ କରିବା ସହ ପ୍ରଥମ ରାଜନୈତିକ ଦଳ ଭାବେ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟପଟେ ଗତ କିଛି ଦିନ ପୂର୍ବରୁ ଘାସିରାମ ମାଝୀଙ୍କୁ ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଏହିସବୁ ଦିଗକୁ ଆଧାର କରି କଂଗ୍ରେସ ଏହି ଆସନ ଦଖଲ କରିବା ନେଇ ସମ୍ପୂର୍ଣ୍ଣ ଆଶାବାଦୀ ରହିଛି।

ଘାସିରାମଙ୍କୁ ପ୍ରାର୍ଥୀ କରିବା ସହ ଦଳ ସୋମବାର ସେଠାରେ ନ୍ୟାୟ ସମାବେଶ କରିଛି। ସେଠାରେ ପିସିସି ସଭାପତି ଆଗୁଆ ଘାସିରାମଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା ମଧ୍ୟ କରିଦେଇଛନ୍ତି। ଏହି ସମାବେଶରେ ଭକ୍ତ କହିଛନ୍ତି ଯେ ଅନ୍ୟ ଦଳ ଭଳି କଂଗ୍ରେସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବ ନାହିଁ। ଘାସିରାମ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା। ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ।

### କାତ ପାଉନାହିଁ...

ବ୍ୟବସ୍ଥା କରାଯାଇଛି; ଅଥବା ପରୀକ୍ଷା ପରିଚାଳନାକୁ ଆଇଟିଲିମିଟେଡ୍‌କୁ ପ୍ରଦାନ କରି ଓପିଆର୍‌ବି ଏହାର ତତ୍ତ୍ୱାବଧାନରେ ଅତ୍ୟନ୍ତ ଦାୟିତ୍ୱହୀନ ଆଚରଣ ପ୍ରଦର୍ଶନ କରିଛି। ପରୀକ୍ଷା ପ୍ରଶ୍ନ ଅଭ୍ୟାସ ପାଇଁ ଯାଉଥିବା ପରୀକ୍ଷାର୍ଥୀମାନଙ୍କଠାରୁ ଏଯାଏ ଯେଉଁ ତଥ୍ୟ ମିଳିଛି ତାହା କ୍ରାଇମବ୍ରାଞ୍ଚକୁ କେବଳ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତି ପର୍ଯ୍ୟନ୍ତ ପହଞ୍ଚାଇବାକୁ ସମର୍ଥ ହୋଇଛି। ମାତ୍ର କାହା ଛତ୍ରଛାୟାରେ ଥାଇ ଶଙ୍କର ଓ ମୁନା ଏପରି ଏକ ଜଘନ୍ୟ କାଣ୍ଡ ଘଟାଇବାକୁ ସମର୍ଥ ହୋଇଛନ୍ତି, ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ସୂଚନା ପାଇନାହିଁ। ତେବେ ଏହି ଘଟଣାରେ ସମ୍ପୃକ୍ତ କୁହାଯାଉଥିବା ଆଉ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଉଠାଇ ଆଣିଛି। ଏମାନେ ଚାକିରି ପାଇଁ ପିଲା ଯୋଗାଡ଼ ଦାୟିତ୍ୱ ନେଇଥିବା ସୂଚନା ମିଳିଛି। ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ସହ ଓପିଆର୍‌ବିର କିଛି କର୍ମଚାରୀଙ୍କ ସମ୍ପର୍କ ଥିବା ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ସୁରାକ ପାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ କିଛି ପୁଲିସ ଅଧିକାରୀ ନିୟମିତ ଯାଉଥିବା ସଂକ୍ରାନ୍ତ ସୂଚନା ଉପରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସିଂ କମ୍ପାନୀକୁ ନ ଦେବା ଲାଗି ଗତ ମାସ ୨୨ ତାରିଖରେ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହି ସମୟରେ ଓପିଆର୍‌ବି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ୍ ଟେକ୍‌ଲାବ ଓ ପଞ୍ଚ ସଫ୍ଟ ସମ୍ପର୍କରେ କାହିଁକି ସମୀକ୍ଷା କଲାନାହିଁ ବୋଲି ପ୍ରଶ୍ନ ଉଠିଛି। ସେହିପରି ପୁଲିସ ସବ୍ ଇନ୍ସପେକଟର ପାଇଁ ଥିବା ପରୀକ୍ଷା ଢାଞ୍ଚାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏସ୍‌ଆଇ ପରୀକ୍ଷା କରୁଥିଲା। ଏଥିରେ ପ୍ରିଲିମନାରୀ, ଫିଜିକାଲ ଟେଷ୍ଟ, ମେନ୍ ପରେ ମୌଖିକ ଏବଂ ଭଏସ କରାଯାଇ ଫାଇନାଲ ତାଲିକା ପ୍ରକାଶ କରାଯାଉଥିଲା। ମାତ୍ର ଏବେ କେବଳ ଗୋଟିଏ ଲିଖିତ ପରୀକ୍ଷା ପରେ ଶାରିରୀକ ପରୀକ୍ଷା କରାଯାଇ ଏସଆଇ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି।

### ହଟିଲା କର୍ଫ୍ୟୁ...

ରଖାଯାଇଛି। ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ପୁଲିସ କମିଶନର ଏସ. ଦେବଦତ୍ତ ସିଂ ନିବେଦନ କରିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ ପୁଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଯେ କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି କର୍ଫ୍ୟୁକୁ ହଟାଇ ଦିଆଯାଇଛି। ୩୬ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି। ପରିସ୍ଥିତିର ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନଗୁଡ଼ିକରେ ପୁଲିସର ପାଟ୍ରୋଲିଂ ଜାରି ରହିବ। ସୋସିଆଲ ମିଡିଆକୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯାଉଛି। ଯେକୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ, ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଶ୍ରୀ ସିଂ ଚେତାବନୀ ଦେଇଛନ୍ତି।

ଡିସିପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ କାର୍ଯ୍ୟକ୍ଷମ ହେଉଛି। ସେଠାରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ହ୍ୱାଟସଆପ୍ ଏବଂ ଏକ୍ସ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ଅପପ୍ରଚାରକାରୀଙ୍କ ଉପରେ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଥିବା ବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟିଗୁଡ଼ିକ ସହ ଆଲୋଚନା କରାଯିବ। ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଡିସିପି କହିଛନ୍ତି।

### ସରକାରଙ୍କ ସିନ୍ଦୁକରେ...

ମାତ୍ର ୭.୬ ପ୍ରତିଶତ ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ, ଶିଳ୍ପ, ଏମଏସଏମଇ, ଗ୍ରାମ୍ୟ ଉନ୍ନୟନ ଇସ୍ପାତ ଓ ଖଣି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଜଳସମ୍ପଦ, ବାଣିଜ୍ୟ, ପର୍ଯ୍ୟଟନ ପରି ବିଭାଗ ଗୁଡ଼ିକର ଖର୍ଚ୍ଚ ୨୫ ପ୍ରତିଶତରୁ କମ୍ ରହିଛି। ଏହିସବୁ ବିଭାଗ ଗୁଡ଼ିକ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟନ୍ୱୟନ ସହ ଭିତ୍ତିଭୂମି ବିକାଶ ଏବଂ ସାମାଜିକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଁ ବଡ଼ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ଏସବୁ ବିଭାଗ ଗୁଡ଼ିକର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କୁ ଯଥାଶୀଘ୍ର ଏଦିଗରେ ଆତ୍ମସମୀକ୍ଷା ଜରୁରୀ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ତେବେ ଏହି ଅବଧି ମଧ୍ୟରେ ଅର୍ଥ, ପୂର୍ତ୍ତ, ଅବକାରୀ, ସ୍କୁଲ ଓ ଗଣଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ପରି ବିଭାଗ ଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଏପରିକି କେତେକ ବିଭାଗ ନିର୍ଦ୍ଧାରିତ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ ସୀମାକୁ ମଧ୍ୟ ଅତିକ୍ରମ କରିଥିବା ଜଣାପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଯାବତ୍ ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗ ସମ୍ଭାଳୁଥିବାରୁ ପ୍ରତିଟି ବିଭାଗର ପ୍ରଦର୍ଶନକୁ ନିଜେ ତଦାରଖ କରିବା ଜରୁରୀ। ବିଶେଷକରି ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ କରିବାରେ କେଉଁଠି ପ୍ରତିବନ୍ଧକର ସାମ୍ନା କରୁଛନ୍ତି, ତାହାର ଚିହ୍ନଟ ସହ ନିରାକରଣ ଯଥାସମ୍ଭବ ହେବା ଆବଶ୍ୟକ। ନହେଲେ ବଜେଟ ଆକାର ବୃଦ୍ଧିର କୌଣସି ଅର୍ଥ ରହିବ ନାହିଁ ବୋଲି ଅର୍ଥନୀତି ମହଲରେ ମତପ୍ରକାଶ ପାଇଛି।


**AFFIDAVIT**
I RADHA NARAYANSETTY, W/O.: SANTOSH KUMAR NARAYANSETTY, AT-SHRIDISAI NAGAR, PO/PS/DIST- NABARANGPU-764059, DECLARE BY THIS AFFIDAVIT NO - 33160, DATE- 06.10.2025. THAT NOW ONWARDS, I SHALL BE KNOWN AS **RADHA GEMBALI** FOR ALL FUTURE PURPOSES.

**AFFIDAVIT**
I, Priti Ranjan Das, S/o- Kshirod Prasad Das, resident at Naulo, Po/ Arodai,Ps- Tirtol, Dist- Jagatsinghpur, Pin-754138 Odisha declare by this affidavit No. 1577, dtd-06/10/2025 that my wrong name in passport is corrected from Pritiranajan das to **Priti Ranjan Das.**

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 06.10.2025, I Daka Behera S/o- Sibaram Behera resident at Haladipadia Basti, Po- Laxmisagar, Bhubaneswar, Dist- Khurda, Odisha, PIN-751006, declare that I have changed my name from Dak Behera to Daka Behera. Henceforth, He shall be known as **DAKA BEHERA** for all future purposes.

**AFFIDAVIT**
I, Ajaya Kumar Chhotaray, aged about 45 years, S/o-nimei Charan Chhotray, resident of At-Kadalibari, Po- Daleiput, Ps- Khurda Sadar, Dist- Khurda, Odisha, Pin-752056 declare by this affidavit No. 2023, dtd-06/10/2025, that now onwards I shall be known as **AJAY KUMAR CHHOTRAY** for all future purposes.

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 24/03/2025. I, **Sushree Sangita Mishra,** aged about 33 years, W/O- Babuli Kumar Sarangi, D/O- Naba Kishor Mishra, resident of AT/PO/PS: Titilagarh (Hatpada Pada), Dist- Bolangir, (Odisha), PIN- 767033 declare that I have changed my name from **Sangita Sarangi** (old name) to **Sushree Sangita Mishra** (new name). Henceforth, I shall be known as **Sushree Sangita Mishra** (new name) for all purposes.
**Sushree Sangita Mishra**

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIBBS 2025044, ତା.25.09.2025ରିଖ
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ କଟକ ରେଳ ଷ୍ଟେସନ ଠାରେ ୟାର୍ଡ଼ R1 ଠାରୁ R5 ପର୍ଯ୍ୟନ୍ତ ବାଲାଷ୍ଟ ବିହୀନ (Ballast less) ଟ୍ରାକ୍‌ର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1999.38 ଲକ୍ଷ, EMD (ଟଙ୍କାରେ): 11,49,700/-, କାର୍ଯ୍ୟଶେଷ ହେବା ଅବଧି: 12 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.10.2025 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇଟର୍ଡ଼ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-123/CI/25-26

**AFFIDAVIT**
I ALLHADINI DASH, W/o. RADHA KRISHNA DASH resident of Main Road, PO.- Kolnara, Ps.- Chandili, Dist.- Rayagada, Pin - 765017, Odisha declare by this Affidavit No. 1467, Dated - 03/10/2025, that now onwards I shall be known as **ALHADINI DASH** for all future purpose.

**Notice (for Minor)**
By virtue of an affidavit sworn before Executive Magistrate, Keonjhar, dated 10th September 2025. I, **Deepak Dehury,** Address: At/Po-Khuntapada, Ps-Telkoi, Dist-Keonjhar, Odisha, India, Pin Code-758019 declare that I have changed the name of my daughter from **Ruby Dehury** to **Khusi Dehury.** Henceforth, she shall be known as Khusi Dehury for all purposes.
**Sd/- Deepak Dehury**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit vide No.3734, sworn before the Executive Magistrate and Tahasildar, Basta, Balasore, on dtd- 25/09/2025, I, Husani Khan W/O- Mahibu Khan of At/Po- Lachhmankhunta, Ps- Basta, Dist- Balasore, declare that in ROR vide Mouza- Lachhmankhunta, Ps- Basta Khata No. 341 mentioned as Hossain Khan, W/O- Majabu Khan. Both Husani Khan W/O- Mahibu Khan and Hossain Khan W/O- Majabu Khan of above mentioned address is same and one person for all future propose.

**AFFIDAVIT**
I, Shaik Haidar Ali, S/o- Sekh Ajagar Alli, resident of At/Po- Rasulpur, Dist- Jagatsinghpur, PIN-754104, Odisha declared by this affidavit No. 70AA 787471, dtd-03/10/2025 that now onwards I shall be known as **SK HAIDER ALI** for all future purposes.



**AFFIDAVIT**
I, Shaik Didar Ali, S/o- Sk Haider Ali, resident of At/Po- Rasulpur, Dist- Jagatsinghpur, PIN-754104, Odisha declared by this affidavit No. 70AA 787470, dtd-03/10/2025 that now onwards I shall be known as **SHAIKH DIDAR ALI** for all future purposes.

# ଦ୍ୱିତୀୟ ଦିନରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା


# ଝଲସୁଛି ଢେଙ୍କାନାଳ ସହର









ଢେଙ୍କାନାଳ,୭।୧୦(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଗତ ସୋମବାରଠାରୁ ଆରମ୍ଭ ହୋଇଛି। ବୁଧବାର ସ୍କୁଲ ଖୋଲୁଥିବା ବେଳେ ଗୁରୁବାର ଦିନ କଲେଜ ଖୋଲିବାକୁ ଯାଉଛି। ମା' ଧନଦାତ୍ରୀଙ୍କ ଦର୍ଶନ ପାଇଁ ଆଜି ହଜାର ହଜାର ଶ୍ରଦ୍ଧାଳୁ ପୂଜା ଦେଖିବାକୁ ଆସିଥିବା ବେଳେ ଝିପି ଝିପି ବର୍ଷାରେ ଦର୍ଶକମାନେ ପୂଜାର ମଜା ଉଠାଉଥିବାର ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲ୍ଲାରେ ମୋଟ ୩୮ଟି ମଣ୍ଡପରେ ପୂଜା ହେଉଥିବା ବେଳେ ଜିଲ୍ଲାରେ ୧୯୨୩ ମସିହାରୁ ଢେଙ୍କାନାଳର ମୀନା ବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକ ଉଦ୍ୟମରେ ଲକ୍ଷ୍ମୀ ପୂଜା ୧୯୩୩ ମସିହା ପର୍ଯ୍ୟନ୍ତ ପାଳିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜା ଆନ୍ଦୋଳନ ଯୋଗୁଁ ପୂଜା ବନ୍ଦ ହୋଇଯାଇଥିଲା। ୧୯୪୩ ମସିହାରୁ ଏହି ପର୍ବ ପୁନରାୟ ମୀନାବଜାରରୁ ଆରମ୍ଭ ହୋଇ ଆସୁଥିବା ଏହି ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆଜି ଗଣଉତ୍ସବରେ ପରିଣତ ହୋଇଛି। ୧୯୪୩ରେ ମୀନା ବଜାର,୧୯୪୮ରେ ଜବାହର ଚୌକ, ୧୯୪୯ରେ ଲକ୍ଷ୍ମୀବଜାର, ୧୯୫୦ ଗଣେଶ ବଜାର, ୧୯୫୧ କାଞ୍ଚନ ବଜାର,୧୯୫୨ରେ ଆନନ୍ଦବଜାର,୧୯୫୫ରେ କାରିଗର ସାହି, ୧୯୫୭ରେ ଗୁଡିଆନାଳୀ, ୧୯୫୮ରେ ରାଧାକୃଷ୍ଣ ବଜାର, ପଦ୍ମ ବଜାର, କୁଞ୍ଜକାନ୍ତ, ୧୯୫୯ରେ କୈବଲ୍ୟ ବଜାର, ୧୯୬୦ରେ ଜୁବୁଲି ଟାଉନ-୨, ୧୯୬୩ରେ ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ ଷ୍ଟେସନ ବଜାର, ୧୯୬୫ରେ ରତ୍ନ ବଜାର, ୧୯୬୭ରେ ଚନ୍ଦନ ବଜାର, ୧୯୬୯ରେ ଗାନ୍ଧୀବଜାର ଓ ବସଷ୍ଟାଣ୍ଡ, ୧୯୭୧ରେ କୋରିଆଁ, ୧୯୭୫ରେ ଦୁର୍ଗା ବଜାର, ୧୯୭୬ରେ ଦକ୍ଷିଣକାଳୀରେ ପୂଜା ଆରମ୍ଭ ହୋଇଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ମଧ୍ୟରେ ସହରବାସୀ ପୂଜାକୁ ପାଳନ କରାଯାଉଛି। ସହରର ପ୍ରବେଶ ପଥରୁ ପ୍ରସ୍ଥାନ ପଥ ପର୍ଯ୍ୟନ୍ତ ଦୀର୍ଘ ୭କିମି ବ୍ୟାପି ରାସ୍ତା ପାର୍ଶ୍ୱରେ ଚଳିତ ବର୍ଷ ୩୮ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଲକ୍ଷ୍ମୀପୂଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ଲାଇଟ ଗେଟ ସହିତ ନୂଆ ଡିଜାଇନର ମଣ୍ଡପ ଗୁଡିକ ସଜାଇହୋଇଥିବା ବେଳେ ଏହା ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିଛି। ଫଳରେ ପ୍ରଥମରୁ ଭିଡ ପରିଲକ୍ଷିତ ହୋଇଛି। ପୂଜା ପାଇଁ ଆଜି ପ୍ରବଳ ଭିଡ ହୋଇଥିବା ବେଳେ ସାମାନ୍ୟ ବର୍ଷାକୁ ଭୟ ନକରି ଦର୍ଶକମାନେ ଝିପି ଝିପି ବର୍ଷାରେ ପୂଜାକୁ ଉପଭୋଗ କରିବା ସହିତ ମା'ଙ୍କୁ ଦର୍ଶନ କରୁଥିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଛି।


## କାରିଗର ସାହିରେ ୭୩ତମ ଗଜଲକ୍ଷ୍ମୀ ପୂଜା



ଢେଙ୍କାନାଳ,୭।୧୦(ସମିସ): ସ୍ଥାନୀୟ କାରିଗର ସାହିରେ ୭୩ତମ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ଗତ ସୋମବାର ସନ୍ଧ୍ୟାରେ କଳସଯାତ୍ରା କରାଯାଇ ମା'ଙ୍କର ଷୋଡ଼ଶ ଉପଚାର ପୂଜା, ଚକ୍ଷୁଦାନ କରାଯାଇ ବିଭିନ୍ନ ଭୋଗଲାଗି କରାଯାଇଥିଲା।

ପ୍ରତ୍ୟକ ଦିନ ସୂର୍ଯ୍ୟ ପୂଜା, ମଙ୍ଗଳ ଆଳତି, ମା'ଙ୍କ କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା ଓ ବିଭିନ୍ନ ଭୋଗ ସହ ମଧ୍ୟାହ୍ନରେ ଅନ୍ନ ଧୂପ, ସନ୍ଧ୍ୟାରେ ଆଳତି ଓ ୯ଦିନ ଧରି ରାତ୍ରରେ ରାତ୍ର ଧୂପ ଅନୁଷ୍ଠିତ ହେବ। ଆସନ୍ତା ୧୫ ତାରିଖ ବୁଧବାର ଦିନ ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଆସନ୍ତା ୨୦୨୭ରେ ମା'ଙ୍କର ପ୍ଲାଟିନମ ଜୁବୁଲି ପାଳନ କରାଯିବ। ପୂଜକ ଗଗନ ବିହାରୀ ଶତପଥୀ, କର୍ତ୍ତା ଜଗନ୍ନାଥ ସାହୁ ଓ ଲକ୍ଷ୍ମଣ ଗୁରୁ ସମସ୍ତ ପୂଜାର ସମ୍ପାଦନ କରୁଛନ୍ତି। ସଭାପତି ମୂରଲିଧର ବେହେରା, ସମ୍ପାଦକ ବିଚିତ୍ରା ନନ୍ଦ ବେହେରା, ତ୍ରୈଲୋକ୍ୟ ରଞ୍ଜନ ଦଳେଇ ଓ ସୌମ୍ୟ ରଞ୍ଜନ ବେହେରା ପ୍ରମୁଖଙ୍କ ସହିତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ କରୁଛନ୍ତି।

## କାଙ୍କଡ଼ପାଳ ଗ୍ରାମ ପକ୍ଷରୁ ଗଜଲକ୍ଷ୍ମୀ ପୂଜା



ଢେଙ୍କାନାଳ,୭।୧୦(ସମିସ): ଢେଙ୍କାନାଳ ସଦର କାଙ୍କଡପାଳ ଗ୍ରାମ ତରଫରୁ ୨୧ତମ ଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ଗତ ସୋମବାର କଳସ ଯାତ୍ରା ସମାପନ କରି ରାତି ୧୧ଟା ସମୟରେ ମାତାଙ୍କୁ ଜୀବଦାନ କରାଯାଇଥିଲା। ଗ୍ରାମର ଯୁବକ ଗୋଷ୍ଠୀ, ସଭାପତି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ସବୁ ଘରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଆସନ୍ତା ୯ ତାରିଖରେ ବଡ ପୂଜା, ପ୍ରସାଦସେବନ ଓ ମା' ବ୍ରତ ପାଳନ କରାଯିବା ସହିତ ୧୩ ତାରିଖରେ ଭସାଣୀ ଉତ୍ସବ ପାଳିତ ହବ। ପୂଜକ ସନ୍ତୋଷ କୁମାର ପଣ୍ଡାଙ୍କ ଦ୍ୱାରା ପ୍ରତିଦିନ ନୀତି ଅନୁସାରେ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି ଖୁବ ଆଡମ୍ବର ସହିତ ପାଳିତ ହେଉଛି।

## ପୋଖରୀରେ ବୁଡ଼ି ଦଶମ ଶ୍ରେଣୀ ଛାତ୍ର ମୃତ

ଢେଙ୍କାନାଳ,୭।୧୦(ସମିସ): ଢେଙ୍କାନାଳ ଜିଲ୍ଲା ସଦର ଥାନା ଅଧୀନ କଙ୍କଡାହାଡ ଗ୍ରାମରେ ପୋଖରୀରେ ବୁଡି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସୂଚନା ଯେ, କଙ୍କଡାହାଡ଼ ଗ୍ରାମର ନିତ୍ୟାନନ୍ଦ ନାୟକଙ୍କ ପୁଅ ଶାନ୍ତନୁ ନାୟକ (୧୫) ମଙ୍ଗଳବାର ସାଙ୍ଗମାନଙ୍କ ସହ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣ ବଶତଃ ଶାନ୍ତନୁ ପୋଖରୀରେ ବୁଡି ଯାଇଥିଲେ। ସାଙ୍ଗ ସାଥୀମାନେ ଖବର ଦେବା ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପୋଖରୀରୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଛାତ୍ରମୃତ୍ୟୁକୁ ନେଇ ଗ୍ରାମରେଶୋକର ଛାୟା ଖେଳିଯାଇଛି।

## ମା'ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ୪୦ତମ ପୂଜା



ଢେଙ୍କାନାଳ,୭।୧୦(ସମିସ): ସଦର ବ୍ଲକ ଅଧୀନ ଶୁଆଖାଇକାଟେଣୀ ଗ୍ରାମ ପଞ୍ଚାୟତର ରଞ୍ଜା ଛକଠାରେ ମା'ଗଜଲକ୍ଷ୍ମୀଙ୍କର ୪୦ତମ ପୂଜା ଗତ ସୋମବାରଠାରୁ ଆୟୋଜିତ ହୋଇଯାଇଅଛି। ରାତ୍ର ୮ ଘଟିକାରେ କଳସଯାତ୍ରା କରାଯାଇଥିଲା ଓ ପୂଜା କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ରାତ୍ର ୨ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପ୍ରତ୍ୟକ ଦିନ ସକାଳ ପୂଜା, ମଧ୍ୟାହ୍ନ ପୂଜା ଓ ସନ୍ଧ୍ୟା ପୂଜା କରାଯାଏ। ଆସନ୍ତା ୧୩ ତାରିଖ ସୋମବାର ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ପୂଜକ ପିନୁ ନନା, କର୍ତ୍ତା ମନୋଜ ବେହେରା, କର୍ତ୍ତୀ ରୁନୁବାଲା ବେହେରା ସମସ୍ତ ପୂଜାକୁ ସମ୍ପାଦନ କରୁଛନ୍ତି। ରଞ୍ଜା ଛକ ପୂଜା କମିଟିର ସଭାପତି ମନୋଜ ମହାନ୍ତି ଓ ସମ୍ପାଦକ ସମୀର କୁମାର ସାହୁ ସମସ୍ତ ପୂଜାକୁ ତତ୍ତ୍ୱାବଧାନ କରୁଛନ୍ତି। ସଦସ୍ୟମାନଙ୍କ ମଧ୍ୟରେ ଦିନେଶ ଚନ୍ଦ୍ର ସାହୁ, ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ ବଳବନ୍ତ ନାୟକଙ୍କ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପୂଜାକୁ ସହଯୋଗ କରୁଛନ୍ତି।

## ଶିଶୁ ଅଧିକାର ଉଲ୍ଲଂଘନ ସଚେତନତା କାର୍ଯ୍ୟକ୍ରମ




କଙ୍କଡାହାଡ,୭।୧୦(ସମିସ): ଢେଙ୍କାନାଳ ଜିଲ୍ଲାରେ ବାଲ୍ୟବିବାହ ନିରାକରଣ ଓ ଶିଶୁ ଅଧିକାର ଉଲ୍ଲଂଘନ ଉପରେ ସଚେତନତା କାର୍ଯ୍ୟକ୍ରମ କଙ୍କଡାହାଡ ବ୍ଲକ କରଗୋଳା ପଞ୍ଚାୟତ ଆଖୁପାଳ ଗ୍ରାମଠାରେ ଅନୁଷ୍ଠିତ ହୋଇଛି। ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ପରିଚାଳିତ ପ୍ରକଳ୍ପ ଆକସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆଖୁପାଳ ଗ୍ରାମର ପ୍ରାୟ ୩୫ଜଣ ମହିଳା ତଥା କିଶୋରୀ ବାଳିକା ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ବାଲ୍ୟବିବାହ ନିଷେଧ ଆଇନ୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ ଉପରେ ଆଲୋଚନା ହୋଇଥିଲା। ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରି, ଯୋଗଦେଇଥିବା ଅତିଥି, ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ କଙ୍କଡାହାଡ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିବାହ ରେଜିଷ୍ଟର ଓ ପଳାୟନ ରେଜିଷ୍ଟର ବିଷୟରେ ସୂଚନା ଦେଇ ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସହଯୋଗୀ ପୂର୍ଣ୍ଣିମା ସାହୁ ପରିଚାଳନା କରିଥିଲେ।

### ଆଇଆଇଏମ୍‌ସି ଓ ବନଖଣ୍ଡ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ

## ଜୈବ ବିବିଧତା ଢେଙ୍କାନାଳ ପାଇଁ ଆଶୀର୍ବାଦ

ଢେଙ୍କାନାଳ,୭।୧୦(ସମିସ)




ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ ଆଇଆଇଏମ୍‌ସି ଓ ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଦୀର୍ଘ ୩ ସପ୍ତାହ ଧରି ଚାଲିଥିବା ଫଟୋଗ୍ରାଫି ପ୍ରତିଯୋଗିତାର ବଛା ବଛା ଫଟୋଗୁଡ଼ିକୁ ଏଥିରେ ପ୍ରଦର୍ଶିତ କରାଯାଇଥିବା ବେଳେ ବିଶେଷ କରି ବିଦ୍ୟାର୍ଥୀ, ପ୍ରକୃତି ପ୍ରେମୀ ଏବଂ ସାଧାରଣ ଜନତାଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସୃଜନଶୀଳ ଫଟୋଗ୍ରାଫି ମାଧ୍ୟମରେ ପ୍ରକୃତି ଓ ଜୈବ ବିବିଧତାର ସୁରକ୍ଷା ତଥା ସଂରକ୍ଷଣ ଏବଂ ବନ୍ୟଜନ୍ତୁ ମଣିଷ ସହାବସ୍ଥାନକୁ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୦ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ପାଇଁ ଆବେଦନ ଚାଲିଥିବା ବେଳେ ୨ଗୋଟି ବର୍ଗରୁ ବଛା ବଛା ଫଟୋଗୁଡ଼ିକୁ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଥିଲା। ପ୍ରଦର୍ଶନୀ ପରିପ୍ରେକ୍ଷୀରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ସମ୍ମାନିତ ଅତିଥି ଭାବେ ପୁଲିସ ଅଧକ୍ଷ ଅଭିନବ ସୋନକର ଯୋଗଦେଇ ସଭିଙ୍କୁ ଉତ୍ସାହିତ କରିଥିଲେ। ଡିଏଫ୍‌ଓ ସୁମିତ କର ବକ୍ତବ୍ୟରେ ଢେଙ୍କାନାଳକୁ ଆଶୀର୍ବାଦରେ ଜୈବ ବିବିଧତା ମିଳିଥିବା କହିଥିଲେ। ଏଥିସହ ପ୍ରତ୍ୟେକ ବିକଳ୍ପ ଶନିବାର ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଢେଙ୍କାନାଳର ଜନ ସାଧାରଣଙ୍କ ପାଇଁ ଡିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକୃତି ଯାତ୍ରାର ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ। ଏଥିସହ ନିକଟରେ ଢେଙ୍କାନାଳର ଜୈବ ବିବିଧତାକୁ ନେଇ ଏକ ପୁସ୍ତକ ପ୍ରକାଶ ପାଇବାକୁ ଯାଉଥିବା ବେଳେ ଏଥିପାଇଁ ଜନସାଧାରଣ ଫଟୋ ପଠାଇ ପାରିବେ ବୋଲି ପ୍ରକାଶ କରିଥିଲେ। ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପ୍ରକୃତି ସଂରକ୍ଷଣ ଓ ଏହାର ସ୍ଥିରତାକୁ ନେଇ ବକ୍ତବ୍ୟ ରଖିଥିଲେ। ପ୍ରକୃତିର ସୁରକ୍ଷା ପାଇଁ ଆଇଆଇଏମସି ସର୍ବଦା ପ୍ରଚେଷ୍ଟା ଜାରି ରଖିଥିବା ବେଳେ ବନଖଣ୍ଡ ସହ ମିଳିତ ଉଦ୍ୟମ ଏହାକୁ ଅଧିକ କ୍ରିୟାଶୀଳ କରିଥିବା ପ୍ରକାଶ କରିଥିଲେ। ପ୍ରଦର୍ଶନୀ ସଭା ଅବସରରେ ଖୋଲା ପ୍ରତିଯୋଗିତା ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ନଗଦ ରାଶି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଲୋନୀ ସାହୁ, ପ୍ରାଞ୍ଜଲ ପ୍ରତିଶ ଓ ହରେକ୍ରିଷ୍ଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଜିତିଥିବା ବେଳେ ଅଂଶୁମାନ ପ୍ରଧାନ ଓ ଶୁଭ୍ରକାନ୍ତ ପ୍ରଧାନ ସାନ୍ତ୍ୱନା ମୂଳକ ପୁରସ୍କାର ଜିତିଥିଲେ। ପ୍ରଦର୍ଶନୀରେ ଢେଙ୍କାନାଳର ଜନ ସାଧାରଣଙ୍କ ସମେତ ବନଖଣ୍ଡ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ଆଇଆଇଏମସିର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ, ବିଦ୍ୟାର୍ଥୀ ଓ ଗଣମାଧ୍ୟମର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

## ସୁନାମୀ ମୁକାବିଲା ପାଇଁ ତାଲିମ ଶିବିର



ରାଜନଗର,୭।୧୦(ସମିସ): ରାଜନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ସୁନାମୀ ଆସିଲେ ତାହାକୁ କିପରି ମୁକାବିଲା କରିବା ସେ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅନିରୁଦ୍ଧ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଗୁଡିଆ, ତହସିଲଦାର ଯୀଶୁକୃଷ୍ଣ ଦାସ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅଜୟ କୁମାର ମହାନ୍ତି, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ ଯୋଗଦେଇ ସୁନାମୀ ଆସିଲେ ଆମେ ତାହାର କିପରି ମୁକାବିଲା କରିବା, ବୃତ୍ତ ଚିତ୍ର ଦେଖାଇ ବୁଝାଇଥିଲେ। ଏହି ବୈଠକରେ ତାଳଚୁଆ, ବାଘମାରି ସରପଞ୍ଚ ଓ ୱାର୍ଡ ସଭ୍ୟ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସହକାରୀ ଡାଟା ଅପରେଟର ଯୋଗଦେଇ ସୁନାମୀ ମୁକାବିଲାର ତାଲିମ ନେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ୬୨ଟି ଗାଁ ସୁନାମୀପ୍ରବଣ ହୋଇଥିବାବେଳେ ସେଥିମଧ୍ୟରେ ରାଜନଗର ବ୍ଲକ୍‌ର ୪୩ଟି ଗାଁ ରହିଛି। ରାଜନଗର ନିକଟରେ ବଙ୍ଗୋପସାଗର ରହିଥିବା ଓ ସମୁଦ୍ରରୁ ଦେଢ କିଲୋମିଟର ମଧ୍ୟରେ ଏହି ୪୩ଟି ଗାଁ ରହିଛି।

## ଟାଏକ୍ୱୋଣ୍ଡୋ ସ୍ୱର୍ଣ୍ଣପଦକ ବିଜୟିନୀ ସାଗରିକାଙ୍କୁ ସମ୍ବର୍ଦ୍ଧନା



ଡେରାବିଶ, ୭।୧୦(ସମିସ): ହାଇଦରାବାଦର ସିକନ୍ଦରାବାଦରେ ଆୟୋଜିତ ଆନ୍ତର୍ଜାତିକ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଡେରାବିଶର ବ୍ଲକ୍‌ର ଝିଅ ସାଗରିକା ଭଦ୍ର ସ୍ୱର୍ଣ୍ଣପଦକ ଜିତି ଓଡ଼ିଶା ଓ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଆଜି ସାଗରିକାଙ୍କୁ ଗାଁ ମାଟିରେ ସମ୍ବର୍ଦ୍ଧିତ କରାଯାଇଛି। ଡେରାବିଶ ବ୍ଲକ୍ ରତାଦିଆଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ହରିପୁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ରତାଦିଆଖଣ୍ଡସାହି ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜୟନ୍ତ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ସରୋଜ କୁମାର ସାମଲ, ନିରଞ୍ଜନ ଶତପଥୀ ଯୋଗଦେଇ ସ୍ୱର୍ଣ୍ଣପଦକ ବିଜୟିନୀ ସାଗରିକାଙ୍କୁ ଟ୍ରଫି, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ।

ତେଲେଙ୍ଗାନା ରାଜ୍ୟର ସିକନ୍ଦରାବାଦଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ସମେତ ୬ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନୁଆପଡ଼ା ଗ୍ରାମର ସାଗରିକା ଗ୍ରାମ ନିକଟସ୍ଥ 'ସିଂହମ' ଏକାଡେମୀରେ କୋଚ୍ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ତାଲିମ ନେଇ ଏହି ଏହି ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଛନ୍ତି। ସାଗରିକାଙ୍କ ଏହି କୃତିତ୍ୱ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମଧ୍ୟ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏ ଅବସରରେ 'ସିଂହମ' ଏକାଡେମୀର ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜୟଶ୍ରୀ ଦ୍ୱିବେଦୀ, ବର୍ଷା ପ୍ରିୟଦର୍ଶିନୀ ମିଶ୍ର, ଅଶ୍ୱିନୀ କୁମାର ବାରିକ, ଇନ୍ଦ୍ରଜିତ ପରିଡ଼ା, ଆଦିତ୍ୟ ପଲାଇ, ସାରଦା ମହାରଣା, କୀର୍ତ୍ତିମାନ ଶ୍ରୀଶାନ୍ତ ଦାସ, ଅମିତ କୁମାର ସାହୁ, ଦେବାଂଶୁ ମୁଦୁଲି, ଜୟଶ୍ରୀ ଭଦ୍ର, ଅର୍ପିତା ପଣ୍ଡା, ସ୍ନେହଲତା ଜେନା ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶୁଭେନ୍ଦୁ ନାୟକ ମଞ୍ଚ ପରିଚାଳନା କରିଥିଲେ। 'ସିଂହମ'ର କୋଚ୍ ଗାୟତ୍ରୀ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ମଳ ଭଦ୍ର, ସୁବାସ ଭଦ୍ର, ଶୁଭ୍ରକାନ୍ତ ତ୍ରିପାଠୀ, ଅନନ୍ତ ଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଦାଉ ସାଧିଲା ଲଘୁଚାପ ବର୍ଷା ଓ ବନ୍ୟା

# ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ପଟ୍ଟାମୁଣ୍ଡାଇ,୭।୧୦(ସମିସ):



ଚଳିତବର୍ଷ ଚାଷୀକୁଳ ଉପରେ ସତେ ଯେମିତି ପ୍ରକୃତି ଦାଉ ସାଧିଛି। ବାରମ୍ବାର ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ଫଳରେ ବିଭିନ୍ନ ଫସଲ ସମୂଳେ ନଷ୍ଟ ହୋଇଯାଇଛି। ୪/୫ ଥର ବନ୍ୟା ପରେ ଚାଷୀ ତ୍ରାହି ତ୍ରାହି ଡାକି ଟିକେ ନିଶ୍ୱାସ ମାରିଥିଲେ। ବନ୍ୟା ପରେ ବହୁ ଆଶା ଭରସା ନେଇ ଚାଷୀ ବିଆଳି ଧାନ ଚାଷ କରିଥିଲେ। କିନ୍ତୁ ପ୍ରକୃତିର ଦାଉ ଏତିକିରେ ଶେଷ ହୋଇ ନ ଥିଲା। ବନ୍ୟା ପରେ ଏକାଧିକ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଗତ ଏକ ସପ୍ତାହ ଧରି ଲଘୁଚାପଜନିତ ଲଗାଣବର୍ଷା ଫଳରେ ଚାଷଜମି ବର୍ଷା ପାଣିରେ ବୁଡି ରହିଛି। ବିଆଳି ଧାନ ପାଚିଯାଇଥିବାରୁ କେତେକ ଚାଷୀ ଧାନ କାଟିଛନ୍ତି। ଅଧିକାଂଶ ଚାଷୀ ଧାନ କାଟି ନ ଥିବାରୁ ପାଚିଲା ଧାନ ଗଛ ବର୍ଷା ପାଣିରେ ବୁଡ଼ିରହିଛି। ପାଣି ନିଷ୍କାସନ ହେଉ ନ ଥିବାରୁ ବର୍ଷା ପାଣିରେ ବୁଡ଼ିଯାଇଥିବା ଧାନରୁ ଗଜା ହେବା ଆଶଙ୍କା ଦେଖାଦେଇଛି। ବହୁ ଚାଷୀ ଓଦା ଧାନ କାଟି ରାସ୍ତା କଡ଼ରେ ଶୁଖାଉଥିବା ଦେଖାଯାଉଛି।

ଧାନ ଫସଲକୁ ରକ୍ଷା କରିବାକୁ ଚାଷୀ ସଅଳ ଧାନ କାଟିବା ପାଇଁ ଧାନ କଟା ମେସିନ ବ୍ୟବହାର କରିବା ପାଇଁ ଚାହୁଁଥିବାବେଳେ ଆବଶ୍ୟକ ମେସିନ ମିଳୁନାହିଁ। ଫଳରେ ଚାଷଜମିରେ ପାଚିଲା ଧାନ ପଡ଼ି ରହି ନଷ୍ଟ ହେବା ସାର ହେଉଛି। ଧାନ ନଷ୍ଟ ହେବା ଆଶଙ୍କାରେ ଚାଷୀ ତରବରରେ ଧାନ କାଟିଥିଲେ ହେଁ ବର୍ଷା ଯୋଗୁଁ ଓଦା ହୋଇ ନଷ୍ଟ ହେବା ସହିତ ଗଜା ହେବା ଆଶଙ୍କା ଥିବାରୁ ଅଦର ଦରରେ ଧାନ ବିକିବା ଛଡ଼ା ଅନ୍ୟ ଉପାୟ ନାହିଁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ସର୍ବସ୍ୱାନ୍ତ ହୋଇଥିବା ଚାଷୀଙ୍କ ସଙ୍କଟ ସମୟରେ କୃଷି ବିଭାଗ କୁମ୍ଭକର୍ଣ୍ଣ ନିଦରେ ଶୋଇଛି। ଚାଷୀକୁଳ ଓ ଚାଷର ସୁରକ୍ଷା ପାଇଁ କୌଣସି ପରାମର୍ଶ ଦେବାକୁ କୃଷି ବିଭାଗ ଉଚିତ ମନେ କରୁନାହିଁ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ରାଜସ୍ୱ ଓ କୃଷି ବିଭାଗ ମିଳିତ ତଦନ୍ତକାରୀ ଟିମ ପଠାଇ କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ ସହ ତୁରନ୍ତ କ୍ଷତିପୂରଣ ଦେବାକୁ ଚାଷୀ ଦାବି କରିଛନ୍ତି।

## ବୈତରଣୀ ମହୋତ୍ସବ ପ୍ରସ୍ତୁତି ବୈଠକ



ରାଜକନିକା,୭।୧୦(ସମିସ): ଉପକୂଳ ଓଡ଼ିଶାର ନଦୀ ବଞ୍ଚାଓ ଆନ୍ଦୋଳନକୁ ନେଇ ଜନଜାଗରଣ ଓ ସଚେତନତା କାର୍ଯ୍ୟକ୍ରମରେ ବୈତରଣୀ ନଦୀର ସୁରକ୍ଷା ଓ ସାମାଜିକ ସଂସ୍କୃତିର ବିକାଶ ଦିଗରେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ସର୍ବାଦୃତ ସଫଳତା ପାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବୈତରଣୀ ମହୋତ୍ସବ ଆୟୋଜିତ ହେବ। କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ପରିଚାଳନା କମିଟି ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଏହାର ଅସ୍ଥାୟୀ ଅଫିସ୍ ଅନନ୍ୟା ସାଂସ୍କୃତିକ ପ୍ରତିଷ୍ଠାନ ଶୈଳେନ୍ଦ୍ରନଗର ନୂଆ ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଏହା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅଧିକ ସଂଖ୍ୟକ ଶୁଭେଚ୍ଛୁ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାର, ସାମାଜିକ କର୍ମୀ, ପରିବେଶବିତ୍ ଓ ସର୍ବଦଳୀୟ ନେତୃବୃନ୍ଦକୁ ସଭ୍ୟଭାବେ ନିଆଯାଇ ପୂର୍ବ ବର୍ଷଠାରୁ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ମହୋତ୍ସବର ସୁପରିଚାଳନା ପାଇଁ ଉପକମିଟି ଗଠନ କରାଯାଇଛି। ବିଶେଷକରି ସରକାରୀ କିମ୍ବା ବିରୋଧୀ ରାଜନୈତିକ ଦଳ ପକ୍ଷରୁ କୌଣସି ଆଖିଦୃଶିଆ ପ୍ରୋତ୍ସାହନ ଓ ସହଯୋଗ ମିଳୁ ନ ଥିବାରୁ ଏବର୍ଷ ପାଇଁ ଏକ ସ୍ୱତନ୍ତ୍ର କମିଟି ରାଜ୍ୟ, ଜିଲ୍ଲା, ବ୍ଲକ୍ ଓ ନିର୍ବାଚନମଣ୍ଡଳୀ ସ୍ତରୀୟ ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀଙ୍କୁ ଚଳିତ ମାସରେ ଭେଟିବାକୁ ସ୍ଥିର କରାଯାଇଛି।

ଉକ୍ତ ବୈଠକରେ ନିର୍ମଳ ରାଉତ, ଆଦିତ୍ୟ ବିଶ୍ୱାଳ, ମଙ୍ଗୁଳି ବେହେରା, ଅମୀୟ ସାହୁ, ଦେବବ୍ରତ ଦାସ, ରଘୁନାଥନାଥ ସାହୁ, ଗଙ୍ଗାଧର ଦାସ, ରଞ୍ଜନ ଦାସ, ଅଶୋକ ସାହୁ, କେଦାର ମହାନ୍ତି, ଶରତ ରାଉତ, ଚନ୍ଦ୍ରକାନ୍ତି ଦାସ, ସୁଶୀଲ ବାରିକ, ରତିକାନ୍ତ ବାରିକ, ସୁକାନ୍ତ ସାହୁ, ପ୍ରକାଶ ସେଠୀ, ଦିଲ୍ଲୀପ ବେହେରା, ଶ୍ରୀରାମ ନାୟକ, ବିକ୍ରମ ଆଚାର୍ଯ୍ୟ ଓ ବିଶ୍ୱ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହ



ଦାଣ୍ଡିସାହି,୭।୧୦(ସମିସ): ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର ଦାଣ୍ଡିସାହି ଅଭିରାମ ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟବାହ ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜକୁମାର ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ପ୍ରିୟବ୍ରତ ପରିଜା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ଜେନା, ଦେବାଶିଷ ଜେନା, ଅଭିଜିତ ମଲିକ, ଦଶରଥ ମଲିକ, ସ୍ମୃତିରଞ୍ଜନ ପରିଡ଼ା ପ୍ରମୁଖ ଭାଗ ନେଇଥିଲେ। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାଧିକ ସ୍ୱୟଂସେବକ ଯୋଗ ଦେଇଥିଲେ। ଆରୋଶିଷ ରାଉତ, ଦିଲ୍ଲୀପ ବିଶ୍ୱାଳ, କିଶୋର ରାଉତ, ଶକ୍ତିରଞ୍ଜନ ବିଶ୍ୱାଳ, ନଳିନୀକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘଣ୍ଟା ଘଣ୍ଟା ଧରି ବଜ୍ରପାତ ଯୋଗୁଁ ଲୋକେ ଭୟଭୀତ

ରାଜକନିକା,୭।୧୦(ସମିସ): ବର୍ଷାଦିନେ ବଜ୍ରପାତ ହେବା ସ୍ୱାଭାବିକ। ତେବେ ରାଜକନିକା ଅଞ୍ଚଳରେ ଦୁଇଦିନ ଧରି ଘଣ୍ଟା ଘଣ୍ଟା ବଜ୍ରପାତ ଲୋକଙ୍କ ମନରେ ଭୟ ସଂଚାର କରିଛି। ସୋମବାର ଭୋର ୪.୨୧ ମିନିଟରୁ ୫ଟା ୪୦ ମିନିଟ ପର୍ଯ୍ୟନ୍ତ ଭୟଙ୍କର ବଜ୍ରପାତ ହୋଇଥିଲା। ଆଜି ଅପରାହ୍ଣରେ ମଧ୍ୟ ଅନୁରୂପ ଭାବେ ବଜ୍ରପାତ ହେବା ଯୋଗୁଁ ଲୋକେ ଭୟଭୀତ ହୋଇପଡ଼ିଥିବା ଜଣାପଡ଼ିଛି।

ଏକତରଫା ପ୍ରେମରେ ନିରାଶ ପ୍ରେମିକର ଆତ୍ମହତ୍ୟା ଉଦ୍ୟମ

## ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି

ରାଜକନିକା, ୭।୧୦(ସମିସ): ଜଣେ ଯୁବତୀଙ୍କୁ ଜଣେ ଯୁବକ ବାରମ୍ବାର ପ୍ରେମ ନିବେଦନ କରିବା, ଶେଷରେ ଯୁବତୀଙ୍କ ବାପା ଯୁବକଙ୍କ ବାପାଙ୍କୁ ଡାକି ଏସବୁ କାଣ୍ଡ ବନ୍ଦ କରିବାକୁ ଜଣାଇବା ପରେ ପ୍ରେମିକ କିଛି ନ ବୁଝି ଯୁବତୀଙ୍କ ପଡୋଶୀ ଘରେ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହେବା ଘଟଣା ରାଜକନିକାରେ ଚର୍ଚ୍ଚା ବିଷୟ ହୋଇଛି। ତେନ୍ତୁଳିକୋଳି ଗ୍ରାମର ପ୍ରଭାକର ନାୟକଙ୍କ ପୁଅ ଚଗୁଲୁ କାଟଣା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ହତାଶ ହେବା ପରେ ଆଜି ସକାଳେ ପ୍ରେମିକାଙ୍କ ପଡୋଶୀ ଘରେ ରସି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ଖବର ସବୁଠି ଚର୍ଚ୍ଚା ହେଉଛି। ଏ ନେଇ ଯୁବତୀଙ୍କ ବାପା ରାଜକନିକା ଥାନାରେ ଏତଲା ଦେଇ ଏହି ଘଟଣାରେ ତାଙ୍କର ଆତ୍ମସମ୍ମାନ ଯାଇଥିବାବେଳେ ଏଭଳି କାଣ୍ଡ ଘଟାଇଥିବା ଯୁବକ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଚଗୁଲୁ ରସି ଦେବା ପରେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ କେନ୍ଦ୍ରାପଡ଼ା ମେଡିକାଲ ପଠାଇ ଦିଆଯାଇଛି।

## ଡେରାବିଶ ମହିଳା କଲେଜର ପ୍ରତିଷ୍ଠା ଦିବସ




ଡେରାବିଶ,୭।୧୦(ସମିସ): ଚାଟରାଚକଡ଼ା ପଞ୍ଚାୟତର ଡେରାବିଶ ମହିଳା ଡିଗ୍ରୀ ମହାବିଦ୍ୟାଳୟର ତ୍ରୟୋଦଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ସ୍ନେହଲତା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଭାପତି ହଳଧର ଦାଶ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଗୋଲଖ ମହାଭୋଇ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଭାକର ସାମଲ, ଶିକ୍ଷାବିତ୍ ପ୍ରମୋଦ ବେହେରା ଯୋଗଦେଇ ମହାବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବିଜୟ ଘଡ଼ାଇ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଶୁଭପ୍ରକାଶ ସାମଲ ଓ କିଶୋର ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ

ରାଜନଗର, ୭।୧୦(ସମିସ): ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଜିଲ୍ଲାସ୍ତରୀୟ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବନାଞ୍ଚଳ ଅଧୀନରେ ଥିବା ଗୁପ୍ତି ବନ ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଆୟୋଜନ କରାଯାଇଥିଲା। ଗବେଷକ ପ୍ରସନ୍ନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିବା ସହିତ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବିରଳ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ପରିବେଶବିତ୍‌ଙ୍କ ସହଯୋଗ ଲୋଡିଥିଲେ। ଜାତୀୟ ଉଦ୍ୟାନର ସୀମା ସରହଦରେ ବସବାସ କରି ଜଙ୍ଗଲ ଉପରେ ନିର୍ଭରଶୀଳ ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଆଗାମୀ ଦିନରେ ବନବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିବା ସଂପର୍କରେ ସୂଚନା ପ୍ରଦାନ କରିଥିଲେ।

ଏହି ଉତ୍ସବରେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଯୋଗଦେଇ ପ୍ରକୃତିର ଗନ୍ତାଘର ଭିତରକନିକା ଜାତୀୟ ଉଦ୍ୟାନର ବିଭବ, ବିରଳ ଅଲିଭରିଡଲେ କଇଁଛ, ବଉଳା କୁମ୍ଭୀରଙ୍କ ଚମତ୍କାର ସହାବସ୍ଥାନ ପାଇଁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି। ଏହା ଆମ ରାଜ୍ୟ ପାଇଁ ପ୍ରକୃତିର ଅନବଦ୍ୟ ଉପହାର। ବନ୍ୟପ୍ରାଣୀଙ୍କ ଜୀବନ ବିପନ୍ନ ହେଲେ ମଣିଷ ସମାଜ ପ୍ରତି ବିପଦ ଘନେଇ ଆସିବ, ଏଥିପାଇଁ ଆମକୁ ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏସିଏଫ ମାନସ ଦାସ, ଗଗନ କୁମାର ମଲ୍ଲିକ ଯୋଗଦେଇ ବନବିଭାଗ ପକ୍ଷରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସରକ୍ଷଣ ଉପରେ କହିଥିଲେ। ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଘାଗରା ଗ୍ରାମର ଗବେଷକ ସତ୍ୟନାରାୟଣ ପରିଡାଙ୍କୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇକୋ ଡେଭେଲପମେଣ୍ଟ କମିଟି ସଦସ୍ୟ ଖଗେଶ୍ୱର ଲେଙ୍କା, ଗିରିଶ ନାୟକ ଓ ମିଶନ ଶକ୍ତିର ମହିଳା ଯୋଗ ଦେଇଥିଲେ। ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଭୂତି ତରାଇ, ବିଜୟ ପାତ୍ର, ରଞ୍ଜନ ପାଣି, ମହନ୍ତ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌କେଦେବ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ଆଳି, ୭।୧୦(ସମିସ): ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ୨୦୦୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଯୁବ ସାମ୍ବାଦିକ ଦୀପକ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ମିଶ୍ର, ବରିଷ୍ଠ ଶିକ୍ଷକ ବିଶ୍ୱମ୍ବର ପାଣି, ନୃସିଂହ ନନ୍ଦୀ, ନିରଞ୍ଜନ ବେହେରା, ବନମାଳୀ ସେନାପତି, ବିଜୟ ବୋଇତି, ଧୀରେଜ ବେହେରା, ଶରତ ସାହୁ, ଶିବପ୍ରସାଦ ସାହୁ, ପ୍ରତାପ ବେହେରା, ଦଶରଥ ମଲିକ ଓ କିରାଣି ଧ୍ରୁବ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକଙ୍କ ଗୋଡ଼ ଧୋଇ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀ ବିଏସ ଉତ୍କଳଲକ୍ଷ୍ମୀ ପାଣି, ବିସ୍ମୟ ପଢ଼ିଆରୀ, ନମିତା ସେନାପତି, କିଶୋର ପଣ୍ଡା, ଗୌତମ ରାୟ, ଆକାଶ ମହାନ୍ତି, ଅନୀଲ ରାଉତ, ପୁଷ୍ପଲତା ସିଂ, ଦମୟନ୍ତୀ ସେନାପତି, ଶ୍ରଦ୍ଧାଞ୍ଜଳି ବାରିକ, ଲୋପାମୁଦ୍ରା ମହାନ୍ତି ଓ ସୁନିତା ଲାହା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ




କେନ୍ଦ୍ରାପଡ଼ା,୭।୧୦(ସମିସ): ପ୍ରତିବର୍ଷ ଅକ୍ଟୋବର ୬ ତାରିଖକୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ଶିଶୁର ଜନ୍ମ ଓ ଜନ୍ମ ପରବର୍ତ୍ତୀ ସମୟରେ କୌଣସି କାରଣବଶତଃ ସ୍ୱାଭାବିକ ବିକାଶ ବାଧକ ହେତୁ ମସ୍ତିଷ୍କ ପକ୍ଷାଘାତ ସ୍ଥିତି ସୃଷ୍ଟି ହୋଇଥାଏ। ଏହାର ଗୁରୁତରତାକୁ ଜନସାଧାରଣରେ ସୂଚାଇବା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ସଚେତନତା ସଭା ଆୟୋଜିତ ହୋଇଯାଇଛି। ମାଧପୁରସ୍ଥ ପୁନର୍ବାସ ଥେରାପି କେନ୍ଦ୍ରରେ ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କ ଅଭିଭାବକ ଉପସ୍ଥିତ ରହି ସେମାନଙ୍କ ଅଭିଜ୍ଞତା ବ୍ୟକ୍ତ କରିଥିଲେ। ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ ଓ ଅର୍ଥ ଅଧିକାରୀ ଆଶୁତୋଷ ତ୍ରିପାଠୀ ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ପ୍ରତି ସାମାଜିକ ଉତ୍ତରଦାୟିତ୍ୱ ଓ ପାରିବାରିକ ସ୍ନେହକୁ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଏହି ସଚେତନତା ଦିବସର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟକୁ ଅକ୍ୟୁପେସନାଲ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା ଓ ଫିଜିଓଥେରାପିଷ୍ଟ ସାଇଶ୍ରୀତା ମେକାପ ସଂକ୍ଷେପରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପରିଚାଳନା କରିଥିଲେ। ସହସମ୍ପାଦକ ବଂଶୀଧର ମହାନ୍ତି, କୋଷାଧ୍ୟକ୍ଷ ଶିବଚରଣ ସାମଲ, ଫିଜିଓଥେରାପିଷ୍ଟ ସୁନୀଲ ଗୋଛାୟତ, ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଶିବାନୀ ଶୁଭଲକ୍ଷ୍ମୀ ଭୋଳ, ସୁପରଭାଇଜର ସଞ୍ଜୀବ ଜେନା, କେଦାର ବାରିକ, ରଞ୍ଜନ ସ୍ୱାଇଁ, ଡିଟି ଗୌତମ ବେହେରା, ଗାୟତ୍ରୀ ପ୍ରିୟଦର୍ଶିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# କଟକ-ଚାନ୍ଦବାଲି ରାଜରାସ୍ତାରେ ବଢୁଛି ବେଆଇନ ପାର୍କିଂ

ଡେରାବିଶ, ୭।୧୦(ସମିସ):



କଟକ-ଚାନ୍ଦବାଲି ରାସ୍ତା ଦୁଇକଡ଼ରେ ବେଆଇନ ଭାବେ ବଡ଼ ବଡ଼ ଭାରୀଯାନ ଦୀର୍ଘଦିନ ଧରି ପାର୍କିଂ କରି ରହିବା ଯୋଗୁଁ ଅଞ୍ଚଳବାସୀ ଏବେ ଯାତାୟାତରେ ସମସ୍ୟା ଭୋଗ କରୁଛନ୍ତି। କେନ୍ଦ୍ରାପଡ଼ାର ଆରମ୍ଭ ସ୍ଥଳ ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଅନାମଦାସ ଛକଠାରୁ ବାଲିଆ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଟ୍ରକ ବେଆଇନ ଭାବେ ଦୀର୍ଘଦିନ ଧରି ପାର୍କିଂ କରି ରହୁଥିବା ଦେଖିବାକୁ ମିଳିଛି। ଏହି ରାଜ୍ୟ ରାଜପଥରେ ଦୈନିକ ବହୁ ସଂଖ୍ୟକ ବସ୍, ମାଲବାହୀ ଟ୍ରକ ଓ ହାଲୁକା ଯାତ୍ରୀବାହୀ ଓ ମାଲବାହୀ ଯାନ ସମେତ ବହୁ ସଂଖ୍ୟକ ବାଇକ୍ ଯାତାୟାତ କରୁଛି। ଏଥିସହିତ ଦୈନିକ ଶତାଧିକ ଆମ୍ବୁଲାନ୍ସ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଚିକିତ୍ସାଳୟରୁ ରୋଗୀ ନେଇ କଟକ ଓ ଭୁବନେଶ୍ୱରର ବିଭିନ୍ନ ସରକାରୀ ଓ ବେସରକାରୀ ଚିକିତ୍ସାଳୟକୁ ଯାଉଛନ୍ତି। ଏଥିସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛାତ୍ରଛାତ୍ରୀ ସାଇକେଲ ଯୋଗେ ଏହି ରାସ୍ତା ଦେଇ ଯାଉଛନ୍ତି। ଏହି ବେଆଇନ ପାର୍କିଂ ଫଳରେ ରାଜ୍ୟ ରାଜପଥ ସଂକୀର୍ଣ୍ଣ ହୋଇପଡ଼ିବାରୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଚାନ୍ଦୋଳ ବଜାରରେ ହେଉଥିବା ମା'ଙ୍କ ପୂଜା ଦେଖିବାକୁ ବହୁ ଜନସମାଗମ ହେବ। ଏହି ବେଆଇନ ପାର୍କିଂ ପୂଜାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହିତ ଦୁର୍ଘଟଣାର କାରଣ ହେବ। ତୁରନ୍ତ ଜିଲ୍ଲା ପ୍ରଶାସନ ବେଆଇନ ପାର୍କିଂ ହଟାଇବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ହବିଷ୍ୟାଳି ଯୋଜନା: ଅନୁଦାନ ବଢ଼ିଲା; ବ୍ରତଧାରୀଙ୍କ ସଂଖ୍ୟା ବଢ଼ିଲାନି

ପୁରୀ, ୭।୧୦ (ସମିସ): ଆରମ୍ଭ ହୋଇଛି ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି ହବିଷ କରିବାକୁ ଆସିଛନ୍ତି ହଜାରହଜାର ବ୍ରତଧାରୀ। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ମଧ୍ୟ ମା'ମାନଙ୍କୁ ରଖାଯାଇଛି। କିନ୍ତୁ ଉଦ୍‌ବେଗର ବିଷୟ ହେଲା, ଗତବର୍ଷ ଅପେକ୍ଷା ଏବର୍ଷ ହବିଷ୍ୟାଳି ଯୋଜନାର ଅନୁଦାନ ବଢ଼ିଥିବା ବେଳେ ହବିଷ୍ୟାଳିଙ୍କ ସଂଖ୍ୟା କମିଛି। ଗତବର୍ଷ ଅପେକ୍ଷା ଏଥର କମ୍ ବ୍ରତଧାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି। ଅନେକ ହବିଷ୍ୟାଳି ହବିଷ ବ୍ରତ କରିବାକୁ ବିନା ପଞ୍ଜୀକରଣରେ ପୁରୀ ଆସିଥିବା ବେଳେ ସେମାନଙ୍କୁ ପୁଣି ମନ ଦୁଃଖରେ ଘରକୁ ଫେରିଯିବାକୁ ପଡ଼ିଛି।

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥା'ନ୍ତି। ପରିଣତ ବୟସରେ ହବିଷ

## ବିଭାଗୀୟ ମନ୍ତ୍ରୀ ଜାଣିନାହାନ୍ତି କେତୋଟି କେନ୍ଦ୍ର ହୋଇଛି

କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ସମ୍ପର୍କୀୟଙ୍କ ଘରେ ରହିଥା'ନ୍ତି। ଅନେକ ହବିଷ୍ୟାଳି ଆସନ୍ତି, ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ରରେ ରହି ହବିଷ କରିଥା'ନ୍ତି। ଏମିତି ବି ଅନେକ ବ୍ରତଧାରୀ ରହିଥା'ନ୍ତି ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପି ଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ବିଜେଡି ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ, ସେଥିଲାଗି ୨୦୧୬ରେ ତତ୍କାଳୀନ ନବୀନ ସରକାର ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା। ପ୍ରତିବର୍ଷ ଏହି ଯୋଜନାର ଚାହିଦା ବଢ଼ୁଥିବା ବେଳେ ସମାନ ଭାବେ ବ୍ରତଧାରୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଥିଲା। ୨୦୨୩ରେ ପ୍ରାୟ ୩,୨୦୦ ବ୍ରତଧାରୀ ଏହି ଯୋଜନାରେ ସାମିଲ ହୋଇଥିଲା ବେଳେ ଦୁଇବର୍ଷ ଧରି ଏହି ସଂଖ୍ୟା ହ୍ରାସ ପାଇଛି।

ଗତବର୍ଷ ନୂଆ ସରକାର ହବିଷ୍ୟାଳିଙ୍କ ସଂଖ୍ୟା ୨,୫୦୦ରେ ସୀମିତ ରହିବ ବୋଲି ଘୋଷଣା କରିଥିଲେ। ମାତ୍ର ବିନା ପଞ୍ଜୀକରଣରେ ୪୦୦ରୁ ଉର୍ଦ୍ଧ୍ୱ ବ୍ରତଧାରୀ ପହଞ୍ଚିବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦୁଇଦିନ ଧରି ହୋ-ହଲ୍ଲା, ବଡ଼ଦାଣ୍ଡରେ ଧାରଣା ପରେ ପ୍ରାୟ ୨,୭୦୦ ଜଣଙ୍କୁ ଯୋଜନାରେ ରଖାଯାଇଥିଲା। ଗତବର୍ଷ ଏଥିପାଇଁ ରାଜ୍ୟ ସରକାର ୨ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏ ବର୍ଷ ଅନୁଦାନ ବଢ଼ିଛି। ଅର୍ଥାତ୍ ଚଳିତ ବର୍ଷ ୭୦ ଲକ୍ଷ ଟଙ୍କା ବୃଦ୍ଧି କରାଯାଇ ୩ କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି ସରକାର। ହେଲେ ବ୍ରତଧାରୀଙ୍କ ସଂଖ୍ୟା ସେହି ୨,୫୦୦ରେ ସୀମିତ ରଖାଯାଇଛି। ସୋମବାର ବିନା ପଞ୍ଜୀକରଣରେ ପ୍ରାୟ ୨୦୦ରୁ ଅଧିକ ବ୍ରତଧାରୀ ଆସିଥିବା ବେଳେ ସେମାନଙ୍କୁ ବୁଝାସୁଝା କରି ଘରକୁ ଫେରିଯିବାକୁ କୁହାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ମନଦୁଃଖରେ ଫେରିଥିଲେ। ଯଦିଓ ପ୍ରଶାସନ କେତେଜଣଙ୍କୁ ସୁଯୋଗ ଦେଇଛି କିନ୍ତୁ ସଂଖ୍ୟା ୨,୬୦୦ ଭିତରେ ସୀମିତ ଥିବା ସୂଚନା ମିଳିଛି।

ଏଠାରେ ପ୍ରଶ୍ନ ଉଠୁଛି, ଏହି ଯୋଜନା ପ୍ରତି ଚାହିଦା ବଢ଼ୁଥିବା ବେଳେ ନୂଆ ସରକାର ବ୍ରତଧାରୀଙ୍କ ସଂଖ୍ୟାରେ କାହିଁକି ବ୍ରେକ୍ ଲଗାଇ ମା'ମାନଙ୍କ ମନରେ କଷ୍ଟ ଦେଉଛନ୍ତି?

ଅନ୍ୟପକ୍ଷରେ, ମଙ୍ଗଳବାର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ଅବସରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମା'ମାନଙ୍କ ପାଇଁ କେତୋଟି କେନ୍ଦ୍ର ହୋଇଛି, ତାହା ଜାଣିନାହାନ୍ତି। ଚଳିତବର୍ଷ ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଥିବାବେଳେ ମନ୍ତ୍ରୀ ୫ଟି କେନ୍ଦ୍ର କରାଯାଇଥିବା କହିଥିଲେ। ନିଜ ବିଭାଗରୁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ମନ୍ତ୍ରୀଙ୍କ ପାଖରେ କେନ୍ଦ୍ରର ସଠିକ୍ ସୂଚନା ନ ରହିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ଆରମ୍ଭ ହେଲା କାର୍ତ୍ତିକ ବ୍ରତ



■ ମହାପ୍ରଭୁଙ୍କ ଦର୍ଶନ କଲେ ହବିଷ୍ୟାଳି
■ ଚଉରାମୂଳେ ରାଇଦାମୋଦର ପୂଜା

ପୁରୀ, ୭।୧୦(ସମିସ): ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ବ୍ରତ। ଏହି ପୁଣ୍ୟ ମାସରେ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପୁରୀରେ ରହି କାର୍ତ୍ତିକ ବ୍ରତ ପାଳିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ରତଧାରୀ ପହଞ୍ଚିଛନ୍ତି। ପ୍ରତ୍ୟୁଷରୁ ହବିଷ୍ୟାଳିମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସଂକଳ୍ପ କରି ବ୍ରତ ଆରମ୍ଭ କରିବା ସହ ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କ ପୂଜା କରିଛନ୍ତି। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨,୫୦୦ ହବିଷ୍ୟାଳି ରହଣୀ କେନ୍ଦ୍ରରେ ଅବସ୍ଥାନ କରିଛନ୍ତି। ଏହାବ୍ୟତୀତ ବ୍ୟକ୍ତିଗତ ଭାବେ ଏଥର ଅନେକ ହବିଷ୍ୟାଳି ପୁରୀର ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଆଦିରେ ରହି କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି।

## ରେଳଧାରଣାରେ ମହିଳାଙ୍କୁ ଦୁଷ୍କର୍ମ

ରାଉରକେଲା, ୭।୧୦(ସମିସ): ରାଉରକେଲା ସହରର ରଘୁନାଥପାଲ୍ଲୀ ଥାନା ରେଳ ଧାରଣା ଉପରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ରଘୁନାଥପାଲୀ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି, ପାନପୋଷ କୋଏଲ ବ୍ୟାଙ୍କ ଅଞ୍ଚଳର କାହ୍ନୁଚରଣ ଜେନା(୩୨)। ସୋମବାର ରାତିରେ ପାନପୋଷସ୍ଥିତ ଖରିଆବାହାଲ ନିକଟ ରେଳଲାଇନ୍ ଦେଇ ନିଜ ଘରକୁ ଫେରୁଥିବା ବେଳେ କାହ୍ନୁ ଦୁଷ୍କର୍ମ କରିଥିଲା। ପୁଲିସ ଏହି ମାମଲାରେ ସହଯୋଗ କରିଥିବା ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ବୋଲି ଜଣାପଡ଼ିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ କାହ୍ନୁଚରଣ କୋଏଲ ବ୍ୟାଙ୍କ ବସ୍ତିରେ ରହୁଥିବା ବେଳେ ସେ ପାଣିପାଇପ୍ ମିସ୍ତ୍ରୀ ଭାବେ କାମ କରେ।

## ଚାଲୁଚାଲୁ ଜଳିଗଲା ବାଇକ୍

ଢେଙ୍କାନାଳ, ୭।୧୦(ସମିସ): ଢେଙ୍କାନାଳ ସହରସ୍ଥିତ ଚନ୍ଦନ ବଜାରରେ ହଠାତ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚନ୍ଦନ ବଜାର ଦେଇ ଜଣେ ବାଇକ୍ ଆରୋହୀ ନିଜ ଗାଡ଼ି ଚଳାଇ ଯାଉଥିବା ସମୟରେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଲୋକମାନେ ପାଟି କରିବାରୁ ସୌଭାଗ୍ୟବଶତଃ ଆରୋହୀଜଣକ ବାଇକ୍‌ଟିକୁ ରାସ୍ତାକଡ଼ରେ ଅଟକାଇ ଓହ୍ଲାଇ ପଡ଼ିଥିଲେ। ରାସ୍ତା ଉପରେ



### ଅଳ୍ପକେ ବର୍ତ୍ତିଲେ ଚାଳକ

ହୁତୁହୁତୁ ହୋଇ ବାଇକ୍‌ଟି ଜଳୁଥିବା ବେଳେ ଦୁଇ ପାର୍ଶ୍ୱରେ ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ପୁରୀ ସାଂସଦ: ଆପ୍



ପୁରୀ, ୭।୧୦(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ରସାତଳଗାମୀ। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅପରାଧ ମାତ୍ରା ବଢ଼ିବାରେ ଲାଗିଛି। କେଉଁଠି ହତ୍ୟା ତ ପୁଣି କେଉଁଠି ରାହାଜାନି, ଡକାୟତି ଭଳି ଘଟଣା ଘଟୁଛି। ଏକଦା ଶାନ୍ତିପ୍ରିୟ ରାଜ୍ୟ ଭାବେ ସୁନାମ ଆଣିଥିବା ଓଡ଼ିଶା ଆଜି ଅପରାଧ କ୍ଷେତ୍ରରେ ଜାତୀୟସ୍ତରରେ ବଦ୍‌ନାମ ହେଲାଣି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଗୁଣ୍ଡା ପୋଷୁଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ମଙ୍ଗଳବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ପୁରୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପବିତ୍ର ସହରରେ ଅପରାଧ ବଢୁଛି। ଜିଲ୍ଲାରେ ପୁଲିସର ଅଭାବ ଥାଇ ମଧ୍ୟ ବିଭାଗ ନିଜର ସାମର୍ଥ୍ୟ ବଢ଼େଇ ପାରୁନାହିଁ। ସମସ୍ତ ଜିଲ୍ଲାରେ ହୋମ୍‌ଗାର୍ଡ ପରୀକ୍ଷା ସରିଥିବାବେଳେ ପୁରୀରେ ଘୁଞ୍ଚିଘୁଞ୍ଚି ଚାଲିଛି। ତେବେ ଏଭଳି ସ୍ଥିତିରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଅପରାଧୀଙ୍କ ସହ ଫଟୋ ଉଠାଇ ନିଜର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ବାଲିମାଫିଆ ଭାବେ ବେଶ୍ ଜଣାଶୁଣା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ହତ୍ୟା, ଗୁଣ୍ଡାରାଜ୍ ଭଳି ସଙ୍ଗିନ ଅଭିଯୋଗ ରହିଛି। ପୂର୍ବରୁ ପୁଲିସ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ସହ ସାଂସଦ ନିଜେ ଫଟୋ ଉଠାଇ ନିଜର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାର ମାନେ କ'ଣ ଓ ସାଂସଦ ଅପରାଧୀଙ୍କ ସହ ଭାବ ରଖିବା କି ବାର୍ତ୍ତା ଦେଉଛି ବୋଲି ପ୍ରଶ୍ନ କରିଛନ୍ତି। ସାଂସଦ ଏହା ଉପରେ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି କହିଛନ୍ତି ସଞ୍ଜୀବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ପୁରୀ ସଦର ନିର୍ବାଚନମଣ୍ଡଳୀର ମହିଳା ସମ୍ପାଦିକା ସନ୍ଧ୍ୟା କୁମାରୀ ଦାଶ ଓ ଉପସଭାପତି ସମିନା ନାୟକ ଉପସ୍ଥିତ ଥିଲେ।

## ରାଉରକେଲାରୁ ବୃହତ୍ ଠକ ଗିରଫ

■ ହୋଟେଲ, ଶୋ'ରୁମ୍, ରେଲୱେକୁ ମାରୁଥିଲା ଚୂନ
■ ନକଲି ସ୍କ୍ରିନ୍‌ସଟ୍ ଦେଖାଇ ଠକୁଥିଲା ଲକ୍ଷଲକ୍ଷ ଟଙ୍କା
■ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ କହି ଠକୁଥିଲା

ରାଉରକେଲା, ୭।୧୦ (ସମିସ): ସୁଟ୍‌ବୁଟ୍ ସାଙ୍ଗକୁ ବଡ଼ଲୋକୀ ଠାଣି। ମୁହଁ ଖୋଲିଲେ ବାହାରୁଥିଲା ଅନର୍ଗଳ ଇଂରାଜୀ। ଖାଲି ସେତିକି ନୁହେଁ, ପଞ୍ଚତାରକା ହୋଟେଲରେ ରହଣି, ବଡ଼ବଡ଼ ସପିଙ୍ଗ୍ ମଲ୍‌ରୁ ବ୍ରାଣ୍ଡେଡ୍ ସାମଗ୍ରୀ କିଣାକିଣି ସାଙ୍ଗକୁ ଆହୁରି କେତେ କ'ଣ ମଉଜ ମଜଲିସ୍। ହେଲେ ଏସବୁ କେବଳ ଲୋକଙ୍କୁ ଠକି, ଭୁଆଁ ବୁଲାଇ। ଏପରି ଜଣେ ଧୂର୍ତ୍ତକୁ ଆଜି ରାଉରକେଲା ଉଦିତନଗର ଥାନା ପୁଲିସ ଗିରଫ କରିଛି। ସେ ହେଲା, ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ ଆରିଲୋଭା ଥାନା ପୁରୁଣା ଡାଏରୀ ଫାର୍ମ ଅଞ୍ଚଳର ବରୋଦା ସୁଧୀର (୨୫)। ବରୋଦାର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨, କିନ୍ତୁ ଠକେଇରେ ସେ ପିଏଚ୍‌ଡି କରିଛି। ନିଜକୁ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ ପରିଚୟ ଦେଇ ସେ ରାଜ୍ୟରୁ ରାଜ୍ୟ ଘୂରି ବୁଲିବା ସହ ସପିଂ ମଲ୍, ହୋଟେଲ ଓ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନକୁ ଚୂନ ମାରୁଥିଲା। ନକଲି ୟୁପିଆଇ ପେମେଣ୍ଟର ସ୍କ୍ରିନ୍-ସଟ୍ ଦେଖାଇ ବଡ଼ ଆରାମରେ ଠକୁଥିଲା। ତା' ନିକଟରୁ ପୁଲିସ ଡେବିଟ୍ କାର୍ଡ, ମୋବାଇଲ ଫୋନ୍, ନଗଦ ୭୦୦ଟଙ୍କା, ନକଲି ୟୁନିଫର୍ମ, ପୁଲିସ ଜୋତା, ବେଲ୍ଟ, ବ୍ରାଣ୍ଡେଡ୍ ପୋଷାକ, କୋଟ୍, ଚଷମା ଏବଂ ଅନ୍ୟ ବହୁ ସାମଗ୍ରୀ ପୁଲିସ ଜବତ କରିଛି।

ସୂଚନା ମୁତାବକ, ବରୋଦା ନିଜକୁ ବାଲୋଭାଡ଼ା ସାଇଶିବା ବୋଲି ପରିଚୟ ଦେଇ ସ୍ଥାନୀୟ ଛେଣ୍ଡସ୍ଥିତ ମେ' ଫେୟାର୍ ଭିଲେଜ ହୋଟେଲରେ ଗତକାଲିଠାରୁ ଆସି ରହିଥିଲା। ନିଜକୁ ରାଷ୍ଟ୍ରପତିଙ୍କ ଜଣେ ଏନ୍‌ଏସ୍‌ଜି କମାଣ୍ଡୋ ଅଧିକାରୀ ବୋଲି ହୋଟେଲରେ ପରିଚୟ ଦେଇଥିଲା। ଚେକ୍-ଇନ୍ ବେଳେ ୟୁପିଆଇ ଦ୍ୱାରା ୯୩୪୪ଟଙ୍କା ମଧ୍ୟ ପେମେଣ୍ଟ କରିଥିଲା। ତା'ର ଅନର୍ଗଳ ଇଂରାଜୀରୁ ସେ ଜଣେ ବୃହତ୍ ଠକ ବୋଲି ହୋଟେଲ କର୍ମଚାରୀଙ୍କ ଟିକିଏ ବି ସନ୍ଦେହ ହୋଇନଥିଲା। ପରେ ସେ ଜୟସ୍ୱାଲ ଟ୍ରାଭେଲସ୍‌ରୁ ଏକ ଟ୍ୟାକ୍ସି ବୁକ୍ କରି ସହରରେ ବୁଲିବା ସହ ଏକ ସ୍ପା'କୁ ଯାଇ ସେଠାରେ ଚୁଳ କାଟି ୟୁପିଆଇ ଦ୍ୱାରା ୩ହଜାର ଟଙ୍କା ପେମେଣ୍ଟ କରିଥିଲା। ସେହିପରି, ରାଉରକେଲା ମେନ୍ ମାର୍କେଟ୍‌ର ଏକ ଶୋ'ରୁମ୍‌ରୁ ଏକ ସୁଟ୍ କ୍ରୟ କରି ୟୁପିଆଇ ପେମେଣ୍ଟ କରିଥିଲା। ଏହାସହ ଅନ୍ୟ ଏକ ମଲ୍‌କୁ ଯାଇ ସେଠାରେ କିଛି ସାମଗ୍ରୀ କ୍ରୟ କରିଥିଲା। ତେବେ ସେ ୟୁପିଆଇ ପେମେଣ୍ଟ କରି ପେମେଣ୍ଟ 'ସକ୍‌ସେସଫୁଲ' ହୋଇଥିବା ସ୍କ୍ରିନ୍‌ସଟ୍ ଦେଖାଇଥିଲେ ମଧ୍ୟ ତାହା ଫେକ୍ ମେସେଜ୍ ଥିଲା ବୋଲି ପରେ ତଦନ୍ତରୁ ଜଣାପଡ଼ିଥିଲା।



ଏହା ପୂର୍ବରୁ ସେ ରାୟପୁର ଏବଂ ରାଞ୍ଚିରେ ତାରକା ହୋଟେଲରେ ରହି ଅନୁରୂପ ଭାବେ ୟୁପିଆଇ ଠକେଇ କରିବା ପରେ ଗତକାଲି ରାଉରକେଲା ଆସିଥିଲା। ସେଠାରେ ସେ ୟୁପିଆଇ ପେମେଣ୍ଟରେ ଫେକ୍ ମେସେଜ ଦେଖାଇ ହଜାର ହଜାର ଟଙ୍କା ଠକିଥିବା ନେବା ଜଣାପଡ଼ିବା ପରେ ରାୟପୁର ଓ ରାଞ୍ଚି ପୁଲିସ ତାକୁ ଟ୍ରାକିଂ କରିବା ସହ ଏ ସମ୍ପର୍କରେ ରାଉରକେଲା ପୁଲିସକୁ ସୂଚନା ଦେଇଥିଲା। ଯାହାକୁ ଆଧାର କରି ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଉଦିତନଗର ପୁଲିସ ଏହି ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏ ସଂପର୍କରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ରେ ନାଥ ଷଣ୍ଢ କହିଛନ୍ତି ଯେ ମେ' ଫେୟାର୍ ଭିଲେଜ ହୋଟେଲର ଅଫିସ ସୁପରଭାଇଜର କୌଶିକ ଚକ୍ରବର୍ତ୍ତୀଙ୍କ ରିପୋର୍ଟ ମୁତାବକ ଗିରଫ ବି. ସୁଧୀର ଜଣେ ପେସାଦାର ଠକ। ସେ ନିଜକୁ ଜଣେ ଏନ୍‌ଏସଜି କମାଣ୍ଡୋ ପରିଚୟ ଦେଇ ତାଙ୍କ ହୋଟେଲରେ ଗତକାଲି ଚେକ୍-ଇନ୍ କରିଥିଲା। ତେବେ ସେ ରହିବାର ପ୍ରାୟ ୧ ଘଣ୍ଟା ପରେ ଜାମସେଦପୁରର ତାଜ୍ ଭିଭାନ୍ତା ହୋଟେଲର ମ୍ୟାନେଜର ଭୂପେନ୍ଦ୍ର ରାଠୋର ତା'ର କାରନାମା ସଂପର୍କରେ ମେ' ଫେୟାର୍ ହୋଟେଲ ଭିଲେଜର ଅଫିସ୍ ସୁପରଭାଇଜର୍ କୌଶିକ ଚକ୍ରବର୍ତ୍ତୀଙ୍କୁ ଫୋନ୍ କରି ଜଣାଇଥିଲେ। ବରୋଦା ଜଣେ ଠକ ଓ ସେ ପୂର୍ବରୁ ତାଙ୍କ ହୋଟେଲରେ ରହି ବିଲ ପୈଠ ନ କରି ଫେକ୍ ଟ୍ରାଞ୍ଜାକ୍ସନ ରିପୋର୍ଟ ଦେଖାଇ ଫେରାର ହୋଇଯାଇଥିଲା। ପରେ ଏ ସଂପର୍କରେ ଶ୍ରୀ ଚକ୍ରବର୍ତ୍ତୀ ଉଦିତନଗର ପୁଲିସକୁ ଖବର ଦେଇଥିଲେ।

ତଦନ୍ତରୁ ଜଣାଯାଇଛି ଯେ ବରୋଦା ଟ୍ରେନ୍‌ର ପ୍ରଥମ ଶ୍ରେଣୀରେ ଯାତ୍ରା କରିବା ସହ ବିଭିନ୍ନ ବିଳାସପୂର୍ଣ୍ଣ ହୋଟେଲରେ ରହୁଥିଲା। ହୋଟେଲ ପେମେଣ୍ଟଠାରୁ ଆରମ୍ଭ କରି ଟ୍ରେନ ଟିକେଟ, ବ୍ରାଣ୍ଡେଡ ସାମଗ୍ରୀ କ୍ରୟ ଆଦି ସବୁ କ୍ଷେତ୍ରରେ ସେ ୟୁପିଆଇ ପେମେଣ୍ଟରେ କାରସାଦି କରି ଠକୁଥିବା ଅଭିଯୋଗ ହୋଇଛି। ରାୟପୁର ଓ ରାଞ୍ଚି ପୁଲିସର ସୂଚନା ଆଧାରରେ ତାକୁ ଗିରଫ କରାଯାଇଥିବା ଡିଏସ୍‌ପି କହିଛନ୍ତି। ରାଉରକେଲା ପୁଲିସ୍ ଏବେ ପଚରାଉଚରା କରିବା ସହ ତା'ର ନେଟୱର୍କ ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ଠକେଇ ସମ୍ପର୍କରେ ତଦନ୍ତ କରୁଛି।

## ବିଜେପି ସରକାରରେ ନିଜ ଦଳର ଲୋକେ ବି ଅସୁରକ୍ଷିତ: କଂଗ୍ରେସ

ଭୁବନେଶ୍ୱର, ୭।୧୦(ସମିସ): ଗତ କିଛିଦିନ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ଏପରି ଶାସନ ବ୍ୟବସ୍ଥାକୁ କେହି ଡରୁନାହାନ୍ତି। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କର ଘର ସମ୍ମୁଖରେ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି। ଆଜି ରାଜ୍ୟର ଏପରି ଅବସ୍ଥା କୌଣସି ଜାଗାରେ କିଛି ବି ଅଘଟଣ ଘଟିଯାଇପାରେ ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର ଦେବାଶିଷ ପଟ୍ଟନାୟକ।

ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ନିଜ ବରିଷ୍ଠ ନେତାଙ୍କୁ ସୁରକ୍ଷା ଦେଇପାରୁନି। ଏଥିରେ ସାଧାରଣ ଲୋକଙ୍କ ସୁରକ୍ଷା କେମିତି ସୁନିଶ୍ଚିତ ହେବ। ଏଠି ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ କରିବାକୁ ଦିଆ ଯାଉନାହିଁ ଓ ମୁଖ୍ୟମନ୍ତ୍ରୀ ପଦରେ ରହି ଯଦି ନ୍ୟାୟ ଦେବାରେ ଅସମର୍ଥ ତେବେ ମୁଖ୍ୟମନ୍ତ୍ରୀ ସମ୍ମାନର ସହ ଇସ୍ତଫା ଦେଇଦେବା ଦରକାର । ଯଦି ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ନଦିଅନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ନକରନ୍ତି ତେବେ ସାଧାରଣ ଲୋକଙ୍କ ସହ କଂଗ୍ରେସ ରାଜ ରାସ୍ତାରେ ଲଢେଇ କରିବ। ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ବିଭାଗ ରଖିଥିବା ବେଳେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ହୋଇଛି ତାଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ରାଜୀବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଗତକାଲି ବ୍ରହ୍ମପୁରର ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ, ଯିଏ ସର୍ବୋଚ୍ଚ ଭୋଟରେ ରାଜ୍ୟ ବାର୍ କାଉନସିଲକୁ ନିର୍ବାଚିତ ହେଇଥିଲେ ତାଙ୍କୁ ଗୁଳିକରି ହତ୍ୟା



### କେନ୍ଦ୍ର କାମ କରିବାକୁ ଦେଉ ନ ଥିଲେ ମୁଖ୍ୟମନ୍ତ୍ରୀ ଓହରିଯାଆନ୍ତୁ

କରିବା , ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଏବିଭିପି ନେତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡା ବଳଙ୍ଗା ଛାତ୍ରୀଙ୍କୁ ଜାଳି ମାରିଦେବା ହେଉ ଅବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମୁଖରେ ପ୍ରକାଶ ରଣବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାମାନରୁ ବିଜେପି ସରକାରର ଅପାରଗତା ଜଣାପଡୁଛି ବୋଲି ସେ କହିଛନ୍ତି।

ହଜାର ବର୍ଷର ଭାଇଚାରାର ସହର କଟକରେ ଯେଉଁଭଳି ଦଙ୍ଗା ହେଲା ଓ କର୍ଫ୍ୟୁ ହେଲା ତାହା ସରକାର ଓ ପୁଲିସର ନିଷ୍କ୍ରିୟତାକୁ ପଦାରେ ପକାଉଛି। ଭୁଲ୍ କାହାର ତାକୁ ଦଣ୍ଡ ମିଳିବା ଦରକାର କିନ୍ତୁ ଏଠି ଏତେବଡ଼ ଦଙ୍ଗା ହେଇଯାଉଛି, ହଜାର ହଜାର ଲୋକ ରାସ୍ତାକୁ ଆସୁଛନ୍ତି ଏଥିପାଇଁ ସରକାର ଓ ପୋଲିସ ଗୁଇନ୍ଦା ବିଭାଗର ଦାୟୀ। କଂଗ୍ରେସ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିପିଙ୍କ ଇସ୍ତଫା ଦାବି କରିଛି।

## ପଞ୍ଚାୟତ ଅଫିସ୍‌ରେ କୁଟୁରା ମାଂସ ଭୋଜି



■ ରନ୍ଧା ମାଂସ ଜବତ; ଜଣେ ଗିରଫ
■ ନାଏବ ସରପଞ୍ଚ ଫେରାର୍

ଆଠଗଡ଼, ୭।୧୦(ସମିସ): ମହାକାଳବସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରି ଆଠଗଡ଼ ବନ ବିଭାଗ କୁଟୁରା ମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ବେଆଇନ ଭାବେ କୁଟୁରା ଶିକାର କରାଯାଇ ତାହାର ମାଂସକୁ ରନ୍ଧାଯାଉଥିଲା। ତେବେ ଏହି ଘଟଣାରେ ସଂପୃକ୍ତ ଥିବା ନାଏବ ସରପଞ୍ଚ ଅଶୋକ କୁମାର ରାଉଳ ଓ ଅରକ୍ଷିତ ବେହେରା ଫେରାର୍ ହୋଇଯାଇଥିବା ଆଠଗଡ଼ ରେଞ୍ଜର ସୁଷମା ସାହୁ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ମହାକାଳବସ୍ତ ଗ୍ରାମର କୃପାସିନ୍ଧୁ ରାଉତ ଓ ଅନ୍ୟ କେତେକ ସହଯୋଗୀ କୁଟୁରା ଶିକାର କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଭୋଜି କରୁଥିଲେ। ସଦର ବନରକ୍ଷୀ ପ୍ରିୟମ୍ବଦା ମହାନ୍ତି ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଶ୍ରୀମତୀ ମହାନ୍ତି, ବନପାଳ ସୁଶୀଲ କୁମାର ଜେନା ଓ ଅନ୍ୟ କର୍ମଚାରୀଙ୍କ ସହ ଅତର୍କିତ ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସମସ୍ତେ କୌଶଳକ୍ରମେ ଖସି ପଳାଇ ଯାଇଥିବା ବେଳେ କୃପାସିନ୍ଧୁକୁ ବନବିଭାଗ କର୍ମଚାରୀ କାବୁ କରିନେଇଥିଲେ। ଘଟଣାସ୍ଥଳରୁ ରନ୍ଧା କୁଟୁରା ମାଂସ ଜବତ ହୋଇଥିଲା। କୃପାସିନ୍ଧୁଙ୍କୁ ବନ ବିଭାଗ କର୍ମଚାରୀମାନେ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିବା ପରେ ଗିରଫ କରାଯାଇଛି। ଉକ୍ତ କୁଟୁରାଟି ନିକଟସ୍ଥ ଜଙ୍ଗଲରୁ ଶିକାର ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତଦନ୍ତରେ ବାଧା ସୃଷ୍ଟି କାରଣରୁ ଅନ୍ୟ ଅଭିଯୁକ୍ତମାନଙ୍କ ନାମ ଘୋଷଣା ହୋଇନାହିଁ।

ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ ଅବସରରେ ପଞ୍ଚାୟତ ଅଫିସରେ ବନ୍ୟପ୍ରାଣୀ ଶିକାର ଓ ଭୋଜି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଠଗଡ଼ ଏସିଏଫ୍ ମନୋଜ ପାତ୍ର କହିଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିର ଫୁଟେଜ୍‌କୁ ଜବତ କରିବା ସହ କାର୍ଯ୍ୟାଳୟକୁ ସିଲ କରିବା ପାଇଁ ଆଠଗଡ଼ ଉପଜିଲ୍ଲାପାଳ ଓ ପୁଲିସକୁ ବନବିଭାଗ ପକ୍ଷରୁ ଚିଠି ଲେଖାଯାଇଛି।

## ୧୩ରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

ଭୁବନେଶ୍ୱର, ୭।୧୦(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ରେ ମହାନଦୀ ସଂସଦ ବସିବ। ଭୁବନେଶ୍ୱରସ୍ଥିତ ହୋଟେଲ କେଶରୀର ସମ୍ମିଳନୀ

■ ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ ଏବଂ ଅନ୍ୟ ବିଶେଷଜ୍ଞ
■ ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା

କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଏହି ଘୋଷଣା କରାଯାଇଛି। ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧିମାନଙ୍କ ସହ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ, ମହାନଦୀ ଟ୍ରିବ୍ୟୁନାଲରେ ନିଯୁକ୍ତ ଅଧିବକ୍ତା, ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟର ଓକିଲ ତଥା ଦେଶର ବିଶିଷ୍ଟ ନଦୀ ବେଶଷଜ୍ଞମାନେ ଏଥିରେ



ଯୋଗଦେବେ। ବିଜେପି, ବିଜେଡି, କଂଗ୍ରେସ ତଥା ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ମଧ୍ୟ ଏଥିରେ ଯୋଗ ଦେବାକୁ ନିବେଦନ କରାଯାଇଛି ବୋଲି ଜଳ ମାନବ ଡ. ରାଜେନ୍ଦ୍ର ସିଂ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ମଧ୍ୟସ୍ଥତା ଭିତ୍ତିରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରୁଛି। ମାତ୍ର ଏହି ପ୍ରକ୍ରିୟାକୁ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ସୀମାବଦ୍ଧ କଲେ ସୁଫଳ ମିଳିବ ନାହିଁ। ମହାନଦୀର ଜଳ ଓ ଏହାର ବେସିନ୍ ସହ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞମାନଙ୍କ ଭିତରେ ମଧ୍ୟ ସହମତି ଆସିବା ଦରକାର। ସେଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ଡ. ସିଂ କହିଛନ୍ତି।

ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋସ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମ କୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ଏଥିରେ ଅଧ୍ୟକ୍ଷତା କରିବେ ବୋଲି ଆବାହକ ସୁଦର୍ଶନ ଦାସ ଜଣାଇଛନ୍ତି। ଇଣ୍ଡିଆନ୍ ପେନିନସୁଲାର ରିଭର ବେସିନ୍ ଓ ହିମାଳୟାନ ରିଭର ବେସିନ କାଉନସିଲ, ଛତିଶଗଡ଼ ନଦୀଘାଟି ମୋର୍ଚ୍ଚା, ଗୋଦାବରୀ ଓ କୃଷ୍ଣା କୁଟୁମ୍ବ, ଜଳ ଜନ ଯୋଡ଼ ଅଭିଯାନ ପ୍ରମୁଖ ସଂଗଠନଗୁଡ଼ିକ ଏଥିରେ ଯୋଗ ଦେବେ ବୋଲି ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି। ଆୟ ଅନୁସାରେ ବ୍ୟୟ ହେବ। ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। । ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୁକ୍ତିତର୍କ ହୋଇପାରେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ


- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା ।
- ୧୯୮୦ : ରୁଷ୍-ସିରିୟା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା ।
- ୧୯୯୮- ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।
- ୨୦୦୫- ପାକିସ୍ତାନରେ ରିଆକ୍ଟର ସ୍କେଲରେ ୭.୫ ତୀବ୍ରତାର ଭୂମିକମ୍ପ ହେବାରୁ ୭୦ ହଜାର ଲୋକଙ୍କ ପ୍ରାଣହାନି।

## ପରିବେଶ ଅନୁକୂଳ ପ୍ଲାଷ୍ଟିକ୍



ପରିବେଶ ପାଇଁ ବିପଦ ପ୍ଲାଷ୍ଟିକ୍। ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ତେବେ ଜାପାନର କୋବେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ ଜିନିଷ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ତତ୍ତ୍ୱଗୁଡ଼ିକର ସ୍ଥାନ ନେଇପାରେ। ବୈଜ୍ଞାନିକମାନେ ପାଇରିଡିନଡାଇକାର୍ବୋକ୍ସିଲିକ୍ ଏସିଡ୍ (ପିଡିସିଏ) ନାମକ ଏକ ସାମଗ୍ରୀ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ରସାୟନ ଟେରେଫଥେଲିକ୍ ଏସିଡ୍‌ର ସ୍ଥାନ ନେଇପାରେ। ପିଡିସିଏର ବିଶେଷତ୍ୱ ହେଉଛି, ଏହା ମାଟିରେ ସହଜରେ ମିଶିଯାଏ। ତା'ସହ ଏଥିରେ ନାଇଟ୍ରୋଜେନ୍ ଥିବାରୁ ଏହା ପରିବେଶ ଲାଗି ସୁରକ୍ଷିତ। ତେବେ ପ୍ରଥମେ ଯେତେବେଳେ ପିଡିସିଏ ତିଆରି କରିବାକୁ ଚେଷ୍ଟା କରାଗଲା ଉତ୍ପାଦନ ଖୁବ୍ କମ୍ ହେଉଥିଲା ଏବଂ ବିଷାକ୍ତ ଜୈବ ଉତ୍ପାଦ ବାହାରୁ ଥିଲା। ତେଣୁ ଜାପାନୀ ବୈଜ୍ଞାନିକ ଦଳ ଏଶ୍ଚେରିଆ କୋଲାଇ ଜୀବାଣୁକୁ ସଂଶୋଧିତ କରି ଏହି ସମସ୍ୟାର ସମାଧାନ ବାହାର କଲେ। ବୈଜ୍ଞାନିକମାନେ ଜୀବାଣୁଗୁଡ଼ିକୁ ଗ୍ଲୁକୋଜ ଦେବା ସହିତ କିଛି ଏନ୍‌ଜାଇମ୍‌ର ବ୍ୟବହାର କରିବାରୁ ଉତ୍ପାଦନ ସାତ ଗୁଣ ବୃଦ୍ଧି ପାଇଥିଲା। ଏପରିକି ବିଷାକ୍ତ ଜୈବ ଉତ୍ପାଦ ମଧ୍ୟ ଏଥିରୁ ବାହାରିଲା ନାହିଁ। ଅନ୍ୟପଟେ ପରିବେଶ ଅନୁକୂଳ ପ୍ଲାଷ୍ଟିକ୍ ତିଆରି ଦିଗରେ ଏହାକୁ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ସଙ୍କଟ ସମାଧାନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ମେଟାବୋଲିକ୍ ଇଞ୍ଜିନିୟରିଂ ପତ୍ରିକାରେ ପ୍ରକାଶ ପାଇଛି।

## ସଞ୍ଜୟଙ୍କ ସହ କାମ କରିବେ ଅହାନ୍



ଅହାନ୍ ପାଣ୍ଡେ 'ସୈୟାରା' ଫିଲ୍ମରୁ ବଲିଉଡ୍ ଡେବ୍ୟୁ କରିଛନ୍ତି। ତାଙ୍କର ପ୍ରଥମ ଫିଲ୍ମ ହିଁ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ସବୁଠୁ ବଡ଼ କଥା ହେଲା ଅହାନ୍‌ଙ୍କ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ଦର୍ଶକେ ଏବେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଅହାନ୍‌ଙ୍କୁ ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଅଫିସ୍ ଆଗରେ ଦେଖାଯାଇଥିଲା। ଏଥିରୁ ସେ ସଞ୍ଜୟଙ୍କ କୌଣସି ଫିଲ୍ମରେ କାମ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଅହାନ୍ ସଞ୍ଜୟଙ୍କ ଫିଲ୍ମରେ ହିରୋ ଭାବେ ଅଭିନୟ କରୁଛନ୍ତି ଏହା ତାଙ୍କ କ୍ୟାରିୟର ପାଇଁ ବେଶ୍ ଭଲ ହେବ ବୋଲି କୁହାଯାଉଛି। କାରଣ ସଞ୍ଜୟଙ୍କ ଫିଲ୍ମରେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନଙ୍କୁ ହିଁ କାମ କରିବାର ସୁଯୋଗ ମିଳିଥାଏ। ସବୁଠୁ ବଡ଼ କଥା ହେଲା, ତାଙ୍କ ଫିଲ୍ମଗୁଡ଼ିକ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥାଏ। ସଞ୍ଜୟ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମଟି ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।

## ଭିନ୍ନ ମଣିଷ

### ୧୦ ବର୍ଷ ଧରି ପତ୍ର ଖାଇ ବଞ୍ଚିଛନ୍ତି

କର୍ଣ୍ଣାଟକ, ବେଲାଗାଭି ଅଞ୍ଚଳର ଉଗାରାଗୋଲାର ୩୪ ବର୍ଷୀୟ ବୁଦାନ ମାଲିକ ହୋସାମାନି ଏବେ ତାଙ୍କ ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ଅଛନ୍ତି। ବୁଦାନ ଜଣେ ଯୋଗ ପ୍ରଶିକ୍ଷକ। ଦୀର୍ଘ ୧୦ ବର୍ଷ ହେଲାଣି ସେ ହେଗୋଲା ପାହାଡ଼ ଉପରେ ରହୁଛନ୍ତି। ଖାଦ୍ୟ ବଦଳରେ ସେ ବିଭିନ୍ନ ପ୍ରକାର ଗଛ ଲତାର ପତ୍ର ଖାଇଥାନ୍ତି। ଝରଣାର ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି। ଏଭଳି ଖାଦ୍ୟ ଖାଇ ମଧ୍ୟ ତାଙ୍କର ବେଶ୍ ବଳିଷ୍ଠ ଶରୀର ରହିଛି। ପ୍ରତିଦିନ ରାତି ୧୧ଟାରେ ଶୋଇ ଭୋର ୩ଟାରେ ବୁଦାନ ଉଠନ୍ତି। ଘଣ୍ଟାଏ ଯୋଗାଭ୍ୟାସ କରନ୍ତି। ଏହାପରେ ସେ ଦୁଇ ପ୍ଲେଟ୍ ପତ୍ର ଖାଇ ପାହାଡ଼ରୁ ଆସୁଥିବା ପାଣି ପିଅନ୍ତି। କିଛି ସମୟ ବିଶ୍ରାମ କରି ସେ ସ୍ନାନ କରନ୍ତି। ମଧ୍ୟାହ୍ନ ଭୋଜନରେ ବି ସେ ପତ୍ର ଖାଆନ୍ତି। ରାତି ୮ଟାରେ ଘଣ୍ଟାଏ ଯୋଗ କରି ପରେ ଏକ ପ୍ଲେଟ୍ ପତ୍ର ଖାଆନ୍ତି। କେବେକେବେ ବୁଦାନ ଭାତ ମଧ୍ୟ ଖାଆନ୍ତି। ଦୈନିକ ସେ ସାଢ଼େ ଚାରି ଘଣ୍ଟା ଶୁଅନ୍ତି। ତେବେ ମାଙ୍କଡ଼ମାନଙ୍କ ଜୀବନଚର୍ଯ୍ୟାରୁ ପ୍ରେରିତ ହୋଇ ସେ ଏପରି କରୁଥିବା ବୁଦାନ କହିଛନ୍ତି। ବର୍ତ୍ତମାନ ସେ ପାଖାପାଖି ୮୦ ପ୍ରକାରର ଗଛର ପତ୍ର ଖାଉଛନ୍ତି। ଏଥିପାଇଁ ତାଙ୍କୁ କେବେ ଜ୍ୱର କିମ୍ବା ଥଣ୍ଡା କାଶ ହୋଇନାହିଁ ବୋଲି ସେ କହିଛନ୍ତି। ସେ ତାଙ୍କ ଜୀବନରେ ମାତ୍ର ୩ ଥର ହସ୍‌ପିଟାଲ ଯାଇଥିବା କହିଛନ୍ତି।

ତେବେ ପିଲାଟି ଦିନରୁ ବୁଦାନ ଅଧିକ ସମୟ ପାହାଡ଼ରେ କାଟୁଥିଲେ। ସନ୍ଧ୍ୟା ହେଲେ ହିଁ ଘରକୁ ଫେରୁଥିଲେ। ୧୦ ବର୍ଷ ପୂର୍ବରୁ ସେ ଭାତ, ରୁଟି, ଚିକେନ୍, ମଟନ୍ ଆଦି ସବୁ ଖାଉଥିଲେ। ଏବେ ସେ ଗଛର ପତ୍ରଗୁଡ଼ିକୁ ଦିବ୍ୟ ଭୋଜନ ମନେ କରୁଛନ୍ତି। ତେବେ ସବୁଜ ପତ୍ର ଖାଇବା ସତ୍ତ୍ୱେ ତାଙ୍କର ପେଟଜନିତ କୌଣସି ରୋଗ ନାହିଁ। ବୁଦାନ ନିୟମିତ ୫୦ ପ୍ରକାର ଆସନ କରିଥାନ୍ତି। ଦିନସାରା ସେ ପାହାଡ଼ରେ ବୁଲନ୍ତି। ମୋବାଇଲରେ ପ୍ରତିଦିନ ଗରୁଡ଼ ଓ ଶିବ ପୁରାଣ ପଢ଼ନ୍ତି। ତାଙ୍କୁ ଟଙ୍କାର ଆବଶ୍ୟକତା ହେଲେ ସେ ରାଜମିସ୍ତ୍ରୀ କାମ କରନ୍ତି। ପାହାଡ଼କୁ ସେ ତାଙ୍କ ଘର କୁହନ୍ତି। ଏହା ତାଙ୍କୁ ସ୍ୱର୍ଗ ଭଳି ସୁଖ ଦେଇଥାଏ ବୋଲି ବୁଦାନ କହିଛନ୍ତି। ବୁଦାନଙ୍କ ପରିବାର କଥା କହିଲେ, ପିତାଙ୍କ ମୃତ୍ୟୁ ପରେ ମା' ତାଙ୍କ ଭାଇ ସହ ବେଙ୍ଗାଲୁରୁରେ ରୁହନ୍ତି। ଉଗାରାଗୋଲାରେ ତାଙ୍କର ଆହୁରି ଦୁଇ ଜଣ ଭାଇ ରହୁଛନ୍ତି। ତେବେ ବୁଦାନ ସାରା ଜୀବନ ଏକାକୀ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ୫.୯ ଫୁଟ ଉଚ୍ଚତା ବିଶିଷ୍ଟ ବୁଦାନଙ୍କ ଓଜନ ୬୦ କେଜି। ଗଛର ପତ୍ରକୁ ଖାଇ ହଜମ କରିବାର ଶକ୍ତି ଭଗବାନ ପଶୁପକ୍ଷୀମାନଙ୍କୁ ଦେଇଥିବାବେଳେ ବୁଦାନ ଏସବୁ ଖାଇ ହଜମ କରିବା ନିହାତି ଆଶ୍ଚର୍ଯ୍ୟକର ଘଟଣା ବୋଲି ଚିକିତ୍ସକମାନେ କହିଛନ୍ତି।



## ସମ୍ଭାବନା



## ଲାଙ୍ଗୁଏଜ୍ କୋର୍ସର ଲାଭ



ଆଜିର ସମୟରେ କୌଣସି ନୂଆ ଭାଷା ଶିଖିବା କେବଳ ଏକ ସଉକ ନୁହେଁ, ବରଂ ସଫଳତାର ପାହାଚ ପାଲଟିଛି। ନୂଆ ଭାଷା ଶିଖୁଥିବା ଲୋକଙ୍କୁ ନିଯୁକ୍ତିର ଭଲ ଅବସର ମିଳିଥାଏ। ବିଶେଷକରି ମଲଟିନ୍ୟାସନାଲ କମ୍ପାନି ଏବଂ ଆନ୍ତର୍ଜାତୀୟ ବ୍ୟବସାୟରେ। ଏହା ଭିଡ଼ ଭିତରେ ଭିନ୍ନ ଏକ ପରିଚୟ ପ୍ରଦାନ କରେ। ଗବେଷଣା କୁହେ, ନୂଆ ଭାଷା ଶିଖିବା ଦ୍ୱାରା ମସ୍ତିଷ୍କର ଚିନ୍ତା କରିବା କ୍ଷମତା, ମନେ ରଖିବାର କ୍ଷମତା ଏବଂ ସମସ୍ୟା ସମାଧାନ କରିବାର କଳା, କୌଶଳ ସୁଦୃଢ଼ ହୁଏ। ସେହିପରି କୌଣସି ନୂଆ ଭାଷା ଶିଖିଲେ, ସେହି ସ୍ଥାନର ଲୋକଙ୍କ ସଂସ୍କୃତି, ସେମାନଙ୍କର ଚାଲିଚଳଣି ଏବଂ ଚିନ୍ତାଧାରାକୁ ଭଲରେ ବୁଝିଥାଉ। ବିଦେଶ ଯାଉଥିଲେ ସେଠାକାର ସ୍ଥାନୀୟ ଭାଷା ଶିଖିବା ଦ୍ୱାରା ଯାତ୍ରା ସହଜ ଓ ମଜାଦାର ହୋଇଥାଏ। ନୂଆ ଭାଷା ଶିଖିବା ଦ୍ୱାରା ନିଜ ଭିତରେ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ସେହିପରି ବିଭିନ୍ନ ଭାଷା ସମ୍ବନ୍ଧିତ କୋର୍ସ ବିଶ୍ୱ ତମାମ ଲୋକଙ୍କ ସହ ଜଡ଼ିତ ହେବାର ସୁଯୋଗ ଦିଏ। କିଛି ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସେହି ଦେଶର ଭାଷା ଜାଣିବା ଜରୁରି। ଏ ଦୃଷ୍ଟିରୁ ଲାଙ୍ଗୁଏଜ୍ କୋର୍ସ ଉଚ୍ଚ ଶିକ୍ଷାର ରାସ୍ତାକୁ ଉନ୍ମୁକ୍ତ କରେ। ଇଣ୍ଟରନେଟ୍‌ରେ ଅନେକ ତଥ୍ୟ ବିଦେଶୀ ଭାଷାରେ ଉପଲବ୍ଧ। ତେଣୁ ଏକ ନୂଆ ଭାଷା ସେହି ଜ୍ଞାନ ପାଖରେ ପହଞ୍ଚାଏ।

## ଜେନ୍ ଜିଙ୍କ ମଧ୍ୟରେ ଲୋକପ୍ରିୟ 'ଫ୍ରେଣ୍ଡଫଲେସନ'



**ଆଜିକାଲି ସାମାଜିକ ଗଣମାଧ୍ୟମରେ ନୂଆ ନୂଆ ଶବ୍ଦ ଭାଇରାଲ ହେଉଛି। ଯାହା ବିଷୟରେ କ୍ୱଚିତ ଲୋକ ଜାଣନ୍ତି। ଏହି କ୍ରମରେ ଏଥିରୁ ଅନ୍ୟତମ 'ଫ୍ରେଣ୍ଡଫଲେସନ।' ଏହି ଶବ୍ଦ ଜେନ୍ ଜିଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି। ତେବେ ଏହାର ଅର୍ଥ କ'ଣ ଓ କାହିଁକି ଶବ୍ଦଟିର ଲୋକପ୍ରିୟତା ବଢ଼ୁଛି, ସେ ସମ୍ପର୍କରେ ଜାଣିବା।**

- ଫ୍ରେଣ୍ଡ (ବନ୍ଧୁ) ଏବଂ ଇନଫଲେସନ (ମହଙ୍ଗା) ରୁ ଦୁଇଟି ଶବ୍ଦରୁ ମିଶି 'ଫ୍ରେଣ୍ଡଫଲେସନ' ହୋଇଛି। ଆଜିକାଲି ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବା ମହଙ୍ଗା ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ଶବ୍ଦର ଲୋକପ୍ରିୟତା ବଢ଼ିଛି। ତେବେ ଫ୍ରେଣ୍ଡଫଲେସନର ସିଧା ଅର୍ଥ ହେଲା ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବାରେ ଅଧିକ ଅର୍ଥ ଖର୍ଚ୍ଚ କରିବା। ଏବେ ଅନେକେ ସାଙ୍ଗସାଥୀଙ୍କ ସହ ଦେଖା କରିବା ଏବଂ ସମୟ ଅତିବାହିତ କରିବା ଲାଗି କାଫେ, ପାର୍ଟି ଏବଂ ଭିନ୍ନ ଭିନ୍ନ ଆଉଟିଂ ଡେଷ୍ଟିନେସନର ସାହାରା ନିଅନ୍ତି। ଏ ଲାଗି ଅତ୍ୟଧିକ ଟଙ୍କା ଖର୍ଚ୍ଚ ହୁଏ। ତେଣୁ ଏଭଳି ସ୍ଥଳେ ଫ୍ରେଣ୍ଡଫଲେସନ ବ୍ୟବହାରର ଉପଯୋଗିତା ଗୁରୁତ୍ୱ ବହନ କରେ। ତେଣୁ ଏହା ଜେନ ଜେଡ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି।
- ଆଜିର ସମୟରେ ବନ୍ଧୁତା କେବଳ ଇମୋସନାଲ ଆଟାଚମେଣ୍ଟ ପର୍ଯ୍ୟନ୍ତ ସୀମିତ ରହି ନାହିଁ, ଏହା ଲୋକଙ୍କ ବଜେଟ୍ ଉପରେ ଖୁବ୍ ପ୍ରଭାବ ପକାଉଛି। ଅନେକ ଲୋକ ସୋସିଆଲ ଷ୍ଟାଟସ ମେଣ୍ଟେନ କରିବା ଲାଗି ସାଙ୍ଗଙ୍କ ସହିତ ମହଙ୍ଗା କାଫେ ଏବଂ ପାର୍ଟିକୁ ଯିବାକୁ ପସନ୍ଦ କରୁଛନ୍ତି। ଏଭଳି କରିବା ପଛର ଉଦ୍ଦେଶ୍ୟ କେବଳ ନିଜ ବନ୍ଧୁତାକୁ ବଜାୟ ରଖିବା।
- ବର୍ତ୍ତମାନ ଜନ୍ମଦିନ ପାର୍ଟି କେକ୍ ଓ ସ୍ନାକ୍ସରେ ସୀମିତ ନାହିଁ। ଘରେ ବି ପାର୍ଟି ରଖିବା ପାଇଁ ଲୋକଙ୍କୁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି। ଏହା ଯୋଗୁଁ ଆର୍ଥିକ ଚାପ ଏବଂ ମାନସିକ ଚାପ ଉଭୟର ସାମ୍ନା କରିବାକୁ ପଡ଼ୁଛି। ତେଣୁ ଅନେକ ଏବେ ଭାବୁଛନ୍ତି ବନ୍ଧୁତା ମଧ୍ୟ ମହଙ୍ଗା ହୋଇଛି। ତେବେ ପ୍ରକୃତ ବନ୍ଧୁତା ଥିଲେ ଏଭଳି ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଏହାର ଅର୍ଥ ନୁହେଁ ଯେ, ଆଦୌ ଖର୍ଚ୍ଚ କରିବାକୁ ମନା କରାଯାଉଛି। ପ୍ରଥମେ ଟଙ୍କା ସଞ୍ଚୟ କରି ସାଙ୍ଗମାନଙ୍କ ସହିତ ବୁଲାବୁଲି କରିବାକୁ ଯାଇପାରିବେ। ଅନ୍ୟପଟେ ସାଙ୍ଗସହିତ ଖାଇବା ପିଇବା ଖର୍ଚ୍ଚ ଭାଗ ବାଣ୍ଟି ମିଳିମିଶି ଖର୍ଚ୍ଚ କରିବା ଦରକାର।

## ସାକ୍ଷାତକାରରେ କ'ଣ ନେବେ

**ସାକ୍ଷାତକାରକୁ ଯିବା ବେଳେ ଲୋକେ ନିଜ ବେଶଭୂଷା ଉପରେ ଗୁରୁତ୍ୱ ଦିଅନ୍ତି। ତା'ସହ କିଛି ଜରୁରି ଜିନିଷ ସାଙ୍ଗରେ ନିଅନ୍ତି। ତେବେ ସାକ୍ଷାତକାରକୁ ଯିବା ବେଳେ ସାଙ୍ଗରେ କ'ଣ ନେଇକି ଯିବେ, ସେ ସମ୍ପର୍କରେ ଜାଣିବା।**



- ବେଳେ ବେଳେ ସାକ୍ଷାତକାରରେ ଏକରୁ ଅଧିକ ଲୋକ ଥାନ୍ତି। ତେଣୁ ନିଜ ସହ ନିଜ ବାୟୋଡାଟାର ୩-୪ଟି କପି ନେଇ ଯାଆନ୍ତୁ।
- ଚାକିରି ପାଇଁ କଭର୍ ଲେଟର ପ୍ରେରଣ କରିଥିଲେ, ତାହାକୁ ସାଙ୍ଗରେ ରଖିବା ଉଚିତ।
- ଆଧାରକାର୍ଡ, ପ୍ୟାନ୍ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଭଳି ଜରୁରି କାଗଜପତ୍ର ସାଙ୍ଗରେ ନିଅନ୍ତୁ ।
- ଡିଗ୍ରୀ, ମାର୍କସିଟ୍, ଅଭିଜ୍ଞତା ସହ ଜଡ଼ିତ ଦସ୍ତାବିଜ୍‌ର ଏକ ହୋଲଡର କରନ୍ତୁ।
- ଗ୍ରାଫିକ୍ ଡିଜାଇନ, ଫଟୋଗ୍ରାଫି ସହିତ ଜଡ଼ିତ ଚାକିରି ପାଇଁ ସାକ୍ଷାତକାର ଦେଉଥିଲେ ନିଜର ପୋର୍ଟଫୋଲିଓ ନିହାତି ନିଅନ୍ତୁ।
- ଜରୁରି କଥାକୁ ଲେଖିବା ପାଇଁ କାଗଜ ଓ କଲମ ପାଖରେ ରଖନ୍ତୁ।
- ଭୟଭୀତ ନ ହୋଇ ଆତ୍ମବିଶ୍ୱାସର ସହ ସାକ୍ଷାତକାରକୁ ଯିବା ଉଚିତ।

## ବ୍ୟକ୍ତିତ୍ୱ ବିକାଶର ଉପାୟ

**ପ୍ରତ୍ୟେକ ମାଆବାପା ଚାହାନ୍ତି, ପିଲାମାନେ ନିଜ ଜୀବନରେ ଆଗକୁ ବଢ଼ନ୍ତୁ। ସେଥିପାଇଁ ସେମାନେ ସବୁ ପ୍ରକାର ପ୍ରୟାସ ପ୍ରାରମ୍ଭରୁ କରିଥାନ୍ତି। ତେବେ ପିଲାବେଳୁ ସେମାନଙ୍କୁ ନିମ୍ନ ପ୍ରଦତ୍ତ କେତେକ ଅଭ୍ୟାସରେ ଅଭ୍ୟସ୍ତ କରାଇବା ଦରକାର, ଯାହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବା ସହ ସେମାନଙ୍କ ଜୀବନରେ ସଫଳତା ଲାଭ କରିବାରେ ବି ସାହାଯ୍ୟ କରିବ।**



- ପିଲାଙ୍କୁ ସକାରାତ୍ମକ ଚିନ୍ତାଧାରା ସହ ଜୀବନ ଜିଇଁବା ଶିଖାନ୍ତୁ। ସକାରାତ୍ମକ ଚିନ୍ତାଧାରା ହିଁ ଜଟିଳ ସମସ୍ୟାକୁ ସାମ୍ନା କରିବାରେ ସହାୟକ ହୋଇଥାଏ।
- ପିଲାବେଳୁ ପିଲାମାନଙ୍କ ମଧ୍ୟରେ ଶିଖିବାର କଳା ରହିବା ଜରୁରି। ଏହି ଅଭ୍ୟାସ ସେମାନଙ୍କ ଜୀବନରେ ଉନ୍ନତି ଦିଗରେ ସହାୟକ ହୁଏ।
- ପିଲାଙ୍କୁ ନିଜ ଉପରେ ଗୁରୁତ୍ୱ ଦେବା ଜରୁରି। ଅନ୍ୟ ସହ ନିଜକୁ ତୁଳନା ନ କରି ନିଜ କାମ ଉପରେ ଧ୍ୟାନ ଦିଅନ୍ତୁ।
- ମୋବାଇଲ ପିଲାଙ୍କ ଦକ୍ଷତା ବିକାଶକୁ ପ୍ରଭାବିତ କରୁଛି। ସେଥିପାଇଁ ମୋବାଇଲ ବ୍ୟତୀତ ବହି ପଢ଼ା ଅଭ୍ୟାସକୁ ଆପଣାଇବା ଭଲ।
- ଏହାବାଦ୍ ପିଲାଙ୍କ ମଧ୍ୟରେ ସେଲଫ୍ ଡିସିପ୍ଲିନ୍ ରହିବା ଜରୁରି। ଏହା ସେମାନଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ। ଏଣୁ ନିଜ ଭିତରେ ଅନୁଶାସନ ରହିବା ଭଲ।

## ଭାରତ-ଅଷ୍ଟ୍ରେଲିଆ ସୀମିତ ଓଭର ସିରିଜ

# ମାର୍ଶଙ୍କୁ ନେତୃତ୍ୱ; ଦିନିକିଆକୁ ଫେରିଲେ ଷ୍ଟାର୍କ

ସିଡ୍ନୀ, ୭ ।୧୦ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୀମିତ ଓଭର ସିରିଜ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ଦିନିକିଆ ଓ ଟି-୨୦ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ବ୍ୟାଟର୍ ମିଚେଲ ମାର୍ଶଙ୍କୁ ଉଭୟ ଫର୍ମାଟ୍ ଲାଗି ନେତୃତ୍ୱ ଭାର ଦିଆଯାଇଛି। ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ମାର୍ଶ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ସେହିଭଳି ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ପାଖାପାଖି ଏକ ବର୍ଷ ପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ଲାଗି ସେ ଗତବର୍ଷ ନଭେମ୍ବରରେ ପାକିସ୍ତାନ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଷ୍ଟାର୍କଙ୍କ ବ୍ୟତୀତ ମାଇକେଲ ଓ୍ୱିନ, ମାଥ୍ୟୁ ରେନଶ ଓ ମାଥ୍ୟୁ ଶର୍ଟ ମଧ୍ୟ ୫୦ ଓଭର ଫର୍ମାଟ୍କୁ ଫେରିଛନ୍ତି। ଅପରପକ୍ଷରେ ୨୦୨୩ ବିଶ୍ୱକପ୍ରେ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ପ୍ରମୁଖ ସଦସ୍ୟ ରହିଥିବା ମାର୍ନସ ଲାବୁଶେନଙ୍କୁ ଖରାପ ଫର୍ମ ଲାଗି ଦିନିକିଆ ଦଳରୁ ବାଦ୍ ଦିଆଯାଇଛି। ସେହିଭଳି ରିଷ୍ଟ ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଉଭୟ ସିରିଜ ଲାଗି ଦଳରେ ସ୍ଥାନ ମିଳିନାହିଁ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୧୯ରୁ ଆରମ୍ଭ ହେବ। ଏହାପରେ ଅକ୍ଟୋବର ୨୯ରୁ ପାଞ୍ଚଟିକିଆ ଟି-୨୦ ସିରିଜ ଖେଳାଯିବ। ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି।



**ଅଷ୍ଟ୍ରେଲିଆ ଦିନିକିଆ ଦଳ** : ମିଚେଲ ମାର୍ଶ (ଅଧିନାୟକ), ଆଲେକ୍ସ କେରୀ, ଜାଭିଅର ବାର୍ତ୍ତଲେଟ୍, ନାଥନ ଏଲିସ, ବେନ ଡାରୱିସ, କୁପର କନ୍ନୋଲୀ, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓ୍ୱିନ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମିଚେଲ ଷ୍ଟାର୍କ ଓ ଆଦାମ ଜାମ୍ପା।

**ଅଷ୍ଟ୍ରେଲିଆ ଟି-୨୦ ଦଳ** : ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ୍, ଜାଭିଅର ବାର୍ତଲେଟ୍, ଟିମ୍ ଡେଭିଡ୍, ନାଥନ ଏଲିସ, ବେନ ଡାରୱିସ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓ୍ୱିନ, ମାଥ୍ୟୁ ଶର୍ଟ, ଆଦାମ ଜାମ୍ପା, ମାର୍କସ ଷ୍ଟୋଇନିସ, ମାଥ୍ୟୁ କୁନେମାନ୍।

### ଭାରତ-ଅଷ୍ଟ୍ରେଲିଆ ସିରିଜ କାର୍ଯ୍ୟସୂଚୀ

| | | |
|---|---|---|
| ଅକ୍ଟୋବର ୧୯ | : | ପ୍ରଥମ ଦିନିକିଆ, ପର୍ଥ |
| ଅକ୍ଟୋବର ୨୩ | : | ଦ୍ୱିତୀୟ ଦିନିକିଆ, ଆଡିଲେଡ୍ |
| ଅକ୍ଟୋବର ୨୫ | : | ତୃତୀୟ ଦିନିକିଆ, ସିଡ୍ନୀ |
| ଅକ୍ଟୋବର ୨୯ | : | ପ୍ରଥମ ଟି-୨୦, କାନବେରା |
| ଅକ୍ଟୋବର ୩୧ | : | ଦ୍ୱିତୀୟ ଟି-୨୦, ମେଲବୋର୍ଣ୍ଣ |
| ନଭେମ୍ବର ୨ | : | ତୃତୀୟ ଟି-୨୦, ହୋବାର୍ଟ |
| ନଭେମ୍ବର ୬ | : | ଚତୁର୍ଥ ଟି-୨୦, ଗୋଲ୍ଡ କୋଷ୍ଟ |
| ନଭେମ୍ବର ୮ | : | ପଞ୍ଚମ ଟି-୨୦, ବ୍ରିସବେନ |

ବି.ଦ୍ର.: ଦିନିକିଆ ମ୍ୟାଚ୍ ସକାଳ ୯ଟାରୁ ଏବଂ ଟି-୨୦ ଅପରାହ୍ଣ ୧.୪୫ରୁ ଆରମ୍ଭ ହେବ।

## ସାର୍ଟିଫାଏଡ୍ ଡ୍ରୋନ୍ ପାଇଲଟ୍ ହେଲେ ଧୋନି


ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ସୌଖିନ କାର ଓ ସୁପରବାଇକ୍ ପ୍ରତି ଦୁର୍ବଳତା



ରହିଥିବା ସମସ୍ତେ ଜାଣିଛନ୍ତି। ରାଞ୍ଚିସ୍ଥିତ ତାଙ୍କ ଫାର୍ମ ହାଉସରେ ସେ ଏକାଧିକ ଦାମୀ କାର୍ ଓ ବାଇକ୍ ସଜ୍ଜିତ କରି ରଖିଛନ୍ତି। ଏହାବାଦ୍ ଧୋନି ଇଞ୍ଜିନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ମଧ୍ୟ ଆକର୍ଷଣ ରଖିଥାନ୍ତି। ସଦ୍ୟ ଧୋନି ଏହି କ୍ଷେତ୍ରରେ ଏକ ସଫଳତା ପାଇଛନ୍ତି। ମଙ୍ଗଳବାର ଧୋନି ସାମାଜିକ ଗଣମାଧ୍ୟମ ଜରିଆରେ ଘୋଷଣା କରିଛନ୍ତି ଯେ ସେ ଆନୁଷ୍ଠାନିକ ଭାବେ ଏକ ଡ୍ରୋନ ପାଇଲଟ୍ ଲାଇସେନ୍ସ ପାଇଛନ୍ତି। ୪୪ ବର୍ଷୀୟ ଧୋନି ବର୍ତ୍ତମାନ ଭାରତର ପ୍ରମୁଖ ଡ୍ରୋନ ନିର୍ମାତା କମ୍ପାନୀ ଗରୁଡ ଏରେସ୍ପେସର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ଏହି କମ୍ପାନୀର ଏକ ଡ୍ରୋନ ପାଇଲଟ୍ ତାଲିମ କାର୍ଯ୍ୟକ୍ରମ ଚେନ୍ନଇରେ ଶେଷ ହୋଇଥିଲା। ଡିଜିସିଏ ଅନୁମୋଦିତ ଏହି ରିମୋଟ ପାଇଲଟ୍ ତାଲିମରେ ଧୋନି ବ୍ୟକ୍ତିଗତ ଭାବେ ତାଲିମ ନେବା ସହ ପାଇଲଟ୍ ଭାବରେ ପ୍ରମାଣପତ୍ର ପାଇଛନ୍ତି ବୋଲି ଗରୁଡ଼ ଏରୋସ୍ପେସ କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ, ଧୋନି କ୍ରିକେଟ୍ ଦୁନିଆ ବାହାରେ ଏକାଧିକ କ୍ଷେତ୍ରରେ ମଧ୍ୟ ସଫଳତା ପାଇଛନ୍ତି। ତାଙ୍କୁ ୨୦୧୧ରେ ଟେରିଟୋରିଆଲ ଆର୍ମିର ପାରାସୁଟ୍ ରେଜିମେଣ୍ଟରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରେ ସମ୍ମାନିତ କରାଯାଇଥିଲା। ସେହିଭଳି ପ୍ରଶିକ୍ଷିତ ପାରାଚୁଟର୍ ଭାବେ ମଧ୍ୟ ଯୋଗ୍ୟତା ହାସଲ କରିଥିଲେ।

## ସିଜନର ୬୦ତମ ବିଜୟ ହାସଲ କଲେ ସ୍ୱିଆଟେକ

ଉହାନ, ୭ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ଉହାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଆଟେକ ସହଜ ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚରେ ଦ୍ୱିତୀୟ ସିଡ୍ ସ୍ୱିଆଟେକ୍ ୬-୧, ୬-୧ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ପୋଲାଣ୍ଡ



ତାରକା ସ୍ୱିଆଟେକଙ୍କୁ ମାତ୍ର ଏକ ଘଣ୍ଟା ୧୮ ମିନିଟ୍ ସମୟ ଲାଗିଥିଲା। ସେହିଭଳି ଚଳିତ ବର୍ଷ ଏହା ତାଙ୍କର ୬୦ତମ ବିଜୟ ଥିଲା। ଏହାବାଦ୍ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସ୍ୱିଆଟେକ ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିଛନ୍ତି। ୧୫୩ତମ ମ୍ୟାଚ୍ ଖେଳୁଥିବାବେଳେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ କମ୍ ମ୍ୟାଚ୍ ଖେଳି ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିବାର ରେକର୍ଡ ଷ୍ଟେଫି ଗ୍ରାଫ୍ (୧୨୨ ମ୍ୟାଚ୍)ଙ୍କ ନାମରେ ରହିଛି। ମାର୍ଟିନା ହିଙ୍ଗିସ (୧୪୫) ଓ ସେରେନା ୱିଲିୟମ୍ସ (୧୪୪ତମ ମ୍ୟାଚ) ମଧ୍ୟ ସ୍ୱିଆଟେକଙ୍କଠୁ କମ୍ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି।

● ଆଇସିସି ମହିଳା ଦିନିକିଆ ର୍ୟାଙ୍କିଙ୍ଗ

## ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

ଦୁବାଇ, ୭ ।୧୦ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମହିଳା ଦିନିକିଆ ର୍‌ୟାଙ୍କିଙ୍ଗ ପ୍ରକାଶ ପାଇଛି। ମଙ୍ଗଳବାର ସଦ୍ୟପ୍ରକାଶିତ ର୍‌ୟାଙ୍କିଙ୍ଗରେ ଭାରତର ତାରକା ମହିଳା ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନକୁ ବଜାୟ ରଖିଛନ୍ତି। ମନ୍ଧାନା ୭୯୧ ରେଟିଂ ପଏଣ୍ଟ ସହ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଚଳିତ ଦିନିକିଆ ବିଶ୍ୱକପ୍‌ର



ପ୍ରଥମ ଦୁଇଟି ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ମାନ୍ୟତା ଉପରେ ପଡ଼ିନାହିଁ। ବିଶ୍ୱକପ୍‌ରେ ସେ ଶ୍ରୀଲଙ୍କା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ୮ ଓ ପାକିସ୍ତାନ ବିପକ୍ଷରେ ୨୩ ରନର ପାଳି ଖେଳିଥିଲେ। ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟକୌଣସି ଭାରତୀୟ ମହିଳା ବ୍ୟାଟର୍ ସ୍ଥାନ ପାଇବାରେ ସଫଳ ହୋଇନାହାନ୍ତି। ଅଧିନାୟିକା ହରମନପ୍ରୀତ୍ କୌର ୨ଟି ସ୍ଥାନ ହରାଇ ୧୬ରେ ରହିଛନ୍ତି। ମହିଳା ଦିନିକିଆ ବ୍ୟାଟିଂ ତାଲିକାର ୨ୟ ଓ ୩ୟ ସ୍ଥାନରେ ଯଥାକ୍ରମେ ଇଂଲଣ୍ଡର ନାଟାଲୀ ସ୍କିଭର-ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ବେଥ ମୁନୀ ପୂର୍ବଭଳି ସ୍ଥାନ ବଜାୟ ରଖିଛନ୍ତି। ସେହିଭଳି ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୭ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୫ମ ସ୍ଥାନରେ ପହଞ୍ଚିଛନ୍ତି।

ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଅଷ୍ଟ୍ରେଲିଆ-୧୩୫; ଭାରତ-୧୪୪/୭

ମାକୟ, ୭ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଭାରତ ପ୍ରଥମ ପାଳିରେ ଅଗ୍ରଣୀ ନେବାରେ ସଫଳ ହୋଇଛି। ଟସ୍ ଜିତି ଅଷ୍ଟ୍ରେଲିଆ ୟୁଥ୍ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ବୋଲିଂକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୟୁଥ ଦଳ ୪୩.୩ ଓଭରରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଲେକ୍ସ ଲି ୟଙ୍ଗ୍ ସର୍ବାଧିକ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭ୍ରମଣକାରୀ ଭାରତୀୟ ୟୁଥ୍ ଦଳ ପକ୍ଷରୁ ହେନିଲ ପଟେଲ ଓ ଖିଲାନ ପଟେଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଉଦ୍ଧବ ମୋହନଙ୍କୁ ୨ଟି ଏବଂ ଦୀପେଶ ଦେବେନ୍ଦ୍ରନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ଜବାବରେ ଭାରତୀୟ ୟୁଥ୍ ଦଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୭ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରିଛି। ହେନିଲ ୨୨ ଓ ଦୀପେଶ ୬ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖିଲାନ ପଟେଲ ୨୬, ବେଦାନ୍ତ ତ୍ରିବେଦୀ ୨୫, ବୈଭବ ସୂର୍ଯ୍ୟବଂଶୀ ୨୦ ଓ ବିହାନ ମାଲହୋତ୍ରା ୧୧ ରନ କରି ଆଉଟ୍ ହୋଇଛନ୍ତି। ଅଧିନାୟକ ଆୟୁଷ ମାଲହୋତ୍ରା ମାତ୍ର ୪ ରନ କରିଥିଲେ। ବୋଲିଂରେ କାସେ ବାର୍ଟନ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି। ୩ ୱିକେଟ୍ ବଳକା ଥାଇ ଭାରତ ୯ ରନରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୫୮ ରନରେ ଜିତି ୧-୦ରେ ଅଗ୍ରଣୀ ରହିଛି।

## ଅଲିମ୍ପିକ୍ସ ପଦକ ବିଜେତା ଅମନ ବାସନ୍ଦ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା କୁସ୍ତିଯୋଦ୍ଧା ଅମନ ସେରାୱତ ବାସନ୍ଦ ହୋଇଛନ୍ତି। ୨୨ ବର୍ଷୀୟ ଅମନ ଗତ ମାସରେ କ୍ରୋଏସିଆରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ ୫୭ କିଲୋଗ୍ରାମ ବର୍ଗରେ ଅଂଶଗ୍ରହଣ କରି ଅଧିକ ଓଜନ ଲାଗି ଅଯୋଗ୍ୟ ଘୋଷିତ ହୋଇଥିଲେ। ଧାର୍ଯ୍ୟ ବର୍ଗଠାରୁ ତାଙ୍କ ଓଜନ ୧.୭ କିଲୋଗ୍ରାମ ଅଧିକ ରହିଥିଲା। ଏହି ଘଟଣାରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍ଆଇ) ଅମନଙ୍କୁ ବାସନ୍ଦ କରିଛି। ସେପ୍ଟେମ୍ବର ୨୩ରୁ ଏହି ବାସନ୍ଦାଦେଶ ଲାଗୁ ହୋଇଛି। ଅମନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସମସ୍ତ କୁସ୍ତି ସମ୍ପର୍କିତ କାର୍ଯ୍ୟକଳାପରୁ ନିଷେଧ କରାଯାଇଛି। ତାଙ୍କ ପ୍ରଶିକ୍ଷକଙ୍କୁ ମଧ୍ୟ ଆନୁଷ୍ଠାନିକ ଚେତାବନୀ ଦିଆଯାଇଛି।



## ରାଜମାତା ଜିଜାବାଈ ଟ୍ରଫି: ଓଡ଼ିଶାର ୨ୟ ବିଜୟ

କଟକ,୭।୧୦(ସମିସ): ଛତିଶଗଡ଼ରେ ଚାଲିଥିବା ୩୦ତମ ଜାତୀୟ ସିନିଅର ମହିଳା ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫି ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ମଙ୍ଗଳବାର ଓଡ଼ିଶା ୩-୦ ଗୋଲରେ ଘରୋଇ ଛତିଶଗଡକୁ ହରାଇଛି। ଯଶୋଦା ମୁଣ୍ଡା ଏବଂ ଇପସିତା ରାଉତଙ୍କ ଗୋଟିଏ ଲେଖାଏ ଗୋଲ ସ୍କୋର ବଳରେ ପ୍ରଥମାର୍ଦ୍ଧ ଖେଳରେ ଓଡ଼ିଶା ଆଗୁଆ ରହିଥିଲା। ଏହାପରେ ୯୧ତମ ମିନିଟରେ ଅଧିନାୟିକା ପ୍ୟାରୀ ଖାଖା ଦଳ ପାଇଁ ୩ୟ ଗୋଲ ଦେଇଥିଲେ। ଆସନ୍ତା ୯ ତାରିଖରେ ତାମିଲନାଡୁ ବିପକ୍ଷରେ ଓଡ଼ିଶା ଅନ୍ତିମ ମ୍ୟାଚ୍ ଖେଳିବ।

## ଶତକ ପରେ ନିୟନ୍ତ୍ରଣ ହରାଇଲେ ପୃଥ୍ୱୀ

ପୁଣେ, ୭ ।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ସିଜନ ଅକ୍ଟୋବର ୧୫ରୁ ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ ରେକର୍ଡ ୪୨ଥରର ଚାମ୍ପିଅନ ମୁମ୍ବଇ ଓ ମହାରାଷ୍ଟ୍ର ମଧ୍ୟରେ ସ୍ଥାନୀୟ ଏମ୍‌ସିଏ ଷ୍ଟାଡିୟମରେ ତ୍ରି-ଦିବସୀୟ ୱାର୍ମ-ଅପ୍ ମ୍ୟାଚ୍

**ମୁମ୍ବଇ-ମହାରାଷ୍ଟ୍ର ରଣଜୀ ଟ୍ରଫି ୱାର୍ମ-ଅପ୍ ମ୍ୟାଚ୍**

ଖେଳାଯାଉଛି। ଏହି ମ୍ୟାଚରେ ପୃଥ୍ୱୀ ଶ’ଙ୍କ ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଛି। ମୁମ୍ବଇ ଦଳରେ ବାରମ୍ବାର ଅଣଦେଖା ହେବାରୁ ପୃଥ୍ୱୀ ଚଳିତ ସିଜନରୁ ମହାରାଷ୍ଟ୍ର ଦଳ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସେ ନିଜ ପୂର୍ବ ଦଳ ମୁମ୍ବଇ ବିପକ୍ଷରେ ୧୮୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି। ୧୪୦ ବଲରୁ ପୃଥ୍ୱୀ ତାଙ୍କ ଶତକ ପୂରଣ କରିଥିଲେ। ଏହାପରେ ୨୧୯ ବଲରେ ୧୮୧ ରନ କରି ମୁସିର ଖାନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହି ପାଳିରେ ୨୧ ଚୌକା ଓ ୩ ଛକା ସାମିଲ ଥିଲା। ନିଜ ପୂର୍ବ ଦଳ ବିପକ୍ଷରେ ଶତକ ହାସଲ କରିବା ସହ ୨୫ ବର୍ଷୀୟ ପୃଥ୍ୱୀ ମୁମ୍ବଇ ଟିମ୍ ମ୍ୟାନେଜମେଣ୍ଟକୁ ମଧ୍ୟ କଡ଼ା ଜବାବ ଦେଇଥିଲେ। ଏପରିକି ସେ ଆଉଟ୍ ହୋଇ ଆସିଲାବେଳେ ମୁମ୍ବଇର ମୁସିରଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିବା ଦେଖିବାକୁ ମିଳିଥିଲା। ନିଜ ଉପରୁ ନିୟନ୍ତ୍ରଣ ହରାଇ ମୁସିରଙ୍କ ପିଠିକୁ ପୃଥ୍ୱୀ ବ୍ୟାଟ୍‌ରେ ଆଘାତ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅମ୍ପାୟର ହସ୍ତକ୍ଷେପ କରି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଏହି ମ୍ୟାଚରେ ପୃଥ୍ୱୀ ଓପନିଂ ଯୋଡ଼ିରେ ଆର୍ଶିନ କୁଲକର୍ଣ୍ଣୀଙ୍କ ସହ ୪୯.୪ ଓଭରରୁ ୩୦୫ ରନର ଭାଗୀଦାରି ଗଢ଼ି ମହାରାଷ୍ଟ୍ରକୁ ଦୃଢ଼ ଆରମ୍ଭ ଦେଇଥିଲେ। କୁଲକର୍ଣ୍ଣୀ ମଧ୍ୟ ୧୪୦ ବଲରୁ ୧୮୬ ରନ କରିଥିଲେ। ଆଗାମୀ ରଣଜୀ ଟ୍ରଫିରେ ମହାରାଷ୍ଟ୍ର ଅକ୍ଟୋବର ୧୫ରେ କେରଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।




## ନିଖିଳ ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନରେ କିଟ୍‌ର ସଫଳତା




ଭୁବନେଶ୍ୱର, ୭ ।୧୦ (ଏଜେନ୍ସି): ନିଖିଳ ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରୀ ହର୍ଷିତା ରାଉତ ମହିଳା ଚାମ୍ପିଅନ ହୋଇଛନ୍ତି। ସେ ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ଡବଲ୍ ସଫଳତା ପାଇଥିଲେ। ସେହିଭଳି ହର୍ଷିତା ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ହର୍ଷିତାଙ୍କ ବାଦ୍ କିଟ୍‌ର ତୁମି ବାଗ୍‌ଚୀ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ କିଟ୍‌ର ଆର୍ଯ୍ୟ ମାଝୀ ସିଙ୍ଗଲ୍ସରେ ଟାଇଟଲ୍ ଜିତିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଆଇସିସି ମହିଳା ବିଶ୍ୱକପ୍

## ବିପର୍ଯ୍ୟୟରୁ ବର୍ତ୍ତିଗଲା ଇଂଲଣ୍ଡ

ଗୌହାଟୀ, ୭ ।୧୦ (ଏଜେନ୍ସି)

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଚାରିଥରର ଚାମ୍ପିଅନ ଇଂଲଣ୍ଡ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଛି। ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଇଂଲଣ୍ଡ ୪ ୱିକେଟ୍ ଓ ୨୩ ବଲ୍ ବଳକା ଥାଇ ବାଂଲାଦେଶକୁ ପରାସ୍ତ କରିଛି। ୧୭୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଶକ୍ତିଶାଳୀ ଇଂଲଣ୍ଡ ଏକଦା ୨୨.୧ ଓଭରରେ ୭୮ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ଦଳୀୟ ସ୍କୋର ୧୦୩ ରନ ହୋଇଥିବାବେଳେ ଆଲିସେ କାପସୀ (୨୦ ରନ)ଙ୍କୁ ଆଉଟ୍ କରି ବାଂଲାଦେଶ ମହିଳା ଦଳ ଏକ ବଡ଼ ବିଜୟ ଅଭିମୁଖେ ଅଗ୍ରସର ହୋଇଥିଲା। କିନ୍ତୁ ଏହି ସମୟରେ ୩୪ ବର୍ଷୀୟା ଡାହାଣହାତୀ ବ୍ୟାଟର୍ ହେଥର ନାଇଟ୍ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଇଂଲଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ନାଇଟ୍ ଓ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଚାର୍ଲୋଟ୍ଟେ ଡିନ ଅବିଭକ୍ତ ୭ମ ୱିକେଟ୍ ଯୋଡ଼ିରେ ୭୯ ରନ ସଂଗ୍ରହ କରି ଇଂଲଣ୍ଡକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ନାଇଟ୍ ୧୧୧ ବଲରୁ ୮ ଚୌକା ଓ ଗୋଟିଏ ଛକା ସହ ୭୯ ରନ କରିଥିଲେ। ସେହିଭଳି ୫୬ ବଲରେ ୨୭ ରନର ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୩୨, ଟାମି ବିଉମଣ୍ଟ ୧୩ ରନ କରିଥିଲେ। ବାଂଲାଦେଶର ଫହିମା ଖାତୁନଙ୍କୁ ୩ଟି ୱିକେଟ୍ ମିଳିଥିଲା।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୪୯.୪ ଓଭରରେ ୧୭୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଶୋଭନା ମୋଷ୍ଟାରୀ ସର୍ବାଧିକ ୬୦ ରନ କରିଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଇକଲେଷ୍ଟୋନ ୩ ଏବଂ ଲିନସେ ସ୍ମିଥ, ଚାର୍ଲି ଡିନ ଓ ଆଲିସେ କାପସୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ବିଶ୍ୱକପ୍‌ରେ ଇଂଲଣ୍ଡ ମହିଳା ଦଳର ଦ୍ୱିତୀୟ ମ୍ୟାଚରୁ ଏହା ୨ୟ ବିଜୟ। ପୂର୍ବରୁ ଇଂଲଣ୍ଡ ଏହାର ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକା ମାତ୍ ଦେଇଥିଲେ। ଅପରପକ୍ଷରେ ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇଥିବା ବାଂଲାଦେଶକୁ ଆଜି ଆଉ ଏକ ବଡ଼ ବିଜୟରୁ ବଞ୍ଚିତ ହୋଇଛି।




**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
ଅଷ୍ଟ୍ରେଲିଆ - ପାକିସ୍ତାନ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS